# ପ୍ରଜାତନ୍ତ୍ର
The Prajatantra

79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୧୬୩ ● କଟକ ● ରବିବାର ● ୧୮ ଜାନୁଆରୀ-୨୦୨୬ ● ମକର-୧୭ ● ସାଲ୍-୧୪୩୧
CUTTACK ● SUNDAY ● 18 JANUARY-2026 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା


# କୋଲକାତା ଇନ୍‌ଭେଷ୍ଟର୍ସ ମିଟ୍
# ଆସିବ ଲକ୍ଷେ କୋଟି ପୁଞ୍ଜି

## ପୂର୍ବୋଦୟ ମିଶନ୍‌କୁ ଟିମ୍ ମୋହନ ବଳ




**କୋଲକାତା,(ପିପିଏସ୍):** ଓଡ଼ିଶାରେ ବଡ଼ ପୁଞ୍ଜି ନିବେଶ ହେବ। ପ୍ରାୟ ଏକ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆସିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କୋଲକାତାରେ ଆୟୋଜିତ 'ଓଡ଼ିଶା ଇନଭେଷ୍ଟର ମିଟ୍' ଅବସରରେ ଏଭଳି ବଡ଼ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ମହତ୍ୱାକାଂକ୍ଷାକୁ ଏକ ବଡ଼ ପ୍ରୋତ୍ସାହନ ସ୍ୱରୂପ ପ୍ରାୟ ୧ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପ୍ରତିଶ୍ରୁତି ସହିତ କୋଲକାତାରୁ ଫେରିଛି ଟିମ୍ ମୋହନ। ଯାହା 'ପୂର୍ବୋଦୟ ଭିଜନ' ଅଧୀନରେ ପୂର୍ବ ଭାରତର ଏକ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ ଭାବରେ ରାଜ୍ୟର ଉତ୍ଥାନକୁ ଦୃଢ଼କରିଛି। ଏହି ପ୍ରସ୍ତାବିତ ପୁଞ୍ଜିନିବେଶ ଓଡ଼ିଶାର ଭିଜନ୍ ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଦିଗରେ ବିକାଶ ରୋଡମ୍ୟାପ୍‌କୁ ଯଥେଷ୍ଟ ତ୍ୱରାନ୍ୱିତ କରିବ ଏବଂ ପାଖାପାଖି ୯୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିକରିବ ବୋଲି ଆଶା କରାଯାଉଛି। କୋଲକାତାର ଆଇଟିସି ସୋନାର ଠାରେ ଓଡ଼ିଶା ଇନଭେଷ୍ଟର୍ସ ମିଟ୍ ରୋଡ ସୋ'କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ରାଜ୍ୟ ସହ ଭାଗିଦାରୀ କରିବାକୁ ଆମନ୍ତ୍ରଣ କରିବା ସହ ପୂର୍ବ ଭାରତର ଅଭିବୃଦ୍ଧି ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିବର୍ତ୍ତେ ସହଯୋଗୀ ହେବ ବୋଲି ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ରଣନୈତିକ ଲାଭ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଏହାର ସୁଦୀର୍ଘ ଉପକୂଳ ଏବଂ ବନ୍ଦରଗୁଡ଼ିକ କିଭଳି ପୂର୍ବ ଓ କେନ୍ଦ୍ରୀୟ ଭାରତକୁ ସେବା ପ୍ରଦାନ କରୁଛି ଏବଂ ଶିଳ୍ପାୟନର ପ୍ରମୁଖ ସହାୟକ ହୋଇପାରିଛି ତାହା ଦର୍ଶାଇଥିଲେ। ରୋଡ୍ ସୋ'ରେ ୧୩୦ଟି ସ୍ୱତନ୍ତ୍ର ଉଚ୍ଚସ୍ତରୀୟ ବାର୍ତ୍ତାଳାପ ଏବଂ ଚାରୋଟି କ୍ଷେତ୍ର-ନିର୍ଦ୍ଦିଷ୍ଟ ଗୋଲଟେବୁଲ ଅନୁଷ୍ଠିତ ହୋଇଥିଲା। ୨୭ଟି ବୁଝାମଣା ପତ୍ର(ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଯେଉଁଥିରେ ୮୧,୮୬୪ କୋଟି ଟଙ୍କାର ନିବେଶ ସମ୍ଭାବନା ରହିଛି ଏବଂ ୬୩,୧୬୧ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏହାଛଡ଼ା ଏଥିରେ ୧୮,୪୫୩ କୋଟିର ୧୯ନିବେଶ ପ୍ରସ୍ତାବ ଗ୍ରହଣ କରାଯାଇଛି।

# ଶୀତରେ ଲାଗିବ ବ୍ରେକ୍
# ଆଜିଠୁ ବଢ଼ିବ ତାପମାତ୍ରା



**ଭୁବନେଶ୍ୱର,(ପିପିଏସ୍):** ହାଡ଼ଭଙ୍ଗା ଶୀତରେ ଥରୁଛି ସାରା ଓଡ଼ିଶା। ରବିବାରଠାରୁ ଶୀତର ପରିମାଣ ହ୍ରାସ ହୋଇପାରେ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାତି ତାପମାତ୍ରା ୨ରୁ ୪ଡିଗ୍ରୀ ବୃଦ୍ଧି ହେବା ସହ ପ୍ରବଳ ଶୀତରେ ସାମାନ୍ୟ ବ୍ରେକ୍ ଲାଗିବାର ସମ୍ଭାବନା ରହିଛି। ପଶ୍ଚିମା ଝଡ଼ ପ୍ରଭାବରେ ତାପମାତ୍ରା ବଢ଼ିବା ସହ ଶୀତ କମିପାରେ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ଆଗାମୀ ୨୪ଘଣ୍ଟା ପାଇଁ ଶୀତ ଲହରୀକୁ ନେଇ ୮ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଜିଲ୍ଲା ଗୁଡ଼ିକ ହେଉଛି ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଅନୁଗୋଳ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା। ସେହିପରି ରାଜ୍ୟର ଅନେକ ସ୍ଥାନରେ କୁହୁଡ଼ି ଦୃଶ୍ୟମାନ ହେଉଥିବା ବେଳେ ଆଗାମୀ ୫ଦିନ ପର୍ଯ୍ୟନ୍ତ କିଛି ଜିଲ୍ଲାକୁ କୁହୁଡ଼ି ପାଇଁ ସର୍ତକ କରିଛି ପାଣିପାଗ ବିଭାଗ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ସକାଳ ସମୟରେ କୁହୁଡ଼ି ଦୃଶ୍ୟମାନ ହେବାର ସମ୍ଭାବନା ରହିଛି। ତେଣୁ ସତର୍କତାର ସହ ଗାଡ଼ି ଚାଳନା ପାଇଁ ବିଭାଗ ପରାମର୍ଶ ଦେଇଛି। ଗତ ୨୪ଘଣ୍ଟା ମଧ୍ୟରେ ୧୫ ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ପାହାଡ଼ିଆ ଅଞ୍ଚଳ ଭାବେ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରହିଥିଲା।

## ଅଟୋ-କାର୍ ଧକ୍କା: ଜଳିଗଲେ ଯାତ୍ରୀ

**ଫୁଲବାଣୀ,(ପିପିଏସ୍):** ଫୁଲବାଣୀରେ ଘଟିଛି ଭୟଙ୍କର ଦୁର୍ଘଟଣା। ପରସ୍ପରକୁ ଧକ୍କା ଦେଇ ଜଳିଯାଇଛି ଅଟୋ-କାର୍। ଗାଡ଼ି ଭିତରେ ଜଣେ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଦାତପାଜୁରେ ଘଟିଛି ଏଭଳି ମର୍ମନ୍ତୁଦ ଦୁର୍ଘଟଣା। ଭେଟଖୋଲ ଘାଟି ନିକଟରେ ଏକ କାର୍ ଓ ଅଟୋ ମୁହାଁମୁହିଁ ହୋଇଥିଲା। ଦୁର୍ଘଟଣା ଏତେ ଭୟାବହ ଥିଲା ଯେ ହୁତୁହୁତୁ ହୋଇ ଜଳିଯାଇଥିଲା ଉଭୟ ଗାଡ଼ି। ଜଣେ ଗାଡ଼ି ଭିତରୁ ବାହାରି ନପାରି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଆଉ ତିନିଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଫୁଲବାଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଫୁଲବାଣୀ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିବାବେଳେ ପୁଲିସ ଘଟଣାର ତଦନ୍ତ କରୁଛି।

## ୨୪ରୁ ଗଡ଼ିବନି ଘରୋଇ ବସ୍!

**କଟକ,(ପିପିଏସ୍):** ୨୪ରୁ ଗଡ଼ିବନି ଘରୋଇ ବସ୍। ମୁଖ୍ୟମନ୍ତ୍ରୀ ବସ୍ ବ୍ଲକ୍‌ରୁ ଜିଲ୍ଲା ହେଡ୍‌କ୍ୱାର୍ଟରକୁ ଆସିବାକୁ ନେଇ ବିବାଦ ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ କରିବାକୁ ଘରୋଇ ବସ୍ ମାଲିକ ସଂଘ ଦାବିକରିଛି। ଆସନ୍ତା ୨୩ତାରିଖ ସୁଦ୍ଧା ଦାବିର ସମାଧାନ କରିବା ପାଇଁ ସଂଘ ଚେତାବନୀ ଦେଇଛି। ଯଦି ୨୩ତାରିଖ ସୁଦ୍ଧା କୌଣସି ସମାଧାନ ନ ହୁଏ, ୨୪ତାରିଖରୁ କଟକରେ ସମସ୍ତ ଘରୋଇ ବସ୍ ବନ୍ଦରହିବ। କଟକକୁ ବାହାରୁ କୌଣସି ବସ୍‌କୁ ଆସିବାକୁ ଦିଆଯିବ ନାହିଁ।

## ପ୍ରସ୍ତୁତି ବୈଠକ ପରେ ରାଜ୍ୟ ନିର୍ବାଚନ କମିଶନରଙ୍କ ସୂଚନା

# ୨୦୨୭ ଜାନୁଆରୀ, ଫେବୃଆରୀରେ ହେବ ପଞ୍ଚାୟତ ଓ ପୌର ନିର୍ବାଚନ

**୫ ପର୍ଯ୍ୟାୟରେ ଭୋଟ୍ !**



**କଟକ,(ପିପିଏସ୍):** ୨୦୨୭ରେ ସାରା ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ନିର୍ବାଚନ କମିଶନ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ପୂର୍ବଥର ଭଳି ରାଜ୍ୟରେ ପ୍ରଥମେ ପଞ୍ଚାୟତ ଓ ପରେ ପୌର ନିର୍ବାଚନ ହେବ। ରାଜ୍ୟ ନିର୍ବାଚନ କମିଶନ୍ ୫ଟି ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନ ଓ ୨ଟି ପର୍ଯ୍ୟାୟରେ ପୌର ନିର୍ବାଚନ କରାଇବାକୁ ଯୋଜନା କରୁଛନ୍ତି। ଏହା ସହିତ କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ଏସ୍‌ଆଇଆର୍ ପ୍ରକ୍ରିୟା ମଧ୍ୟ ସାମିଲ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର କଟକରେ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ଏକ ମଣ୍ଡଳସ୍ତରୀୟ ଜିଲ୍ଲାପାଳ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ଏଥିରେ ଉପସ୍ଥିତ ରହି ଭୋଟର ତାଲିକା ପ୍ରସ୍ତୁତି, ନିର୍ବାଚନ ପାଇଁ ଆବଶ୍ୟକ ବାଲଟ୍‌ବକ୍ସ ଓ ଅନ୍ୟାନ୍ୟ ସରଞ୍ଜାମ ଯୋଗାଡ଼ ଏବଂ ଅସ୍ଥାୟୀ ବୁଥ୍‌କୁ ସ୍ଥାୟୀ ବୁଥ୍‌ରେ ପରିଣତ କରିବା ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି, ଆସନ୍ତା ବର୍ଷ ଜାନୁଆରୀ, ଫେବୃଆରୀରେ ପଞ୍ଚାୟତ ଓ ପୌର ନିର୍ବାଚନ ଅନୁଷ୍ଠିତ ହେବ। ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ମ୍ୟୁନିସିପାଲ କମିଶନର ଓ ଜିଲ୍ଲା ପଞ୍ଚାୟତ ଅଫିସରମାନଙ୍କୁ ନେଇ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ କରାଯାଇଛି। କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ଏସ୍‌ଆଇଆର୍ ପ୍ରକ୍ରିୟା ମାଧ୍ୟମରେ ଭୋଟର ତାଲିକାକୁ ନିର୍ଭୁଲ ଓ ସ୍ୱଚ୍ଛ କରିବା ପାଇଁ ଆସନ୍ତା ଫେବୃଆରୀ ଓ ମାର୍ଚ୍ଚ ମାସରେ ଘରକୁ ଘର ବୁଲି ସର୍ଭେ କରାଯିବ। ଏହି ସର୍ଭେ ଦ୍ୱାରା ଜଣେ ଭୋଟର ଯେପରି ଗୋଟିଏ ସ୍ଥାନରେ ଭୋଟ୍‌ଦେବେ ଏବଂ ଏକ ପରିବାରର ସମସ୍ତ ସଦସ୍ୟ ଯେପରି ଗୋଟିଏ ବୁଥ୍‌ରେ ରହିବେ ତାହା ନିଶ୍ଚିତ କରାଯିବ ବୋଲି ଅଧିକାରୀ କହିଛନ୍ତି। ଏଥିସହ ମୃତ୍ୟୁବରଣ କରିଥିବା ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବା ପ୍ରକ୍ରିୟା ମଧ୍ୟ ସହଜହେବ। ନିର୍ବାଚନ ପରିଚାଳନାକୁ ଶୃଙ୍ଖଳିତ କରିବା ପାଇଁ ଏହି ସମ୍ମିଳନୀରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ୧୦ଟି ଜିଲ୍ଲାର ଜିଲ୍ଲାପାଳ ଯୋଗ ଦେଇଥିଲେ।

**ଭୋଟର୍ ଲିଷ୍ଟରେ ସ୍ୱଚ୍ଛତା ପାଇଁ ଘରକୁ ଘର ବୁଲି କରାଯିବ ସର୍ଭେ**

**ପରିବାରର ସବୁ ସଦସ୍ୟଙ୍କୁ ଗୋଟିଏ ବୁଥ୍‌ରେ ଭୋଟ୍ ଦେବାପାଇଁ ତାଲିକା ପ୍ରସ୍ତୁତି**

**ନିଜ ୱାର୍ଡରେ ଭୋଟର୍‌ଙ୍କୁ ଭୋଟ୍ ଦେବାର ସୁବିଧା କରାଇବା ଲକ୍ଷ୍ୟ**

**ସ୍ଥାୟୀ ବୁଥ୍‌ରେ ପରିଣତ ହେବ ଅସ୍ଥାୟୀ ବୁଥ୍**

# ଗୋ-ତସ୍କରୀ ରୋକିବାକୁ ଅପରେସନ୍ 'ଗୋ-ରକ୍ଷା'

## ୫ ଜିଲ୍ଲାରେ କେନ୍ଦୁଝର ପୁଲିସ୍‌ର ୪୭ଟିମ୍ କରୁଛି ଚଢ଼ଉ

**ମାଫିଆ ରାଜନ୍ ଗିରଫ !**





**ପୁଳାପୁଳା ଟଙ୍କା, ସୁନାଗହଣା ଜବତ**

**କେନ୍ଦୁଝର/ବାରିପଦା/ଭଦ୍ରକ,(ପିପିଏସ୍):** ଦିନକୁ ଦିନ ରାଜ୍ୟରେ ବେଆଇନ ଗୋରୁ ଚାଲାଣ ବୃଦ୍ଧି ପାଉଥିବାରୁ ପୁଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଶୁକ୍ରବାର କେନ୍ଦୁଝର ପୁଲିସ ଭଦ୍ରକର ଜଣେ ଗୋ ମାଫିଆଙ୍କ ଘରେ ରେଡ୍ କରିଥିବା ବେଳେ ଶନିବାର କେନ୍ଦୁଝର ପୁଲିସର ୪୭ଟି ଟିମ୍ ରାଜ୍ୟର ୫ ଜିଲ୍ଲାରେ ଘନ ଘନ ରେଡ୍ ଜାରିରଖିଛି। ଅବୈଧ ଗୋ-ଚାଲାଣ ଲିଙ୍କ୍‌ରେ କେନ୍ଦୁଝର ପୁଲିସ କେନ୍ଦୁଝର ସମେତ ଭଦ୍ରକ, ଯାଜପୁର, ଖୋର୍ଦ୍ଧା ଏବଂ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗୋ ମାଫିଆଙ୍କ ଘରେ ଚଢ଼ଉ କରିଛି। ରେଡ୍ ସମୟରେ ୧ କୋଟି ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିବା ବେଳେ ଗୋରୁ ଉଦ୍ଧାର ହୋଇଛନ୍ତି। ଚଢ଼ଉରେ ୫ଜଣ ଡିଏସ୍‌ପି, ୨୫ ଇନ୍‌ସପେକ୍ଟର, ୩୬ଏସ୍‌ଆଇ ଓ ଏଏସ୍‌ଆଇଙ୍କ ସମେତ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। 'ଗୋରକ୍ଷା' ଅଭିଯାନରେ ୫ଟି ଜିଲ୍ଲାରେ ରେଡ୍ କରି ୯ଜଣ ଲୋକଙ୍କୁ ଅଟକ ରଖିବା ସହିତ, ସେମାନଙ୍କଠାରୁ ୧ କୋଟି ୪୦ ଲକ୍ଷ ଟଙ୍କା ନଗଦ ଟଙ୍କା ଜବତ କରିଛି ପୁଲିସ। କେବଳ ଟଙ୍କା ନୁହେଁ, ଏଥିସହିତ ୧ କେଜି ସୁନା, ୩ କେଜି ରୁପା, ୧୧ଟି ୪-ଚକିଆ ଗାଡ଼ି, ୧୩ଟି ୨-ଚକିଆ ଗାଡ଼ି, ମୋବାଇଲ ଫୋନ୍, ଜାଗା ଓ ଜମିର କାଗଜପତ୍ର, ବ୍ୟାଙ୍କ ଖାତା ଆଦି ଜବତ ହୋଇଛି। ଶନିବାର ସନ୍ଧ୍ୟା ସୁଦ୍ଧା ୧ଶହ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ବିଏନ୍‌ଏସ୍ ଧାରା ୧୦୭ ଅନୁଯାୟୀ ଏସବୁ ଜବତ କରିବାକୁ ପୁଲିସ, କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି କହିଛନ୍ତି କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନିତୀନ କୁଶଲକର। ଭଦ୍ରକ ଠାରେ କେନ୍ଦୁଝର ଜିଲ୍ଲା ପୁଲିସ ପକ୍ଷରୁ ଗୋ ମାଫିଆଙ୍କ ଘରେ ଚଢ଼ଉ କରାଯାଇଛି। ଗୋ ତସ୍କରୀ ଲିଙ୍କ୍ ଅଭିଯୋଗ ହେବା ପରେ କେନ୍ଦୁଝର ପୁଲିସ ସ୍କାନରରେ ଥିଲା ଗୋ ଚାଲାଣ ମାଫିଆ ରାଜନ୍। ବିଳମ୍ବିତ ରାତ୍ରିରୁ ଭଦ୍ରକ ପୁଲିସ ସହାୟତାରେ ଚଢ଼ଉ ଜାରି ରହିଥିବା ବେଳେ ଘଟଣାସ୍ଥଳରେ ୨ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। କେନ୍ଦୁଝର ସଦର ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇଙ୍କ ନେତୃତ୍ୱରେ ଚଢ଼ଉ ଜାରିରହିଛି। ରାଜନକୁ ଗିରଫ କରିଛି ପୁଲିସ। ପୂର୍ବରୁ ରାଜନ୍ ନାମରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଥାନାରେ ୧୦ରୁ ଅଧିକ ମାମଲା ରହିଥିବା ଜଣାପଡିଛି। ଯାହାକୁ ଆଧାର କରି ବେଆଇନ ଗୋ ତସ୍କରୀ ଲିଙ୍କ ଅଭିଯୋଗରେ ପୁରୁଣା ବଜାର ଥାନା ଅଞ୍ଚଳର ମୁଲ୍ଲାସାହିର ସେକ ତାଜୁଦ୍ଦିନ ଓରଫ ରାଜନଙ୍କ ଘରେ ଜାରିରଖିଛି ଚଢ଼ଉ। କେନ୍ଦୁଝର ଜିଲ୍ଲାରେ ସାନ୍ତରାପୁର, କଳିଆହତା, ତେଲକୋଇ, ଘଷିପୁରା, ତୁରୁମୁଙ୍ଗା ଆଦି ସ୍ଥାନରେ ଚଢ଼ଉ ଜାରିରଖିଛି। କେବଳ ଭଦ୍ରକ ନୁହେଁ, ୫ଟି ଜିଲ୍ଲାରେ ଯାଜପୁର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଖୋର୍ଦ୍ଧାରେ ଚଢ଼ଉ ଜାରିରହିଛି। ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟେଷ୍ଟୋପୋଷି ଓ କେନ୍ଦ୍ରେଇ ଗ୍ରାମ ସହିତ ବିଶୋଇ ଥାନା ଅଞ୍ଚଳର ଗୋମାଫିଆଙ୍କ ଘରେ ଚଢ଼ଉ ଜାରିଥିବା ଜଣାପଡିଛି। ସେହିପରି କରଞ୍ଜିଆ, ଝାରପୋଖରିଆ, ଚଢ଼େଇଭୋଳ ଆଦି ସ୍ଥାନରେ ଗୋ ମାଫିଆଙ୍କ ଘର ଓ ଦୋକାନରେ ସ୍ଥାନୀୟ ପୁଲିସ ସହାୟତାରେ କେନ୍ଦୁଝର ପୁଲିସ ଚଢ଼ଉ ଜାରିରଖିଛି। ଗୋମାଫିଆଙ୍କର ଶହେ କୋଟି ଟଙ୍କାର ସମ୍ପତ୍ତି ଜବତ କରିବାକୁ ପ୍ରକ୍ରିୟା ଆରମ୍ଭକରିଛି କେନ୍ଦୁଝର ପୁଲିସ। ବର୍ଷକ ପୂର୍ବେ ଗୋମାଫିଆ ପୁଲିସ୍ ଗାଡ଼ିକୁ ଆକ୍ରମଣ କରି ପୁଲିସଙ୍କ ଉପରେ ଗାଡ଼ି ଚଢ଼ାଇ ଫେରାର୍ ହୋଇଯାଇଥିଲେ। ସେବେଠାରୁ ଗୋମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦୁଝର ଜିଲ୍ଲା ପୁଲିସ ତରଫରୁ ନିଷ୍ପତ୍ତି ନିଆଯାଇଥିଲା।

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

**ପୁରୀ:** ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଚାରୋଟି ଭକ୍ତ ନିବାସର ଗାଡ଼ି ପାର୍କିଂ ଭଡ଼ାକୁ ହ୍ରାସ କରାଯାଇଛି। ରତ୍ନ ଅଳଙ୍କାର ଗଣତି ମଣତି ନେଇ ପ୍ରସ୍ତୁତ ୧୧ ପୃଷ୍ଠା ସମ୍ବଳିତ ମାର୍ଗଦର୍ଶିକା ଅନୁମୋଦିତ ହୋଇଛି।

## ଧ୍ୱନିପ୍ରତିଧ୍ୱନି

**ମହାରାଷ୍ଟ୍ର ପୌରନିଗମ ନିର୍ବାଚନରୁ ଶିକ୍ଷା**

## ବାଟେଘାଟେ



ଛତିଶଗଡ଼ ଓ ଓଡ଼ିଶା ଭିତରେ
ବାଜୁଛି ନିନ୍ଦା ବାଜଣା
ସେ କେଉଁ ଧାତୁରେ ଗଢ଼ା ହୋଇଅଛି
ଝିଅ ନିଶା ମହାରଣା
ପୋଷାକ ସାରା ତ କଣା
ବିଛୁଆତି ପରି କୁଣ୍ଡେଇ ହେଉଛି
ମୁଣ୍ଡରେ ଦେଲେ ଓଢ଼ଣା
ମଞ୍ଚରେ ଖାଲି ଉଲଗ୍ନ ନାଚୁଛି
ଦର୍ଶକ ଏ ଭିଡ଼ାଟଣା
ହୋଇଯାନ୍ତି ବାଟବଣା
ପୁଲିସ ଖୋଜୁଛି ଧରା ପଡ଼ିଗଲେ
ଥାନାରେ ବୁଲିବ ଘଣା

- ରାହୀ

## ବିଧାୟକ ସନା, ଅରବିନ୍ଦଙ୍କୁ ନିଲମ୍ବନ ଘଟଣା

# କାହାଣୀ ଶୁଣାଇଲା ବିଜେଡି

**ଭୁବନେଶ୍ୱର, ପାଟକୁରା,(ପିପିଏସ୍):** ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କୁ ନିଲମ୍ବନ ଏବେ ବିଜେଡିର ଆଭ୍ୟନ୍ତରୀଣ ରାଜନୀତିକୁ ବିସ୍ଫୋରକ ମୋଡ ଦେଇଛି। ଦୁଇ ବିଧାୟକଙ୍କୁ ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକର ଟ୍ୟାଗ୍ ଲଗାଇ ନିଲମ୍ବନ କରିବା ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇବାକୁ ଯାଇ ବିଜେଡି ଶନିବାର 'ମିଡ୍ ଡେ ଅପରେସନ' କାହାଣୀ ଶୁଣାଇଛି।

**'ମିଡ୍-ଡେ ଅପରେସନ୍' ପଣ୍ଡ: ଲେନିନ୍**



ପ୍ରଥମଥର ଅନୁଷ୍ଠାନିକ ଭାବେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ମଧ୍ୟ ବିବାଦ ଭିତରକୁ ଟାଣିବା ମଧ୍ୟ ନିଆଁରେ ଘିଅ ଢ଼ାଳିବା ସଦୃଶ ହୋଇଛି। ଶଙ୍ଖଭବନର କର୍ମଚାରୀଙ୍କ ମୁହଁରେ 'ମିଡ୍ ଡେ ଅପରେସନ'ର କଥା କହି ବିଜେଡି ଯେଉଁ ରାଜନୀତିକ କାହାଣୀ ରଚିଛି ତାହା ଦଳର ଶୃଙ୍ଖଳା ନୁହେଁ, ବରଂ ଦଳ ଭିତରେ ଥିବା ଏକଛତ୍ରବାଦୀ ମାନସିକତାକୁ ଉଜାଗର କରିଛି ବୋଲି ଚର୍ଚ୍ଚା ହେଉଛି। ୪୮ଘଣ୍ଟା ବିତିଯିବା ପରେ ମଧ୍ୟ ଦୁଇ ବିଧାୟକଙ୍କୁ ନିଲମ୍ବନ କରାଯିବା ପଛର ପ୍ରକୃତ ଉଦ୍ଦେଶ୍ୟକୁ ଉଜାଗର କରିବାରେ ବିଫଳ ହୋଇଥିବା ବିଜେଡି ନିଜର ମୁଖପାତ୍ର ଲେନିନ୍ ମହାନ୍ତିଙ୍କ ମୁହଁରେ ଯେଉଁ ଢଙ୍ଗରେ 'ମିଡ୍-ଡେ ଅପରେସନ୍' କଥା କହି ବିଜୟ ମହାପାତ୍ର ଓ ତାଙ୍କ ପୁଅ ଅରବିନ୍ଦଙ୍କୁ ଟାର୍ଗେଟ୍ କରିଛନ୍ତି, ତାହା ଅନେକ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଯଦି ଏତେ ବଡ଼ ରାଜନୈତିକ ଷଡ଼ଯନ୍ତ୍ର ଚାଲିଥିଲା, ତେବେ ତା'ର ସାମାନ୍ୟତମ ସୁରାକ କିଭଳି ଦଳର ବରିଷ୍ଠ ନେତା ଓ ଅନ୍ୟ ରାଜନୀତିକ ଦଳ ପାଇଲେ ନାହିଁ? ଦୁଇ ବିଧାୟକଙ୍କୁ ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକ ବୋଲି ଆଖ୍ୟା ଦିଆଯିବା ଓ ବିଜୟଙ୍କ ପୁଅ ଅରବିନ୍ଦ ସିଧାସଳଖ ଏହାର ପ୍ରମାଣ ଦେବାକୁ ଚାଲେଞ୍ଜ କରିବା ପରେ ମଧ୍ୟ ବିଜେଡି ନିରବ ରହିବା ଦଳର ଦୁର୍ବଳ ରଣନୀତିକୁ ପଦାରେ ପକାଇ ଦେଇଛି। ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତିଙ୍କ ଅନୁସାରେ, ଯଦି ବିଜେଡିକୁ ବିଭାଜନ କରିବାକୁ ଏକ 'ମିଡ୍-ଡେ ଅପରେସନ୍' ଚାଲିଥିଲା, ତା'ହେଲେ ତା'ର ସୁରାକ ଦଳର ଅନ୍ୟ କୌଣସି ବରିଷ୍ଠ ନେତା କିମ୍ବା ରାଜ୍ୟ ରାଜନୀତିରେ ସକ୍ରିୟ ଥିବା ଅନ୍ୟ କୌଣସି ଦଳ କିଭଳି ପାଇଲେ ନାହିଁ? ଏହା କୌଣସି ପ୍ରକୃତ ଷଡ଼ଯନ୍ତ୍ର ନୁହେଁ, ବରଂ ରାଜ୍ୟସଭା ନିର୍ବାଚନ ସମୀକରଣକୁ ସଫଳ କରିବା ପାଇଁ ଏବେଠୁ ପାଣ୍ଡିଆନ୍‌ଙ୍କ ଦ୍ୱାରା ରଚିତ ଏକ କୁତ୍ସିତ ଷଡ଼ଯନ୍ତ୍ର ବୋଲି କୁହାଯାଉଛି। ତେଣେ ବିଧାୟକ ଅରବିନ୍ଦ ମହାପାତ୍ର ସିଧାସଳଖ ଗଣମାଧ୍ୟମ ସାମ୍ନାରେ ତଥ୍ୟ ପ୍ରମାଣ ମାଗିବା ସହ ଲେନିନ୍ ଓ ବିଜେଡିକୁ ଖୋଲା ଚାଲେଞ୍ଜ ଦେଇଛନ୍ତି। ଯଦି ବିଜେଡି ପାଖରେ କୌଣସି ଅଡିଓ, ଭିଡିଓ କିମ୍ବା ବୈଠକର ଫଟୋ ରହିଛି, ତେବେ ତାହାକୁ ସାର୍ବଜନୀନ କରିବାରେ ସମସ୍ୟା କେଉଁଠି? ନବୀନ ପଟ୍ଟନାୟକଙ୍କ ଦସ୍ତଖତକୁ ମୋହରା କରି ନବୀନ ନିବାସରୁ ଯେଉଁ ଖେଳ ଖେଳାଯାଉଛି, ତାହା ବିଜେଡିର ମୂଳଦୁଆକୁ ଦୋହଲାଇ ଦେଇଥିବା ଚର୍ଚ୍ଚା ହେଉଛି।

## ଲେନିନ୍‌ଙ୍କୁ ଖୋଲାଚାଲେଞ୍ଜ କଲେ ଅରବିନ୍ଦ

## ମହାନଦୀ ବିବାଦ

# ୨୩ରେ ସର୍ବଦଳୀୟ ବୈଠକ

**ଭୁବନେଶ୍ୱର,(ପିପିଏସ୍):** ଆସନ୍ତା ୩୦ ଓ ୩୧ ତାରିଖରେ ଛତିଶଗଡ଼ ଗସ୍ତରେ ଯିବେ ଓଡ଼ିଶା ସରକାରଙ୍କ ଟିମ୍। ଛତିଶଗଡ଼ ସରକାରଙ୍କ ସହ ମହାନଦୀ ପ୍ରସଙ୍ଗରେ ଟିମ୍ କରିବ ଆଲୋଚନା। ରାଜ୍ୟ ସରକାରଙ୍କ ଟିମ୍ ଛତିଶଗଡ଼ ଗସ୍ତରେ ଯିବା ପୂର୍ବରୁ ବସିବ ସର୍ବଦଳୀୟ



ବୈଠକ। ମହାନଦୀ ଜଳ ବିବାଦକୁ ନେଇ ଗଠନ ହୋଇଥିବା ଉଚ୍ଚସ୍ତରୀୟ କମିଟିର ଦ୍ୱିତୀୟ ବୈଠକରୁ ଏହି ସୂଚନା ମିଳିଛି। ଜଳ ସମ୍ପଦ ବିଭାଗ ଦ୍ୱାରା ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ସମ୍ମୁଖରେ ଚାଲୁ ରହିଛି ଆଲୋଚନା ଓ ପ୍ରକ୍ରିୟା। ମହାନଦୀ ଜଳ ବିଷୟର ଜଟିଳତା ଓ ଭାବପ୍ରବଣତାର ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। ମହାନଦୀ ବିବାଦକୁ ନେଇ ଗଠନ ହୋଇଥିବା ଉଚ୍ଚସ୍ତରୀୟ କମିଟିର ଦ୍ୱିତୀୟ ବୈଠକ ଶନିବାର ରାଜୀବ ଭବନରେ ଅନୁଷ୍ଠିତ ହୋଇଛି। ଗଠନମୂଳକ ଆଲୋଚନା ଏବଂ ଆଇନଗତ ପାରଦର୍ଶିତା ମାଧ୍ୟମରେ ଓଡ଼ିଶାର ନ୍ୟାର୍ଯ୍ୟ ଜଳ ଭାଗ ସୁନିଶ୍ଚିତ କରିବା ପାଇଁ ଏହି ବୈଠକରେ ଆଲୋଚନା ହୋଇଛି। ଗତ ଡିସେମ୍ବର ୨୩ ତାରିଖରେ ବସିଥିଲା ପ୍ରଥମ ବୈଠକ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ୧୨ ମାର୍ଚ୍ଚ ୨୦୧୮ରେ ମହାନଦୀ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ୭ବର୍ଷ ମଧ୍ୟରେ ଟ୍ରିବ୍ୟୁନାଲ ଜଣେ ମାତ୍ର ସାକ୍ଷୀଙ୍କୁ ଶୁଣିଛି। ଆସନ୍ତା ୨୩ତାରିଖରେ ବସିବ ସର୍ବଦଳୀୟ ବୈଠକ। ମହାନଦୀକୁ ନେଇ ଆନ୍ଦୋଳନ କରୁଥିବା ସଂଗଠନ ଓ କର୍ମକର୍ତ୍ତାଙ୍କ ସହିତ ମଧ୍ୟ ଆଲୋଚନା ହେବ।

**୩୦ରେ ଛତିଶଗଡ଼ ଯିବ ଟିମ୍**




# ପ୍ରତିଦିନ ବ୍ୟାୟାମ ପରେ ଖାଆନ୍ତୁ ଏହି ସବୁ ଖାଦ୍ୟ

**ପ୍ରତିଦିନ ବ୍ୟାୟାମ ପରେ, ଶରୀରକୁ ତୁରନ୍ତ ଶକ୍ତି ଏବଂ ମାଂସପେଶୀ ସୁସ୍ଥତା ପାଇଁ ଭଲ ପୁଷ୍ଟିସାର ଆବଶ୍ୟକ ହୋଇଥାଏ । ଏପରି ସ୍ଥିତିରେ ଉତ୍ତମ ଖାଦ୍ୟ କେବଳ ଶୀଘ୍ର ଥକ୍କାପଣ ଦୂର କରିବାରେ ସାହାଯ୍ୟ କରେ । ତେଣୁ ବ୍ୟାୟାମ ପରେ ପ୍ରୋଟିନ୍ ଏବଂ କାର୍ବୋହାଇଡ୍ରେଟ୍ ଯୁକ୍ତ ଖାଦ୍ୟ ଖାଇବା ନିହାତି ଆବଶ୍ୟକ । ତେବେ ଆସନ୍ତୁ ଜାଣିବା ବ୍ୟାୟାମ ପରେ କେଉଁ ସବୁ ଖାଦ୍ୟ ଖାଇବା ଉଚିତ୍....**



**ଦହି ଏବଂ ଫଳ:** ଗ୍ରୀକ୍ ଦହି ପ୍ରୋଟିନ୍‌ର ଏକ ଭଲ ଉତ୍ସ। କଟା କଦଳୀ କିମ୍ବା ବେରି ସହିତ ଏହାକୁ ଖାଇବା ଦ୍ୱାରା ଶକ୍ତି ମିଳିଥାଏ ।

**ବ୍ରାଉନ୍ ବ୍ରେଡ୍ ସହିତ ପିନଟ୍ ବଟର:** ପିନଟ୍ ବଟରରେ ସୁସ୍ଥ ଚର୍ବି ଏବଂ ପ୍ରୋଟିନ୍ ଥାଏ, ବ୍ରାଉନ୍ ବ୍ରେଡରେ ଫାଇବର ଏବଂ କାର୍ବୋହାଇଡ୍ରେଟ୍ ଥାଏ ।

**କଦଳୀ ସ୍ମୁଦି:** ପାଚିଲା କଦଳୀରେ ପୋଟାସିୟମ୍ ଏବଂ କାର୍ବୋହାଇଡ୍ରେଟ୍ ଭରପୂର । କ୍ଷୀର ଏବଂ ଅଳ୍ପ ମହୁ ମିଶାଇ ଏକ କଦଳୀ ସ୍ମୁଦି ତିଆରି କରନ୍ତୁ ଏବଂ ଆପଣଙ୍କ ବ୍ୟାୟାମ ପରେ ଏହାକୁ ପିଅନ୍ତୁ ।

**ମୁଗ ଡାଲି ଚିଲ୍ଲା:** ମୁଗ ଡାଲିରେ ପ୍ରୋଟିନ୍ ଏବଂ ଫାଇବର ଉଭୟ ଥାଏ । ଏହାକୁ ତେଲ ବିନା ହାଲୁକା ଭଜା ଖାଆନ୍ତୁ, ଏହା ପାଚନ ଶକ୍ତି ମଧ୍ୟ ପ୍ରଦାନ କରେ।

**ସିଝା ଅଣ୍ଡା ଏବଂ ଟୋଷ୍ଟ:** ଅଣ୍ଡାରେ ଉଚ୍ଚମାନର ପ୍ରୋଟିନ୍ ଥାଏ, ଯାହା ମାଂସପେଶୀ ସୁସ୍ଥତାରେ ସାହାଯ୍ୟ କରେ । ଏହାକୁ ସମ୍ପୂର୍ଣ୍ଣ ଟୋଷ୍ଟ ସହିତ ଖାଇବା ଦ୍ୱାରା କାର୍ବୋହାଇଡ୍ରେଟ୍ ମଧ୍ୟ ମିଳିଥାଏ।

**ଡ୍ରାଏଫ୍ରୁଟ୍ :** ବାଦାମ, କିସମିସ୍, ଅଖରୋଟ ଏବଂ କାଜୁ ଭଳି ଶୁଖିଲା ଫଳ ତୁରନ୍ତ ଶକ୍ତି ପ୍ରଦାନ କରେ । ଏହାକୁ ସୀମିତ ପରିମାଣରେ ଖାଆନ୍ତୁ ।

**ଭଜା ଚଣା:** ଭଜା ଚଣା ହେଉଛି ଫାଇବର ଏବଂ ପ୍ରୋଟିନର ଏକ ଭଲ ଉତ୍ସ । ଏହାକୁ ଖାଇଲେ ଶରୀରକୁ ତୁରନ୍ତ ଶକ୍ତି ମିଳିଥାଏ ।

**ସାଣ୍ଡୱିଚ୍:** ବ୍ରାଉନ୍ ବ୍ରେଡକୁ ସାଣ୍ଡୱିଚ୍ କରି ଖାଇପାରିବେ। ଯାହା ପ୍ରୋଟିନ୍ ଏବଂ ଫାଇବରରେ ଭରପୂର ହୋଇଥାଏ । ଏହି ସାଣ୍ଡୱିଚ୍ ଶରୀରକୁ ପ୍ରଚୁର ଶକ୍ତି ପ୍ରଦାନ କରିଥାଏ ।

# ଖାଲି ପେଟରେ ଚା ପିଉଥିଲେ...

ଚା' ଓ କଫି ଅମ୍ଳୀୟ ଅଂଶ ରହିଛି। ତେଣୁ ଖାଲିପେଟରେ ଏହାକୁ ପିଇଲେ ଶରୀରରେ ଅମ୍ଳ ଓ କ୍ଷାରର ସନ୍ତୁଳନ ବିପର୍ଯ୍ୟସ୍ତ ହୋଇପଡ଼େ। ସକାଳେ ପାକସ୍ଥଳୀ ଭିତରେ କୌଣସି ଖାଦ୍ୟ ନ ଥାଏ। ଫଳରେ ପାକସ୍ଥଳୀ ନରମ ଥାଏ। ସକାଳୁ ଖାଲି ପେଟରେ ଚା' ପିଇଲେ ଝିଲ୍ଲୀ ଉପରେ ପ୍ରତିକୂଳ ପ୍ରଭାବ ପଡେ ଏବଂ ଦୀର୍ଘକାଳିକ ପାକସ୍ଥଳୀ ପ୍ରଦାହ ବା କ୍ରନିକ ଗାଷ୍ଟାଇଟିସ୍ ସମସ୍ୟା ସୃଷ୍ଟି ହୋଇଥାଏ। ଏହି କାରଣରୁ ଅରୁଚି ହୋଇ ଭୋକ ମରିଯାଇପାରେ। ବିଶେଷଭାବରେ ଖାଲି ପେଟରେ କଡ଼ା ଚା' ପିଇଲେ ପାକସ୍ଥଳୀରୁ ଅମ୍ଳ କ୍ଷରଣ ବଢ଼ିଯାଏ। ଏତଦ୍‌ବ୍ୟତୀତ ସକାଳେ ବିଛଣା ଛାଡ଼ିବା ପରେ ପରେ ଚା' କିମ୍ବା କଫି ପିଇଲେ ପାଟିରେ ଥିବା ଜୀବାଣୁଗୁଡ଼ିକ ଧୋଇହୋଇ ଅନ୍ତ୍ରନଳୀ ଭିତରକୁ ପ୍ରବେଶ କରିଥାଆନ୍ତି। ଚା'ରେ ରହିଥାଏ ସାମାନ୍ୟ ପରିମାଣର ନିକୋଟିନ୍, ଯାହା ଆସକ୍ତି ସୃଷ୍ଟିର କାରଣ ହୋଇପାରେ। ତେଣୁ ସକାଳେ ଖାଲିପେଟରେ ଚା' ହେଉ କି କଫି ପିଇବା ଆଦୌ ନିରାପଦ ନୁହେଁ। ବରଂ ସକାଳୁ ଉଠି ଗିଲାସେ ପାଣି ପିଇ ସାରି ଫଳଟିଏ ଖାଇନେବା ପରେ ୧୫ ରୁ ୨୦ ମିନିଟ୍ ପରେ ଚା' ପିଇହେବ। ଚା' ସହ ବିସ୍କୁଟ୍ କି ସାମାନ୍ୟ ଜଳଖିଆ ଖାଇଲେ ତାହା ଅପେକ୍ଷାକୃତ ନିରାପଦ। ସକାଳେ କିଛି ଖାଇ ସାରିବା ପରେ ହିଁ ଚା' ପିଆଯାଇପାରେ। ହେଲେ ଖାଲିପେଟରେ ଚା' କି କଫି ପିଇବା ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ।



# ଆଜିର ରାଶିଫଳ

**ମେଷ** — ଉତ୍ସାହିତ ହେବେ। ପ୍ରତ୍ୟେକ କାର୍ଯ୍ୟରେ ଆଗ୍ରହୀ ଓ ଅଗ୍ରଣୀ ହେବେ। ପରିବାରର ପଥ ପ୍ରଦର୍ଶକ ହୋଇପାରନ୍ତି। ଧନ ଅର୍ଜନ ପାଇଁ କଠିନ ପରିଶ୍ରମ କରିବେ। ପତ୍ନୀ, ପୁତ୍ର ସୁଖ ଓ ମହାନ୍ ହେବେ।

**ବୃଷ** — ସୁସ୍ଥ ଓ ନିରାମୟ ରହିବେ। ଗୁରୁଭକ୍ତ ହୋଇପାରନ୍ତି। ଗୁପ୍ତରେ ଧନ ଅର୍ଜନ କରିବେ। ଜ୍ୟୋତିଷ ଓ କର୍ମକାଣ୍ଡ ଦର୍ଶନ ଶାସ୍ତ୍ରରେ ରୁଚି ରହିବ। ଧନବାନ୍ ହେବେ। ପାରିବାରିକ ସୁଖ, ଶାନ୍ତି ମିଳିପାରେ।

**ମିଥୁନ** — ପରିବାରର ଏକମାତ୍ର ଅଧିକ ଆୟକାରୀ ବ୍ୟକ୍ତି ହୋଇପାରନ୍ତି। ନିଜ ଆୟରେ ଭୂସମ୍ପତ୍ତି କ୍ରୟ କରିବେ। ଜନ୍ମ ଭୂମିଠାରୁ ଦୂରରେ ରହିବେ। ସଦାସର୍ବଦା ବ୍ୟସ୍ତ ମନା ଓ ଦୁଶ୍ଚିନ୍ତାଯୁକ୍ତ ହେବେ। ସୁସ୍ଥ ରହିବେ।

**କର୍କଟ** — ଦୟାଳୁ ଓ ପରୋପକାରୀ ହୋଇପାରନ୍ତି। ଧାର୍ମିକ ଓ ବିଚାରବନ୍ତ ହୋଇପାରନ୍ତି। ଭାଇ, ଭଉଣୀ ଓ ବନ୍ଧୁଙ୍କର ଶୁଭଧ୍ୟାୟୀ ହେବେ। କୃଷି କର୍ମରୁ ଲାଭବାନ୍ ହେବେ। କର୍ମଠ ଓ ଶିକ୍ଷାବିତ୍ ହେବେ।

**ସିଂହ** — ଭାଗ୍ୟବାନ୍ ଓ ଧନବାନ୍ ହେବେ। ରାଜ ଦରବାରରେ ବାରମ୍ବାର ପୁରସ୍କୃତ ହେବେ। ପରାକ୍ରମୀ ହେବେ। ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିବାରେ ସିଦ୍ଧହସ୍ତ ହେବେ। ଅନ୍ଧ ବିଶ୍ୱାସରେ କ୍ଷତି ସହି ପାରନ୍ତି।

**କନ୍ୟା** — ସୁସ୍ଥ ଓ ନିରାମୟ ରହିବେ। ଧନବାନ୍ ହେବେ। ସାମାଜିକ ସ୍ତରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଭାବେ ପରିଗଣିତ ହେବେ। ବାହାର ଲୋକଙ୍କ ସହିତ ସୁସମ୍ପର୍କ ରଖି ଭଲ ଆୟର ପନ୍ଥା ସ୍ଥିର କରିପାରନ୍ତି।

**ତୁଳା** — ଦୁଃଖ ବା ସମସ୍ୟା ଉପୁଜିଲେ ଧୈର୍ଯ୍ୟବାନ୍ ହେବେ। ମନୋବଳ ଦୃଢ଼ ରହିବ। ଭୂସମ୍ପତ୍ତିଯୁକ୍ତ ହୋଇପାରନ୍ତି। ଗୃହସ୍ଥ ଜୀବନ ସୁଖପ୍ରଦ ହେବ। ପତ୍ନୀ ସହସା ଓ କର୍ମ ନିପୁଣା ହେବେ। ଚକ୍ଷୁପୀଡ଼ା ଉପୁଜିପାରେ।

**ବିଛା** — ବହୁ ପରିଶ୍ରମ କରି ଉନ୍ନତ ମାର୍ଗରେ ଆଗକୁ ବଢ଼ିବେ। ଅକସ୍ମାତ୍ ଦୈବୀଶକ୍ତି ଦ୍ୱାରା ଧନ ପ୍ରାପ୍ତ ହେବେ। ଯେକୌଣସି ବ୍ୟବସାୟ କଲେ ଲାଭବାନ୍ ହେବେ। ଜନ୍ମଭୂମିରୁ ଅନ୍ୟତ୍ର ବାସକଲେ ଶୀଘ୍ର ଉନ୍ନତି ହେବ।ଦ

**ଧନୁ** — ଖେଳରେ ସୁନାମ ଅର୍ଜନ କରିପାରନ୍ତି। ଉଚ୍ଚ ପଦଦବୀ ପ୍ରାପ୍ତିର ସୂଚନା ମିଳୁଛି। ସଫଳ କୂଟନୀତିଜ୍ଞ ହେବେ। ସନ୍ତାନ ସୁଖରେ ସୁଖୀ ହେବେ। ମିଷ୍ଟଭାଷୀ ଓ ସର୍ବପ୍ରିୟ ହୋଇପାରନ୍ତି। ସଦାଚାରୀ ହେବେ।

**ମକର** — ମକର: ଦୟାଳୁ ଓ ମଧୁର ଭାଷୀ ହେବେ। ନିଜ ପ୍ରଶଂସା ଶୁଣିବାକୁ ଇଚ୍ଛୁକ ହେବେ। ପିତୃ ଆଜ୍ଞାକାରୀ ହୋଇପାରନ୍ତି। ପରୋପକାରୀ ହେବେ। ରାଜୀନତିରେ ସଫଳ ହେବେ। ପୈତୃକ ସମ୍ପତ୍ତି ସ୍ୱତଃ ପ୍ରାପ୍ତି ହେବ।

**କୁମ୍ଭ** — କୁମ୍ଭ: ଧୈର୍ଯ୍ୟବାନ୍ ହେବେ। ବିଦ୍ୟାଭ୍ୟାସୀ ହୋଇପାରନ୍ତି। କର୍ତ୍ତବ୍ୟନିଷ୍ଠା ଓ ତ୍ୟାଗପୂତ ମନୋବୃତ୍ତି ଯୋଗୁଁ କେବେ ନତମସ୍ତକ ହେବେ ନାହିଁ। କାହାରି ପାଇଁ ପ୍ରାର୍ଥନା ପରିବର୍ତ୍ତେ ସେବା ପରାୟଣ ହୋଇପାରନ୍ତି।

**ମୀନ** — ବିଭିନ୍ନ ପ୍ରକାର ଯୋଜନା କରି ଧନ ସଂଗ୍ରହ କରିପାରନ୍ତି। ପତ୍ନୀ ସହାୟିକା ଓ ସୁଖଦା ଅଟନ୍ତି। ନିଜ ପ୍ରଚେଷ୍ଟାରେ ସଫଳତା ପାଇବେ। କର୍ମଚଞ୍ଚଳ ରହିବେ। କୌଶଳରେ ଧନ ସଂଗ୍ରହ କରିପାରନ୍ତି।

# ଶୀତରେ ସୁପରଫୁଡ୍ 'ଗାଜର'



ଶୀତ ଋତୁ ଆସିଲେ, ବଜାରରେ ଲାଲ, ତାଜା ଏବଂ ମିଠା ଗାଜର ପ୍ରଚୁର ପରିମାଣରେ ଉପଲବ୍ଧ ହୋଇଥାଏ। ଏହି ଋତୁରେ ଗାଜର କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରେ। ଗାଜରରେ ଭିଟାମିନ୍ ଏ, ଭିଟାମିନ୍ ସି, ଫାଇବର ଏବଂ ବିଭିନ୍ନ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ, ଯାହା ଶୀତ ଋତୁରେ ସୁସ୍ଥ ଶରୀର ବଜାୟ ରଖିବାରେ ସାହାଯ୍ୟ କରେ। ଶୀତ ଋତୁରେ, ଲୋକମାନେ ଗାଜରକୁ କଞ୍ଚା, ସାଲାଡରେ, ଜୁସ୍ ଭାବରେ କିମ୍ବା ସ୍ୱାଦିଷ୍ଟ ଗାଜର ପୁଡିଂ ଭାବରେ ଖାଆନ୍ତି। ପ୍ରତିଦିନ ସଠିକ୍ ପରିମାଣରେ ଗାଜର ଖାଇବା ଦ୍ୱାରା ଅନେକ ରୋଗ ପ୍ରତିରୋଧ ହୋଇପାରିବ। ଶୀତଦିନେ ଥଣ୍ଡା, କାଶ ଏବଂ ଭାଇରାଲ୍ ସଂକ୍ରମଣ ସାଧାରଣ। ଗାଜରରେ ଥିବା ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ପ୍ରତିଦିନ ଗାଜର ଖାଇବା ଦ୍ୱାରା ଶରୀର ମଜବୁତ ହୁଏ ଏବଂ ରୋଗ ହେବାର ଆଶଙ୍କା କମ୍ ହୋଇଥାଏ। ଗାଜର ଆଖି ପାଇଁ ବହୁତ ଭଲ ବୋଲି ବିବେଚନା କରାଯାଏ। ଏଥିରେ ବିଟା-କ୍ୟାରୋଟିନ ଥାଏ, ଯାହା ଶରୀରରେ ଭିଟାମିନ ଏ ରେ ପରିଣତ ହୁଏ। ଏହା ଦୃଷ୍ଟିଶକ୍ତିକୁ ଉନ୍ନତ କରେ ଏବଂ ଶୀତଦିନେ ଶୁଷ୍କତା କମ କରେ, ଯାହା ଏକ ସାଧାରଣ ସମସ୍ୟା। ଶୀତଦିନେ ଚର୍ମ ଶୁଷ୍କ ଏବଂ ମଳିନ ହୋଇପାରେ। ଗାଜରରେ ଥିବା ଭିଟାମିନ୍ ଏ ଏବଂ ଆଣ୍ଟିଅକ୍ସିଡାଣ୍ଟ ଚର୍ମକୁ ଭିତରୁ ପୋଷଣ ଦେଇଥାଏ, ଏହାକୁ ନରମ, ସ୍ୱଷ୍ଟ ଏବଂ ପ୍ରାକୃତିକ ଭାବରେ ଉଜ୍ଜ୍ୱଳ କରିଥାଏ। ଶୀତଦିନେ ପାଚନ ଶକ୍ତି ଦୁର୍ବଳ ହୋଇଯାଏ, ଯାହା କୋଷ୍ଠକାଠିନ୍ୟ ସୃଷ୍ଟି କରେ। ଗାଜରରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ପେଟ ସଫା କରିବାରେ ସାହାଯ୍ୟ କରେ ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ। ପ୍ରତିଦିନ ଗାଜର ଖାଇବା ଦ୍ୱାରା ପେଟ ସମସ୍ୟାରୁ ମୁକ୍ତି ମିଳିଥାଏ। ଗାଜର ସୁସ୍ଥ ହୃଦୟ ବଜାୟ ରଖିବାରେ ମଧ୍ୟ ସାହାଯ୍ୟ କରେ। ଏଥିରେ ଥିବା ପୋଟାସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ଖରାପ କୋଲେଷ୍ଟ୍ରଲକୁ କମ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।

# ପାଗ ବଦଳିଲେ ବଦଳିଯାଏ ଭାରତର ଏହି ହ୍ରଦଗୁଡ଼ିକର ରଙ୍ଗ

**ଆପଣ ଅନେକ ହ୍ରଦ ଦେଖିଥିବେ, କିନ୍ତୁ କେବେ ଏପରି ହ୍ରଦ ଦେଖିଛନ୍ତି କି ଯାହା ପାଗ ଏବଂ ସମୟ ଅନୁସାରେ ରଙ୍ଗ ପରିବର୍ତ୍ତନ କରେ। ଏହା ଶୁଣିବାକୁ ଟିକେ ଅଜବ ଲାଗିପାରେ। କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ। ବିଶେଷ କଥା ହେଉଛି ଏହି ହ୍ରଦଗୁଡ଼ିକ କୌଣସି ବିଦେଶୀ ଦେଶରେ ନାହିଁ ବରଂ ଆମ ଭାରତରେ ଅଛି। ଏହି ହ୍ରଦଗୁଡ଼ିକ ଏପରି ଯେ, ପାଗ, ସୂର୍ଯ୍ୟକିରଣ, ତାପମାତ୍ରା ଏବଂ ପ୍ରାକୃତିକ ଉପାଦାନର ପ୍ରଭାବରେ ସେମାନଙ୍କର ରଙ୍ଗ ପରିବର୍ତ୍ତନ କରନ୍ତି।**



**ଲୋନାର ହ୍ରଦ:** ଏହି ତାଲିକାରେ ପ୍ରଥମ ନାମ ମହାରାଷ୍ଟ୍ରର ଲୋନାର ହ୍ରଦର। ଏହା ମହାରାଷ୍ଟ୍ରର ବୁଲଧାନା ଜିଲାରେ ଅବସ୍ଥିତ। କୁହାଯାଏ, ଏହି ହ୍ରଦ ଜ୍ୱାଳାମୁଖୀ ଉଦ୍ଗୀରଣ ଯୋଗୁ ସୃଷ୍ଟି ହୋଇଥିଲା। ଯଦିଓ ବହୁତ କମ୍ ଲୋକ ଏହି ହ୍ରଦ ବିଷୟରେ ଜାଣିଥିଲେ, କିନ୍ତୁ ଯେତେବେଳେ ୨୦୨୦ରେ ଏହାର ରଙ୍ଗ ହଠାତ୍ ସବୁଜରୁ ଗୋଲାପୀ ହୋଇଗଲା। ଫଳରେ ଏହା ଚର୍ଚ୍ଚାକୁ ଆସିଥିଲା। କୁହାଯାଏ, ହ୍ରଦରେ ଥିବା ଶୈବାଳ ଏବଂ ଲୁଣ ଯୋଗୁ ପାଣିର ରଙ୍ଗ ପରିବର୍ତ୍ତନ ହୁଏ। ଗ୍ରୀଷ୍ମ ଋତୁରେ ପାଣିର ସ୍ତର କମ୍ ହେଲେ ଏହାର ରଙ୍ଗ ଆହୁରି ସ୍ୱଷ୍ଟ ହୋଇଥାଏ।

**ପାଙ୍ଗୋଙ୍ଗ ହ୍ରଦ:** ଅମୀର ଖାନ୍‌ଙ୍କ ଫିଲ୍ମ ୩ ଇଡିଅଟ୍ସରେ ଦେଖାଯାଇଥିବା ପାଙ୍ଗୋଙ୍ଗ ହ୍ରଦ ବିଷୟରେ ଅନେକ ଲୋକ ଜାଣନ୍ତି। ଏହି ଫିଲ୍ମ ଯୋଗୁ ହ୍ରଦଟି ଆହୁରି ଲୋକପ୍ରିୟ ହୋଇଥିଲା। କିନ୍ତୁ ଜାଣନ୍ତି ଯେ, ଏହି ହ୍ରଦଟିର ରଙ୍ଗ ମଧ୍ୟ ପରିବର୍ତ୍ତନ ହୁଏ। ହଁ, ଏହା ନୀଳ ରଙ୍ଗର କିନ୍ତୁ ଏହା ଧୂସର ରଙ୍ଗରେ ପରିବର୍ତ୍ତନ ହୁଏ। କୁହାଯାଏ, ସୂର୍ଯ୍ୟକିରଣ ପାଗ ଏବଂ ଉଚ୍ଚ ଉଚ୍ଚତାରେ ଥିବା ମେଘର ପ୍ରଭାବ ଯୋଗୁ ଏହି ପରିବର୍ତ୍ତନ ଘଟେ। କହି ରଖୁଛୁ ଯେ, ସମୁଦ୍ର ପତ୍ତନଠାରୁ ୧୪,୨୭୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ହ୍ରଦ ପ୍ରାୟ ୧୩୪ କିଲୋମିଟର ଲମ୍ବ।

**ସାମ୍ଭର ସଲ୍ଟ:** ରାଜସ୍ଥାନରେ ଏକ ହ୍ରଦ ମଧ୍ୟ ଅଛି, ଯାହା ରଙ୍ଗ ପରିବର୍ତ୍ତନ କରେ, ଯାହାର ନାମ ସାମ୍ଭର ସଲ୍ଟ ହ୍ରଦ। ଏହି ହ୍ରଦ ତା'ର ଲୁଣିଆ ପାଣି ପାଇଁ ଜଣାଶୁଣା। ତଥାପି ଏହାର ପାଣି ବହୁତ ସୁନ୍ଦର ଦେଖାଯାଏ। ଏହି ହ୍ରଦ ନୀଳରୁ ବାଇଗଣୀ ଏବଂ ଗୋଲାପୀ ରଙ୍ଗ ମଧ୍ୟ ପରିବର୍ତ୍ତନ କରେ। ବର୍ଷା ସମୟରେ ଏହି ହ୍ରଦର ପାଣିର ରଙ୍ଗ ପରିବର୍ତ୍ତନ ଦେଖିପାରିବେ। ଏହି ହ୍ରଦକୁ ଫ୍ଲେମିଙ୍ଗୋ ପକ୍ଷୀମାନେ ମଧ୍ୟ ଆସନ୍ତି ଯାହା ଏହି ହ୍ରଦର ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରିଥାଏ।

**ସୋମଗୋ (ଚାଙ୍ଗୁ) ହ୍ରଦ:** ସ୍ଥାନୀୟ ଲୋକମାନେ ସିକିମ୍ର ସୋମଗୋ ହ୍ରଦକୁ ଏକ ପବିତ୍ର ହ୍ରଦ ଭାବରେ ମାନନ୍ତି। ଏହି ହ୍ରଦ ସହିତ ଅନେକ ଧାର୍ମିକ କାହାଣୀ ମଧ୍ୟ ଜଡ଼ିତ। ଏହି ହ୍ରଦ ଏହାର ହିମବାହର ପାଣିରେ ପରିପୂର୍ଣ୍ଣ ହୁଏ ଏବଂ ପ୍ରତ୍ୟେକ ଋତୁରେ ଏକ ଭିନ୍ନ ରଙ୍ଗ ଗ୍ରହଣ କରେ। ଶୀତଦିନେ ଏହା ସମ୍ପୂର୍ଣ୍ଣ ଭାବରେ ଜମାଟ ବାନ୍ଧିଯାଏ, ଯେତେବେଳେ ଗ୍ରୀଷ୍ମଦିନେ ଏହାର ପାଣି ନୀଳ ଏବଂ ସବୁଜ ରଙ୍ଗରେ ପରିବର୍ତ୍ତନ ହୁଏ। ରଙ୍ଗ ପରିବର୍ତ୍ତନ କରୁଥିବା ଏହି ହ୍ରଦର ସୌନ୍ଦର୍ଯ୍ୟ ଦେଖିବା ଯୋଗ୍ୟ।

**ମୌନପାଟ ହ୍ରଦ:** ଛତିଶଗଡ଼ର ସୁରଗୁଜା ଅଞ୍ଚଳରେ ଅବସ୍ଥିତ ମାଉନପାଟ ହ୍ରଦ ମଧ୍ୟ ରଙ୍ଗ ପରିବର୍ତ୍ତନ କରେ। ତଥାପି ଏହା ବିଷୟରେ ବହୁତ କମ୍ ଲୋକ ଜାଣନ୍ତି। ଏହି ହ୍ରଦକୁ ସୁରଗୁଜା ପୋଖରୀ ମଧ୍ୟ କୁହାଯାଏ। ଏଠାରେ ମାଟି ଏବଂ ପାଣିର ଗଠନ ଏପରି ଯେ ସୂର୍ଯ୍ୟଙ୍କ ଦିଗ ଏବଂ ଦିନର ସମୟ ଅନୁସାରେ ଏହାର ପାଣି ଭିନ୍ନ ଭିନ୍ନ ରଙ୍ଗର ଦେଖାଯାଏ। ସ୍ଥାନୀୟ ଲୋକମାନେ ଏହାକୁ ଏକ ରହସ୍ୟମୟ ହ୍ରଦ ବୋଲି ମାନିଥାନ୍ତି।

# ପନିର କବାବ

**ଆବଶ୍ୟକ ସାମଗ୍ରୀ :** ଆଳୁ, ପନିର, ଲୁଣ, ଜୁଆଣି, କଟା ପିଆଜ, ଅଦା, ରସୁଣ, କଟା କଞ୍ଚା ଲଙ୍କା, ସେଜୱାନ ସସ୍, କର୍ନଫ୍ଲୋର, ଧନିଆ ପତ୍ର, ଅଦା, ରସୁଣ,ଗାଜର, କ୍ୟାପସିକମ୍ ।

**ପ୍ରସ୍ତୁତି ପ୍ରଣାଳୀ:** ଆଳୁ ପନିର କବାବ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ ପାତ୍ରରେ ପନିର ଓ ସିଝା ଆଳୁକୁ ନେଇ ଚକଟି ଦିଅନ୍ତୁ। ଏବେ ସେଥିରେ କଟା ହୋଇଥିବା ପିଆଜ, ଲୁଣ, କଟା କଞ୍ଚା ଲଙ୍କା, ଜୁଆଣି ଏବଂ ସେଜୱାନ ସସ୍, ଧନିଆ ପତ୍ର, ଛୋଟ ଛୋଟ କଟା ହୋଇଥିବା ଗାଜର, କ୍ୟାପସିକମ୍ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ସେଥିରେ କିଛି ଅଦା, ରସୁଣ ପକାଇ ମିଶାଇ ଦିଅନ୍ତୁ। ଏହାକୁ ଛୋଟ ଛୋଟ ଟିକ୍କି ପରି ଗୁଳା କରି ଦିଅନ୍ତୁ। ଏବେ କର୍ନ ଫ୍ଲୋର ଘୋଳରେ କବାବ୍କୁ ବୁଡାଇ ତେଲରେ ଛାଣିଦିଅନ୍ତୁ। ଦୁଇ ପାଖ ଲାଲ ହେବା ପରେ ବାହାରକୁ କାଢ଼ି ଦିଅନ୍ତୁ। ଏବେ ସସ୍ ସହିତ ଗରମାଗରମ ପରଷନ୍ତୁ ପନିର କବାବ।



# ୮ ବର୍ଷ ଡିପ୍ରେସନରେ ଥିଲେ ରଶ୍ମୀ ଦେଶାଇ




ଏହି ଟିଭି ଅଭିନେତ୍ରୀ ତାଙ୍କ ଜୀବନର ସବୁଠାରୁ କଷ୍ଟକର ସମୟ ବିଷୟରେ ମୁହଁ ଖୋଲିଛନ୍ତି। ସେ ବର୍ଣ୍ଣନା କରିଛନ୍ତି ଯେ ସେ କିପରି ଆଠ ବର୍ଷ ଧରି ଡିପ୍ରେସନ ସହିତ ସଂଘର୍ଷ କରିଥିଲେ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୋଝ ଥିଲା, ଯାହା ଫଳରେ ତାଙ୍କ ମାନସିକ ସ୍ୱାସ୍ଥ୍ୟ ଦୀର୍ଘ ସମୟ ଖରାପ ରହିଥିଲା।

ରଶ୍ମି ଦେଶାଇ ଏକ ସାକ୍ଷାତକାରରେ କହିଛନ୍ତି "ଏକ ସମୟ ଥିଲା ଯେତେବେଳେ ମୁଁ ଆଠ ବର୍ଷ ଧରି ମାନସିକ ଅବସାଦରେ ଥିଲି। ମୁଁ ବହୁତ ବୋଝ ବୋହି ଯାଉଥିଲି। ଏହାକୁ ସଙ୍କୁଚିତ କରି ପୁଣି ନୂଆ ଆରମ୍ଭ କରିବାକୁ ବର୍ଷ ବର୍ଷ ସମୟ ଲାଗିଥିଲା। ଏବେ ମୁଁ ଫେରି ଆସିଛି। ମୁଁ ବିଶ୍ୱାସ କରେ ଯେ ଉପର ତଳ ଆପଣଙ୍କ ନିଜସ୍ୱ ପସନ୍ଦ। ଅନ୍ୟ କେହି ଆପଣଙ୍କ କାର ?ୟ ଯାତ୍ରା ସ୍ଥିର କରନ୍ତି ନାହିଁ। କାମ ମୋତେ ଶାନ୍ତି ଦିଏ ଏବଂ ଏହା ମୋର ପଳାୟନ ମଧ୍ୟ ଥିଲା, ଯାହା ମୁଁ ବହୁତ ଡେରିରେ ଅନୁଭବ କଲି। ଏବେ ମୁଁ ଉଭୟ ପାର୍ଶ୍ୱରେ ବହୁତ ଭଲ ଭାବରେ କାମ କରୁଛି ଏବଂ ଏକ ସୁନ୍ଦର ସନ୍ତୁଳନ ରଖିଛି।"

ଏହି ସମୟ ରଶ୍ମିଙ୍କ ପାଇଁ ବହୁତ କଷ୍ଟକର ଏବଂ ଲମ୍ବା ଥିଲା। କିନ୍ତୁ ସମୟ ସହିତ ସେ ଧୀରେ ଧୀରେ ନିଜକୁ ଏକତ୍ରିତ କରିଥିଲେ। ରଶ୍ମି କୁହନ୍ତି ଯେ ତାଙ୍କ ଡିପ୍ରେସନକୁ ଦୂର କରିବା ସହଜ ନଥିଲା, କିନ୍ତୁ ସେ ହାର ନ ମାନି ତାଙ୍କର ମାନସିକ ସ୍ୱାସ୍ଥ୍ୟକୁ ଫେରାଇ ଆଣିଲେ ଏବଂ ପୁଣିଥରେ ଟ୍ରାକକୁ ଫେରି ଆସିଲେ।

# ୨୨ରୁ କୃଷି ମହାକୁମ୍ଭ: କୃଷି ଓଡ଼ିଶା ୨୦୨୬

ଭୁବନେଶ୍ୱର,(ହି.ସ)- ଆସନ୍ତା ୨୨ ରୁ ୨୪ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ ଖେଳପଡିଆ, ବରମୁଣ୍ଡା ଠାରେ ଆୟୋଜିତ ହେବାକୁ ଯାଉଛି ଓଡ଼ିଶା କୃଷିର ମହାକୁମ୍ଭ - କୃଷି ଓଡ଼ିଶା ୨୦୨୬। ରାଜ୍ୟ ସରକାର ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ପ୍ରୋତ୍ସାହନରେ ଏଥର ଏହା ପୂର୍ବବର୍ଷ ଠାରୁ ମଧ୍ୟ ଅଧିକ ବ୍ୟାପକ ଓ ବିଶାଳ ହେବ। ଚଳିତ ବର୍ଷର ଥିମ୍ ରହିଛି 'ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ସହନଶୀଳ କୃଷି'। ବହୁ ସଂଖ୍ୟକ ଚାଷୀ, କୃଷି ବୈଜ୍ଞାନିକ, କୃଷି ଗବେଷକ ଓ ନୀତି ନିର୍ଦ୍ଧାରକଙ୍କ ସମ୍ମେଳନ ହେବ କୃଷି ଓଡ଼ିଶା ୨୦୨୬। କୃଷି ଶିକ୍ଷା ଶିବିର, ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ ଓ ଡେମନଷ୍ଟ୍ରେସନ୍, କୃଷି ସମ୍ବନ୍ଧୀୟ ଉନ୍ନତ ଜ୍ଞାନ କୌଶଳର ପ୍ରଦର୍ଶନ ଇତ୍ୟାଦି ମାଧ୍ୟମରେ ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କୁ ଆହୁରି ସଶକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଆଜି ଲୋକସେବା ଭବନରେ କୃଷି ଓଡ଼ିଶା -୨୦୨୬ ପ୍ରସ୍ତୁତି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କୃଷି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପ୍ରସ୍ତୁତି ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ କାଲୁଙ୍ଗେ ଗୋରଖ ଓ୍ୱାମନ, ବିଭାଗୀୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ପଞ୍ଚସଖା ଶିକ୍ଷାସେତୁର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦର ବୈଠକ

# ୨୨ ଜିଲ୍ଲାରେ ୮୬୨ ପ୍ରକଳ୍ପକୁ ମଞ୍ଜୁରି

ଭୁବନେଶ୍ୱର, (ହି.ସ.)-ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ୨୨ ଟି ଜିଲ୍ଲାର ବିଭିନ୍ନ ସ୍କୁଲରେ ଉନ୍ନତି ପାଇଁ ୧୨ କୋଟି ୬୨ ଲକ୍ଷ ୪୮ ହଜାର ୩୭୩ ଟଙ୍କା ବ୍ୟୟ ଅଟକଳରେ ୮୬୨ ଗୋଟି ପ୍ରକଳ୍ପକୁ ମଞ୍ଜୁର ଦିଆଯାଇଛି । ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧.୯୧ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି ।

ପରିଷଦର ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡଃ ଏନ୍. ତିରୁମାଲା ନାଏକ ବୈଠକରେ ଅଧ୍ୟକ୍ଷତା କରିଥିଲେ । ପୁରାତନ ଛାତ୍ରଛାତ୍ରୀଙ୍କ ନୈତୃତ୍ୱରେ ବିଦ୍ୟାଳୟର ଉନ୍ନତି ସମ୍ପର୍କରେ ଗୁରୁତ୍ୱ ଦେଇ ଡଃ ନାଏକ ଆଲୋଚନା କରିଛନ୍ତି । ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ସମ୍ପ୍ରଦାୟ ୪ କୋଟି ୪୧ ଲକ୍ଷ ୬୫ ହଜାର ୫୮୨ ଟଙ୍କାର ଆର୍ଥିକ ସହଭାଗିତା ଦେଇଛନ୍ତି । ସେମାନଙ୍କ ସହଭାଗିତା ସହ ପଞ୍ଚସଖା ଶିକ୍ଷା ସେତୁ ଦୁଇଗୁଣା ଅନୁଦାନ ମିଶାଇ ମୋଟ ୧୨ କୋଟି ୬୨ ଲକ୍ଷ ୪୮ ହଜାର ୩୭୩ ଟଙ୍କା ବ୍ୟୟ ଅଟକଳରେ ୮୬୨ ଗୋଟି ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରି ମିଳିଛି ।

ଏହି ବୈଠକରେ ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଅନନ୍ୟା ଦାସ, ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଦୁର୍ଗାପ୍ରସାଦ ମହାପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ତଥା ବିତ୍ତ ଅଧିକାରୀ ଶ୍ରୀ ଶିବାଶିଷ ଧଳ, ଅତିରିକ୍ତ ବିତ୍ତ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ଘଡେଇ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ପାଢୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ମନୋରମା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଏସ୍.ପି ପଣ୍ଡା, ଆର୍ ଆଣ୍ଡ ବି ର ଶ୍ରୀ ଜଗଜୀବନ ପଣ୍ଡା, ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀମତୀ ରାଜଲକ୍ଷ୍ମୀ ଦାଶ, ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧିକାରୀ ଡ. ମଣିପ୍ରସାଦ ମିଶ୍ର, ଓ ବିତ୍ତ ଅଧିକାରୀ ଶ୍ରୀମତୀ ଇତିଶ୍ରୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳା ସଶକ୍ତୀକରଣ ହେଉଛି ବିକଶିତ ଓଡ଼ିଶାର ଚାବିକାଠି: ପ୍ରଭାତୀ ପରିଡ଼ା



ଭୁବନେଶ୍ୱର,(ହି.ସ)- ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ବିଭିନ୍ନ ଯୋଜନା, ଅଭିଯାନ, ବୁଝାମଣା ପତ୍ର ଓ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ବିଭାଗୀୟ ସମ୍ମିଳନୀ କକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ କରକମଳରେ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ରାଜ୍ୟର ସାମାଜିକ ଏବଂ ଅର୍ଥନୈତିକ ଗଠନକୁ ସୁଦୃଢ଼ କରିବା ପାଇଁ ପ୍ରୟାସ କରୁଛି । ମହିଳା ସଶକ୍ତିକରଣ 'ବିକଶିତ ଓଡ଼ିଶା' ଗଠନର ମୂଳଦୁଆ ବୋଲି ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଏପରି ଉଦ୍ୟମର ସଫଳତା ତୃଣମୂଳସ୍ତରର କାର୍ଯ୍ୟାନ୍ୱୟନ ଉପରେ ନିର୍ଭର କରେ ।

ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ୧୦ଟି ଜିଲ୍ଲାରେ ପାଇଲଟ୍ ପ୍ରୋଜେକ୍ଟ ଭାବେ 'ନାରୀ ଅଦାଲତର ଶୁଭାରମ୍ଭ କରିଥିଲେ । ଏହି ଉଦ୍ୟମକୁ ସାଧୁବାଦ ଜଣାଇ ଶ୍ରୀ ହରିଚନ୍ଦନ କହିଥିଲେ ଯେ 'ନାରୀ ଅଦାଲତ', ମଧ୍ୟସ୍ଥତା ଆଇନ ମାଧ୍ୟମରେ ପାରିବାରିକ ଓ ଦେୱାନୀ ମାମଲାର ସହଜ ସମାଧାନ କରି ଲିଟିଗେସନ ହ୍ରାସ କରିବା ସହ ଏକ ଭେଦଭାବମୁକ୍ତ ମହିଳା-କୈନ୍ଦ୍ରିକ ସମାଜ ଗଠନ କରିବ । ତାଲୁକା ଆଇନ ସେବା ପ୍ରାଧିକରଣର ସହଯୋଗରେ ମହିଳାମାନଙ୍କୁ ନ୍ୟାୟିକ କ୍ଷମତା ପ୍ରଦାନ କରିବା ଏବଂ ଏହି ଉଦ୍ୟମକୁ ସ୍ୱଚ୍ଛ ଓ ଫଳପ୍ରଦ କରିବାକୁ ସେ ଆହ୍ୱାନ ଦେଇଛନ୍ତି । 'ନାରୀ ଅଦାଲତ' ମହିଳା ଅଧିକାର ସମ୍ପର୍କରେ ସଚେତନତାକୁ ସହଜ କରିବା ଏବଂ ତୃଣମୂଳ ସ୍ତରରେ ଆଲୋଚନା ଏବଂ ମଧ୍ୟସ୍ଥତା ମାଧ୍ୟମରେ ତ୍ୱରିତ, ସୌହାର୍ଦ୍ଦପୂର୍ଣ୍ଣ ବିବାଦ ସମାଧାନ ପ୍ରଦାନ କରିବା ପାଇଁ ୧୦ଟି ଜିଲ୍ଲାର ୧୦ ଟି ଗ୍ରାମ ପଞ୍ଚାୟତରେ 'ନାରୀ ଅଦାଲତ' ପ୍ରୟାସ ଆରମ୍ଭ କରାଯାଇଛି। ଏହି ମଞ୍ଚ ମାଧ୍ୟମରେ ଘରୋଇ ହିଂସା, ଯୌତୁକ, ଶିଶୁ ସୁରକ୍ଷା ଏବଂ ସମ୍ପତ୍ତି ଅଧିକାର ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ କରାଯିବ, ଯାହା ଦ୍ୱାରା ପଞ୍ଚାୟତ ସ୍ତରରେ ସମୟାନୁବର୍ତ୍ତୀ ଏବଂ ସୁଲଭ ନ୍ୟାୟ ସୁନିଶ୍ଚିତ ହେବ ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମତ ପ୍ରକାଶ କରିଥିଲେ ।

ଜାନୁଆରୀ ୧୭ ରୁ ଜାନୁଆରୀ ୨୪ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ ଅନ୍ତର୍ଗତ ସପ୍ତାହବ୍ୟାପୀ ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୬ ର ମଧ୍ୟ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ସଚେତନତା ପଦଯାତ୍ରା, ମହାବିଦ୍ୟାଳୟସ୍ତରରେ ପ୍ରତିଯୋଗିତା, କୃତୀ ଓ ସଫଳ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା କରାଯିବ। ଲିଙ୍ଗ ଆଧାରିତ ଚୟନମୂଳକ ଗର୍ଭପାତକୁ ରୋକିବା, ଲିଙ୍ଗ ସମାନତାକୁ ପ୍ରୋତ୍ସାହନ ଦେବା ଏବଂ କନ୍ୟାଶିଶୁ ପ୍ରତି ସମାଜିକ ମନୋଭାବରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ।

କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, କେନ୍ଦ୍ରୀୟ ପ୍ରାୟୋଜିତ 'ପାଳନା' (ଅଙ୍ଗନୱାଡ଼ି-କମ୍-କ୍ରେଚ୍) ଯୋଜନାର କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ମଧ୍ୟ ଉନ୍ମୋଚନ କରାଯାଇଥିଲା। କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦:୪୦ ମୂଲ୍ୟ-ବଣ୍ଟନ ଅନୁପାତରେ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନା ୬ ମାସରୁ ୩ ବର୍ଷ ବୟସର ଶିଶୁମାନଙ୍କ ପାଇଁ ଏକ ନିରାପଦ ଲାଳନପାଳନ ଏବଂ ଶିଶୁ-ଅନୁକୂଳ ପରିବେଶ ପ୍ରଦାନ କରିବା ସହ ସେମାନଙ୍କର ପୁଷ୍ଟି, ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ଜ୍ଞାନାତ୍ମକ ବିକାଶ ସୁନିଶ୍ଚିତ କରିବ। ଏହି ପଦକ୍ଷେପ କାର୍ଯ୍ୟବଳରେ କର୍ମଜୀବୀ ମାଆମାନଙ୍କର କର୍ମ କ୍ଷେତ୍ରରେ ଅଂଶଗ୍ରହଣ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ବୋଲି ମଧ୍ୟ ଆଶା କରାଯାଇଛି।

ପ୍ରଥମ ପର୍ଯ୍ୟାୟରେ, ସୁନ୍ଦରଗଡ଼, ସମ୍ବଲପୁର, ମାଲକାନଗିରି, ବୌଦ୍ଧ ଏବଂ ରାୟଗଡ଼ା ବ୍ୟତୀତ ରାଜ୍ୟର ୨୫ଟି ଜିଲ୍ଲାରେ ୧୬୮ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ 'ପାଳନା' କେନ୍ଦ୍ର ଭାବରେ ଚିହ୍ନଟ ଏବଂ କାର୍ଯ୍ୟକ୍ଷମ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ ଶିଶୁ ସୁରକ୍ଷା, ପୁଷ୍ଟିସାର ଯୁକ୍ତ ଖାଦ୍ୟ, ନିରାପଦ ଶୋଇବା ସୁବିଧା, ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ଟୀକାକରଣ ସହାୟତା ସମେତ ସେବା ପ୍ରଦାନ କରିବ।

ଏହା ସହିତ, ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ରାଜ୍ୟ ବଜେଟରୁ ୨.୪୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ଯାଜପୁରରେ ଉତ୍କଳ ବାଳାଶ୍ରମର ଏକ ୧୦୦ ଶଯ୍ୟା ବିଶିଷ୍ଟ ନୂତନ କୋଠାକୁ ଆଭାସୀ ମାଧ୍ୟମରେ ଉଦଘାଟନ କରିଥିଲେ। ଅନ୍ତେବାସୀ ପିଲାମାନଙ୍କ ପାଇଁ ପରିଷ୍କାର ଏବଂ ପୁଷ୍ଟିକର ଖାଦ୍ୟ ସୁନିଶ୍ଚିତ କରିବା ପାଇଁ ପୁରୀ ଏବଂ ଯାଜପୁରର ଉତ୍କଳ ବାଳାଶ୍ରମରେ ଆଧୁନିକ ରୋଷେଇ ଘର ମଧ୍ୟ ଉଦଘାଟନ କରାଯାଇଥିଲା। ପର୍ଯ୍ୟାୟକ୍ରମେ ଏହି ଆଧୁନିକ ରୋଷେଇ ଘର ସୁବିଧାକୁ ଅନ୍ୟ ଜିଲ୍ଲାକୁ ବିସ୍ତାର କରିବାକୁ ଯୋଜନା କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଉପ-ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଏବଂ ଗଜପତି ଜିଲ୍ଲାରେ ଦୁଇଟି ସମନ୍ୱିତ ବାତ୍ସଲ୍ୟ ସଦନ ପାଇଁ ଆଭାସୀ ମାଧ୍ୟମରେ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସୁବିଧାଗୁଡ଼ିକ ଶିଶୁ ଯତ୍ନ ପ୍ରତିଷ୍ଠାନ, ଶିଶୁ କଲ୍ୟାଣ କମିଟି ଏବଂ କିଶୋର ନ୍ୟାୟ ବୋର୍ଡକୁ ଗୋଟିଏ ଛାତ ତଳେ ଏକାଠି କରିବ। ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ପିଲାମାନଙ୍କୁ ଶିଶୁ-ଅନୁକୂଳ, ସହଜ ଏବଂ ସମୟାନୁବର୍ତୀ ସେବା ପ୍ରଦାନ କରିବା।

# ବିଏମ୍‌ସି ଓ ସିଜିଏମ୍ ମଧ୍ୟରେ ଏନ୍‌ଏମ୍‌ଟି ପାଇଁ ଚୁକ୍ତିପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ହି.ସ.)- ସହର ମଧ୍ୟରେ ଯାତାୟତ ଓ ପରିବହନକୁ ସୁଗମ କରିବା ଏଥିପାଇଁ ସହରାଞ୍ଚଳ ନୀତିକୁ ମାନି ଚଳିବା, ବିଶେଷ କରି ଚଳାବୁଲା, ପାଦଚଲା ରାସ୍ତା, ସାଇକେଲିଂ ଇତ୍ୟାଦି ଅଣ-ମୋଟର ଗମନାଗମନକୁ ପ୍ରୋତ୍ସାହିତ କରିବା ପାଇଁ ବିଏମ୍ ସି କର୍ତ୍ତୃପକ୍ଷ ସେଣ୍ଟର୍ ଫର୍ ଗ୍ରୀନ୍ ମୋବିଲିଟି (ସିଜିଏମ୍) ସଂସ୍ଥା ସହିତ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରିଛନ୍ତି ।

ସାରା ବିଶ୍ୱରରେ ଜଳବାୟୁ ପରିବର୍ତ୍ତନ ଓ ସବୁଜିମା ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଐତିହ୍ୟ ଏବଂ ଆଧୁନିକତାକୁ ଯୋଡି ଆଗେଇଥିବା ସ୍ମାର୍ଟ ସିଟି ଭୁବନେଶ୍ୱର ନିଜ ଅଂଚଳରେ ଅଣମୋଟର ଯାତାୟତକୁ ଗୁରୁତ୍ୱ ଦେଇଛନ୍ତି ।ବିଶେଷ କରି ଶିଶୁ, ମହିଳା, ବୃଦ୍ଧ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଦୁର୍ବଳ ଗୋଷ୍ଠୀଙ୍କ ନିମନ୍ତେ ଏହି ସୁବିଧା କରିବା ପାଇଁ ରଣନୀତି ପ୍ରସ୍ତୁତ ହେବ । ପ୍ରଶିକ୍ଷଣ, କର୍ମଶାଳା, ଏକ୍ସପୋଜର ପରିଦର୍ଶନ, ବୈଷୟିକ ମାର୍ଗଦର୍ଶନ ଏବଂ ଅଣମୋଟର ଗମନାଗମନ ଯୋଜନା, ଡିଜାଇନ୍, ସୁରକ୍ଷା ଓ ପରିଚାଳନା ଉପରେ ଜ୍ଞାନ ବିନିମୟ ମାଧ୍ୟମରେ ସଂସ୍ଥାଗତ ଦକ୍ଷତା ବୃଦ୍ଧି କରିବା।

ପଥଚାରୀଙ୍କ ସୁରକ୍ଷା, ସାଇକେଲ ଚାଳନା ସଂସ୍କୃତି ଏବଂ ସ୍ଥାୟୀ ଗତିଶୀଳତା ଅଭ୍ୟାସ ଗ୍ରହଣ ଉପରେ ଧ୍ୟାନ ଦେଇ ଗୋଷ୍ଠୀ ଅଂଶଗ୍ରହଣ, ଜନ ସଚେତନତା ସାଙ୍ଗକୁ ଏହି ପ୍ରକାର ପରିବେଶ ଅନୁକୂଳ ଗମନାଗମନ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ତାଲିମ ପ୍ରଦାନ କରିବେ । ଏଥିରେ ବିଭିନ୍ନ ବର୍ଗଙ୍କୁ ସାମିଲ କରାଯିବ । ବିଏମ୍ ସି ଅଞ୍ଚଳରେ ଚାଲିବା, ସାଇକେଲ ଚାଳନା ଏବଂ ଅନ୍ୟାନ୍ୟ ଅଣ-ମୋଟର ଯୁକ୍ତ ଯାତାୟତ ପାଇଁ ଏକ ନିରାପଦ, ସୁଲଭ ଏବଂ ଲାଭ ଦାୟକ ଭିତ୍ତିଭୂମି ସୃଷ୍ଟି କରିବାରେ ବିଏମ୍ ସିକୁ ବୈଷୟିକ ସହାୟତା କରିବ ସିଜିଏମ୍ ।

ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ, ବିଏମ୍ ସି କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ଡେପୁଟି କମିଶନର ଏନ୍ ଗଣେଶ ବାବୁଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବାବେଳେ ସିଜିଏମ୍ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବଙ୍କିମ କାର୍ଲା ଉପସ୍ଥିତ ଥିଲେ । ଏହି ଚୁକ୍ତିନାମାରେ ବିଏମ୍ ସି ପକ୍ଷରୁ କମିଶନର ଶ୍ରୀ ରାଣା ଏବଂ ସିଜିଏମ୍ ସିଇଓ ଶ୍ରୀ କାର୍ଲା ସ୍ୱାକ୍ଷର କରିଥିଲେ ।

# କଟକରେ ପରିମଳ ସେବା ଓ ସମ୍ମାନକୁ ଏକ ନୂଆ ପରିଚୟ ଦେଉଛି 'ଗରିମା ଯୋଜନା'

କଟକ/ଭୁବନେଶ୍ୱର,(ହି.ସ)- କଟକ ମହାନଗର ନିଗମ (ସିଏମସି) ଦ୍ୱାରା ପରିଚାଳିତ 'ମଳ ପଙ୍କ ପରିଚାଳନା ପ୍ଲାଂଟ' କେବଳ ଏକ ପରିମଳ ସେବା କେନ୍ଦ୍ର ନୁହେଁ, ବରଂ ଏହା କିଭଳି ଆତ୍ମସମ୍ମାନ, ସମାବେଶୀକରଣ ଏବଂ ସାମାଜିକ ପରିବର୍ତନର ଏକ ମାଧ୍ୟମ ହୋଇପାରେ, ତାହାର ଏକ ଉଦାହରଣ ସାଜିଛି। ମତଗଜପୁରଠାରେ ଅବସ୍ଥିତ ଏହି ପ୍ଲାଂଟ ବୈଜ୍ଞାନିକ ପଦ୍ଧତିରେ ମଳ ପଙ୍କ ପରିଚାଳନା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ଲୋକାଭିମୁଖୀ ତଥା ସମାବେଶୀ ସହରାଞ୍ଚଳ ଶାସନ ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ଏହି ପ୍ରୟାସ ପଛରେ ଏକ ପ୍ରେରଣାଦାୟୀ କାହାଣୀ ରହିଛି। ଓଡ଼ିଶା ସରକାରଙ୍କ 'ଗରିମା' ଯୋଜନା ଅଧୀନରେ ଏହି ପ୍ଲାଣ୍ଟର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଟ୍ରାନ୍ସଜେଣ୍ଡରଙ୍କୁ ପ୍ରଦାନ କରାଯାଇଛି। ଦିନେ ସାମାଜିକ ବାସନ୍ଦ, କଳଙ୍କ ଏବଂ ଆର୍ଥିକ ଅନଗ୍ରସରତାର ସମ୍ମୁଖୀନ ହେଉଥିବା ଏମାନେ ଆଜି ଅତି ଆତ୍ମବିଶ୍ୱାସ, ବୃତ୍ତିଗତ ଦକ୍ଷତା ଏବଂ ଗର୍ବର ସହ ଏହି ଅତ୍ୟାବଶ୍ୟକ ସହରୀ ସେବାରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛନ୍ତି ।ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ସୁଶ୍ରୀ ଶୀତଲ ବାସ୍ତିଆ, ସଭାପତି ତନୁଶ୍ରୀ ବେହେରା ଏବଂ ଗୋଷ୍ଠୀର ଅନ୍ୟ ସଦସ୍ୟ ଶିବାନୀ, ପ୍ରୀତମ ସିଂ, ସୁମନ, ଟିକି ଏବଂ ରଞ୍ଜନ କୁମାର ସାହୁ ଏହି ସାତଜଣ 'ସୁପରହ୍ୟୁମ୍ୟାନ୍' ହେଉଛନ୍ତି ପ୍ଲାଣ୍ଟ ପରିଚାଳନାର ମୁଖ୍ୟ ସ୍ତମ୍ଭ। ସେମାନେ ମିଳିତ ଭାବେ ସହରର ବିଭିନ୍ନ ସ୍ଥାନରୁ ସଂଗୃହିତ ମଳ ପଙ୍କର ସଠିକ୍ ଉପଚାର ନିଶ୍ଚିତ କରୁଛନ୍ତି, ଯାହା ସହରର ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବାରେ ସହାୟକ ହେଉଛି।ଏହି ପ୍ଲାଣ୍ଟର ଦୈନିକ ୬୦ କେଏଲଡି ମଳ ପଙ୍କ ଉପଚାର କରିବାର କ୍ଷମତା ରହିଛି। ଏହା ସହିତ ୧୩ଟି ସେସପୁଲ୍ ଗାଡ଼ି ଓ ସେଥିରେ ନିୟୋଜିତ ତାଲିମପ୍ରାପ୍ତ ଚାଳକ ଏବଂ ହେଲପରଙ୍କ ସହାୟତାରେ କଟକ ସହରର ବିଭିନ୍ନ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନରୁ ନିୟମିତ ଭାବେ ମଳ ସଂଗ୍ରହ କରାଯାଉଛି। ପ୍ରତିମାସରେ ଶତାଧିକ ଟ୍ରିପ୍ ମାଧ୍ୟମରେ ସଂଗୃହିତ ପଙ୍କର ବୈଜ୍ଞାନିକ ପଦ୍ଧତିରେ ଉପଚାର କରାଯାଇ ପରିବେଶ ଏବଂ ଜନସ୍ୱାସ୍ଥ୍ୟ ପ୍ରତି ଥିବା ବିପଦକୁ ରୋକାଯାଇ ପାରୁଛି। ସମାଜର ମୁଖ୍ୟସ୍ରୋତରୁ ଦୂରେଇ ରହିଥିବା ଏହି ଟ୍ରାନ୍ସଜେଣ୍ଡରମାନଙ୍କ ସଫଳ ଯାତ୍ରା ସରକାରଙ୍କ ନୀତିର ପରିଚୟ ଦେଉଛି। ଦିନେ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ଏହି କିନ୍ନରମାନେ ଆଜି ଏକ ସମ୍ମାନଜନକ ଜୀବିକା ସହିତ ସାମାଜିକ ସ୍ୱୀକୃତି ଲାଭ କରିପାରିଛନ୍ତି।

# ବୁଲା କୁକୁର ବନ୍ଧ୍ୟାକରଣ ଅଭିଯାନର ଶୁଭାରମ୍ଭ




ବ୍ରହ୍ମପୁର;(ପିପିଏସ୍): ମହାନଗର ନିଗମରେ ବଢୁଥିବା ବୁଲା କୁକୁର ସମସ୍ୟାର ସୁସ୍ଥ ଓ ମାନବିକ ସମାଧାନ ପାଇଁ କୁକୁରଙ୍କ ବନ୍ଧ୍ୟାକରଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଲକ୍ଷ୍ୟରେ ଶନିବାର ଦିନ ନିଗମ ପକ୍ଷରୁ ବୁଲା କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡି,କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ କରକମଳରେ ଉଦଘାଟିତ ହୋଇଯାଇଛି।

ଉଦଘାଟନୀ କାର୍ଯ୍ୟକ୍ରମରେ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ମୁଖ୍ୟ ବିତ୍ତ ଅଧିକାରୀ ଦେବ କୁମାର ସାହୁ, ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଅଞ୍ଜନ ଦାସ, ଉପଖଣ୍ଡ ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅରବିନ୍ଦ ବେହେରା, ସିଟି ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ସତ୍ୟନାରାୟଣ କର, ଜିଲ୍ଲା ଏସ୍‌ପିସିଏ ସଦସ୍ୟ ଲଲାଟେନ୍ଦୁ ଚୌଧୁରୀ, ଅର୍ବାନ୍ ବ୍ୟାଙ୍କ୍ ସଭାପତି ଆର ମୁରଲୀ ମୋହନଙ୍କ ସମେତ ନିଗମର ବହୁ କର୍ପୋରେଟର ଓ ଠିକା ସଂସ୍ଥାର ପ୍ରତିନିଧି ଓ ପଶୁପ୍ରେମୀ ଉପସ୍ଥିତ ଥିଲେ। ବନ୍ଧ୍ୟାକରଣ ମାଧ୍ୟମରେ ବୁଲା କୁକୁରଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ରେବିଜ୍ ଭଳି ରୋଗର ପ୍ରସାରକୁ ରୋକାଯାଇ ପାରିବ।

ବ୍ରହ୍ମପୁରରେ ପ୍ରାଥମିକ ପର୍ଯ୍ୟାୟରେ ମହାନଗର ନିଗମ ଅଞ୍ଚଳରେ ଗୋଟିଏ କୁକୁର ଧରା ଗାଡ଼ି ବୁଲିବ। ଏବେ ବ୍ରହ୍ମପୁରରେ ପାଖାପାଖି ୧୧ ହଜାରରୁ ଅଧିକ ବୁଲା କୁକୁର ରହିଛନ୍ତି। ପ୍ରତି ମାସରେ ପ୍ରାୟ ୫-୬ ଶହ ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରିବା ପାଇଁ ବ୍ୟବସ୍ଥା କରିଛି । ସେମାନଙ୍କୁ ବନ୍ଧ୍ୟାକରଣ କରିବା ପାଇଁ ବେଙ୍ଗାଲୁରୁ ସ୍ଥିତ ଏନିମାଲ ୱେଲଫେୟାର ଅର୍ଗାନାଇଜେସନ୍ (ASRA) ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୨ ବର୍ଷ ପାଇଁ ଏହି ବନ୍ଧ୍ୟାକରଣ ପ୍ରକ୍ରିୟା ଜାରି ରହିବ। ଏହାଦ୍ୱାରା ସହରରେ ବୁଲା କୁକୁରଙ୍କର ସଂଖ୍ୟା ବୃଦ୍ଧିକୁ ରୋକିବାକୁ ଲକ୍ଷ୍ୟ ରହିଛି।

ବନ୍ଧ୍ୟାକରଣ ପାଇଁ ଅନୁଭବୀ ଜଣେ ପଶୁ ଡାକ୍ତର, ଜଣେ ଆଟେଣ୍ଡାଣ୍ଟ ଓ ଜଣେ ଲାଇଭଷ୍ଟକ୍ ଇନ୍ସପେକ୍ଟର୍ (ଏଲ.ଆଇ) ନିଯୁକ୍ତ ରହିଛନ୍ତି। ପ୍ରଶିକ୍ଷିତ ପଶୁ ଚିକିତ୍ସକଙ୍କ ଦ୍ୱାରା ନିରାପଦ ଭାବେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରାଯିବ ଏବଂ ପରେ ସେମାନଙ୍କୁ ଯଥା ସ୍ଥାନରେ ଛାଡ଼ି ଦିଆଯିବ। ଏଥିପାଇଁ ସ୍ୱଚ୍ଛ ଅପରେସନ ଥିଏଟର, ଔଷଧ ଓ ପୋଷ୍ଟ-ଅପରେସନ ଯତ୍ନର ବ୍ୟବସ୍ଥା କରାଯାଇଛି।

ପ୍ରଥମ ଦଫାରେ ଏହି କାର୍ଯ୍ୟକ୍ରମ ପଶୁ ଚିକିତ୍ସାଳୟ ନିକଟସ୍ଥ ମିଲିଟାରୀ ଲାଇନ ଅଞ୍ଚଳରୁ ଆରମ୍ଭ ହୋଇ ପ୍ରଥମ ଦିନରେ ୭ଟି କୁକୁର ଧରି ସେମାନଙ୍କ ବନ୍ଧ୍ୟାକରଣ କରାଯାଇଛି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସମଗ୍ର ସହରରେ ଏହି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଚାଲିବ।

ମହାନଗର ନିଗମ କର୍ତ୍ତୃପକ୍ଷ ଓ ମେୟର ନାଗରିକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ କରି ବୁଲା କୁକୁରଙ୍କ ପ୍ରତି ମାନବିକ ଦୃଷ୍ଟିକୋଣ ଅପଣାଇବାକୁ ଆହ୍ୱାନ କରିଛନ୍ତି। ଏହି ପଦକ୍ଷେପ ସହରକୁ ସୁରକ୍ଷିତ, ସ୍ୱଚ୍ଛ ଓ ସନ୍ତୁଳିତ ପରିବେଶ ଦିଗରେ ଆଗେଇ ନେବ ବୋଲି ଆଶା ପ୍ରକାଶ କରାଯାଉଛି।

# ନିଆଁରେ ଜଳିଗଲା ୭ କୋଟି ଟଙ୍କାର ୫ ଏକର ଜାଗାରେ ନିର୍ମାଣ ହୋଇଥିବା ପାର୍କର ଗଛ



ଯାଜପୁର (ପିପିଏସ ): ଯାଜପୁର ରୋଡ଼ ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ଟେଲିବାହାଳୀ ପାର୍କ ରେ ଆଜି ଅପରାହ୍ନରେ ହଟାତ ଅଗ୍ନିକାଣ୍ଡ ଘଟି ପ୍ରାୟ ୫ ଏକର ଜାଗାରେ ଲଗାଯାଇଥିବା ବହୁ ମୂଲ୍ୟବାନ ଗଛ ସବୁ ଜଳି ପୋଡି ପାଉଁଶ ହୋଇଛି, ଖବର ପାଇଁ ଯାଜପୁର ରୋଡ଼ ବନାଞ୍ଚଳ ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଁଞ୍ଚି ତୁରନ୍ତ ଦମକଳ ବାହିନୀକୁ ଫୋନ କରିଥିଲେ, ଏକାଥରେ ୪ଟି ଦମକଳ ବାହିନୀ ପହଁଞ୍ଚିଥିଲେହେଁ ନିଆଁ କୁ ଆୟତ୍ତ କରିବାକୁ ଦୀର୍ଘ ୪ ଘଣ୍ଟା ଲାଗିଥିଲା, ଅଗ୍ନିକାଣ୍ଡର କ୍ଷିପ୍ରତା ଏତେ ଥିଲା ଯେ ଚାହୁଁ ଚାହୁଁ ସର୍ବନାଶ ହୋଇଯାଇଥିଲା। ତେବେ କ୍ଷୟ କ୍ଷତି କେତେ ଟଙ୍କାର ହୋଇଛି ତାହା ଜଣା ପଡ଼ିନାହିଁ। ସୂଚନା ଯୋଗ୍ୟ ଯେ କଳିଙ୍ଗନଗର ମହୋତ୍ସବ ସହ ମହାପାଟ ପଡ଼ିଆକୁ ସୌନ୍ଦର୍ଯ୍ୟକରଣ କରିବା ସହ ଲୋକଙ୍କ ମନୋରଞ୍ଜନ ପାଇଁ ଜିଲ୍ଲା ଡ଼ିଏମଏଫ ପାଣ୍ଠି ରେ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ପାର୍କ ବନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା,ଯାହାକି ସରକାର ବଦଳିବା ପରେ ଏହାର ରକ୍ଷଣା ବେକ୍ଷଣ ସମ୍ଭବ ହୋଇ ନ ଥିଲା, ଫଳରେ ପାର୍କ ଲଗାଯାଇଥିବା ଗଛ ଭିତରେ ଆଣ୍ଠୁଏ ଲେଖାଏ ଘାସ ଗଛ ସବୁ ଜଙ୍ଗଲ ପରି ସୃଷ୍ଟି ହୋଇଥିଲା,ଆଜି କୌଣସି କାରଣରୁ ଏଥିରେ ଅଗ୍ନିକାଣ୍ଡ ଘଟିବାରୁ ଏସବୁ ଜଳି ପାଉଁଶ ହୋଇଥିଲା। ତେବେ କିପରି ପରିସ୍ଥିତିରେ ନିଆଁ ଲାଗିଲା ଓ କେଉଁ କାରଣରୁ ନିଆଁ ଲାଗିଲା ତାହାର ତଦନ୍ତ ହେବା ନିହାତି ଦରକାର।

# ଗାଦି ଛାଡ଼ିବାକୁ ଅମଙ୍ଗ ପୁଲସି କନଷ୍ଟେବଲ

ଅସ୍ତରଙ୍ଗ (ପିପିଏସ୍): ନିୟମ ମୁତାବକ ପ୍ରତି ତିନିବର୍ଷରେ ସରକାରୀ କର୍ମଚାରୀ ଙ୍କ ବଦଳି ହେବ। ଚାକିରୀରେ ସ୍ୱଛତା ବଜାୟ ରକ୍ଷା ପାଇଁ ବଦଳି କୁ ଗୁରୁତ୍ୱ ଦିଆଯାଉଛି। ମାତ୍ର ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଥାନାରେ କିଛି ପୁଲିସ କର୍ମଚାରୀ ଙ୍କ କ୍ଷେତ୍ରରେ ଏହି ନିୟମ ପାଳନ କରାଯାଉନଥିବା ଅଭିଯୋଗ ହେଉଛି। ଗୋଟିଏ ଥାନାରେ କିଛି ନିର୍ଦ୍ଧିଷ୍ଟ କନେଷ୍ଟବଲ ୭ରୁ ୮ବର୍ଷ ହେବ ରହି କାର୍ଯ୍ୟ କରୁଛନ୍ତି। ଉପରିସ୍ଥ ଅଧିକାରୀ ସେମାନଙ୍କ ବଦଳି କଥା ଚିନ୍ତା କରୁ ନାହାନ୍ତି। ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ ରହୁଥିବାରୁ ସ୍ୱଛତା ଉପରେ ପ୍ରଶ୍ନ ଉଠିବ ସ୍ୱାଭାବିକ। ଯେ କୌଣସି ଥାନା ରେ ତିନି ବର୍ଷ ରୁ ଅଧିକ ଦିନ ରହି କାର୍ଯ୍ୟ କରିବାର ନିୟମ ନଥିବା ବେଳେ ଜିଲ୍ଲା ପୁଲିସର ଅବହେଳା ଯୋଗୁଁ ପାଖାପାଖି ୭ରୁ ୮ବର୍ଷ ହେବ ସେମାନଙ୍କୁ ବଦଳି କରାଯାଉ ନାହିଁ। ଯାହାକୁ ନେଇ ଅନେକ ସମୟରେ ପୁଲିସର କାର୍ଯ୍ୟ ଶୈଳୀ ଉପରେ ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି। ଯାହା ପ୍ରାପ୍ତ ସୂଚନା କିଛି ନିର୍ଦ୍ଧିଷ୍ଟ କନେଷ୍ଟବଲ ଙ୍କ ବଦଳି ହେଉନଥିବା ଜଣା ପଡିଛି। ସେମାନଙ୍କୁ କାହିଁକି ଅଦଳବଦଳ କରାଯାଉନାହିଁ ସେ ସମ୍ପର୍କ ରେ କୌଣସି ସୂଚନା ନାହିଁ। ବେଶି ଦିନ ଥାନାରେ ରହୁଥିବା କିଛି ନିର୍ଦ୍ଧିଷ୍ଟ କର୍ମଚାରୀ ଙ୍କ ଦବଦବା ମଧ ଦେଖିବାକୁ ମିଳୁଛି। କିଛି ଅପରାଧୀ ସେମାନଙ୍କ ସାହସ ରେ ଅପରାଧ ସାମ୍ରାଜ୍ୟ ବଢ଼ାଇ ଚାଲିଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି। ସେମାନେ ଚାପ ପକାଇ ନିଜ ବଦଳି ନିର୍ଦ୍ଦେଶ କୁ ବନ୍ଦ କରୁଛନ୍ତି ନା ଏହା ପଛରେ ଅନ୍ୟ କିଛି ମସୁଧା ରହିଛି ତାହା ସ୍ପଷ୍ଟ ହୋଇନାହିଁ।

## ନିର୍ଦ୍ଧାରଣରେ ଏଫଏକ୍ୟୁ ମାନ ଯାଞ୍ଚ

# ଚୁଡ଼ାକୁଟି ଓ ବରଗଡ଼ାକୁ ମିଶାଇ ଜିଲ୍ଲାର ୪୦ ମଣ୍ଡିରୁ ଫେରିଲା ଧାନ

ଧାମନଗର (ପି ପି ଏସ): ଜିଲ୍ଲା ଯୋଗାଣ ବିଭାଗ ସହ ଖୋଦ ଭଦ୍ରକ ଜିଲ୍ଲାପାଳଙ୍କ ତାଗିଦ ପଞ୍ଜୀକୃତ ଚାଷୀ ମଣ୍ଡିକୁ ଆଣିଥିବା ଧାନର ମାନ ଏଫଏକ୍ୟୁ ନହେଲେ କ୍ରୟ କରାଯିବ ନାହିଁ। ଯଦି କୌଣସି ସମ୍ପାଦକ ସମିତିରେ ଖୋଲିଥିବା ସରକାରୀ ମଣ୍ଡିରେ ନିମ୍ନ ମାନର ଧାନ କ୍ରୟ କରେ ଓ ତାକୁ ଗୋଦାମରେ ରଖେ ତାହେଲେ ସେହି ସମ୍ପାଦକଙ୍କୁ ସସପେଣ୍ଡ କରାଯିବା ସହ ମଣ୍ଡି ଲାଇସେନ୍ସ ରଦ୍ଦ କରାଯିବ। ଏହି ନିର୍ଦ୍ଦେଶ ପରେ ଶକ୍ତ ହୋଇଛି ସମିତି କର୍ତ୍ତୃପକ୍ଷ, ଯୋଗାଣ ଅଧିକାରୀ, ମିଲର ଓ ମଣ୍ଡି ନୋଡାଲ ଅଧିକାରୀଙ୍କ ଆଭିମୁଖ୍ୟ। ଯେଉଁଥି ପାଇଁ ବିଳମ୍ବ ସତ୍ତ୍ୱେ ମଣ୍ଡିକୁ ଆସିଥିବା ଧାନର ମାନ ଏଫଏକ୍ୟୁ ନ ହେବାରୁ କ୍ରୟ ନକରି ସମିତି ଗୁଡ଼ିକ ଫେରାଉଛନ୍ତି। ଏଥିପାଇଁ ଦୀର୍ଘ ୧୫ ଦିନ ତଳୁ ମଣ୍ଡି ଗୁଡ଼ିକ କେବଳ କଣ୍ଟାପୂଜା କରି ଚୁପ ବସିଥିଲେ। ଏହି କ୍ରମରେ ଶନିବାର ଚୁଡ଼ାକୁଟି ସମବାୟ ସମିତି ପକ୍ଷରୁ ଟୋକନ ପାଇଥିବା ଚାଷୀଙ୍କ ମଧ୍ୟରୁ ୪ ଜଣଙ୍କୁ ଧାନ ବିକ୍ରୟ ପାଇଁ ଖବର ଦିଆଯାଇଥିଲା। ଚାଷୀ ସତ୍ୟ ନାରାୟଣ ପଣ୍ଡା, ରବିନ୍ଦ୍ର କୁମାର ପାଲ, ନିରଞ୍ଜନ ପାତ୍ର ଓ ଦୟାନିଧି ସାହୁ ପ୍ରମୁଖ ମଣ୍ଡିକୁ ଧାନ ଆଣିଥିଲେ। ମଣ୍ଡିରେ ଉପସ୍ଥିତ ଧାମନଗରର ଅତିରିକ୍ତ ତହସିଲଦାର ପଲ୍ଲୀ ଭାରତୀ ମହାଳିକ, ବ୍ଲକ ଯୋଗାଣ ଅଧିକାରୀ



ରସାନନ୍ଦ ସାହୁ, ଆରଆଇ ଶୁଭଶ୍ରୀ ମଲ୍ଲିକ, ଚୁଡ଼ାକୁଟି ସମବାୟ ସମିତିର ସଭାପତି ଭାରତୀ ମଲ୍ଲିକ, ସମ୍ପାଦକ ଅରୁଣ ଉଦୟ ପାତ୍ର, ଆରଏମସି ଟେକ୍ନିସିଆନ ଦିବ୍ୟଜିତ ନାୟକ ଓ ପଦ୍ମନାଭ ରାଇସ ମିଲର ପ୍ରତିନିଧିଙ୍କ ସମେତ ଚାଷୀ କମିଟିର ପ୍ରଶାନ୍ତ କୁମାର ସାହୁ, ଗଙ୍ଗାଧର ମଲ୍ଲିକ, ରାଜୀବ ଲୋଚନ ନାୟକ, ରାଜୀବ ଦାସ ପ୍ରମୁଖଙ୍କ ସହିତ ସମିତି ପରିଚାଳନା ପରିଷଦର ସଦସ୍ୟଙ୍କ ସମେତ ବହୁ ଚାଷୀଙ୍କ ଉପସ୍ଥିତରେ ଧାନର ମାନ ନିର୍ଦ୍ଧାରଣ କରାଯାଇ ଥିଲା। ଏଥିରେ ଚାଷୀ ମାନେ ମଣ୍ଡିକୁ ଆଣିଥିବା ଧାନ ଏଫଏକ୍ୟୁ ମାନର ନଥିଲା। ଉପସ୍ଥିତ ଅଧିକାରୀ ଓ କ୍ରୟ କମିଟି ନିଷ୍ପତ୍ତି କ୍ରମେ ଚାଷୀଙ୍କୁ ତାଙ୍କ ଫେରାଇ ଦିଆଯାଇ ଥିଲା। ଏଠାରେ ସୂଚନାଯୋଗ୍ୟଯେ, ଏଫଏକ୍ୟୁ ମାନର ଧାନ ନ ଆଣିବାରୁ ଶନିବାର ଚୁଡ଼ାକୁଟି ଓ ଶୁକ୍ରବାର ବରଗଡା ସମେତ ଭଦ୍ରକ ଜିଲ୍ଲାର ୪୦ ଟି ସମିତିରେ ଧାନ କ୍ରୟ କରାନଯାଇ ଚାଷୀଙ୍କୁ ଫେରାଇ ଦିଆଯାଇଛି। ଯେଉଁଥି ପାଇଁ ଚାଷୀଙ୍କୁ ଘାରିଛି ଟୋକନ ଲାପ୍ସ ଭୟ। ଏପଟେ ଦୀର୍ଘ ଏକମାସରୁ ଉର୍ଦ୍ଧ୍ୱ ଧରି ଧାନକୁ ସାଇତି ରଖିଲେ ମଧ ତାହା ନଷ୍ଟ ହେଉଛି।ଏଠାରେ ପ୍ରଶ୍ନଉଠେ ଯେଉଁ ଜିଲ୍ଲାପାଳ ଚାଷୀଙ୍କ ଧାନର ସୁଲଭ ବିକ୍ରି ପାଇଁ ଗତ ବର୍ଷ ଛଦ୍ମ ବେଶରେ ମଣ୍ଡି ପରିଦର୍ଶନ କରୁଥିଲେ କାହା ନିର୍ଦ୍ଦେଶରେ ଆଜି ଏତେ କଠୋର ପାଲଟିଛନ୍ତି। ଯାହାଦ୍ୱାରା ଚାଷୀମାନଙ୍କ ଅସନ୍ତୋଷ ବଢୁଛି। ବେଳହୁଁ ସାବଧାନ ନହେଲେ ଭଦ୍ରକ ଜିଲ୍ଲାପାଳଙ୍କ ବିରୋଧରେ ରାସ୍ତାରେ ଧାନବସ୍ତା ରଖି ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚାଷୀ ମାନେ ସୂଚନା ଦେଇଛନ୍ତ।

# ଗୁଡ଼ି ସୂତା ଲାଗିଯିବାରୁ ମୃତ୍ୟୁ ମୁଖରୁ ବର୍ତ୍ତିଲେ ଦେବେନ୍ଦ୍ର

କେନ୍ଦ୍ରାପଡ଼ା,୧୭।୧: ବର୍ତ୍ତମାନ ଗୁଡିଉଡା ପର୍ବ ଚାଲିଛି । ଏହି ପରିପ୍ରେକ୍ଷିରେ କେନ୍ଦ୍ରାପଡା ସହର ଗୋବରୀ ନଦୀ କୂଳରେ ପିଲାମାନେ ଗୁଡି ଉଡେଇବାରେ ବ୍ୟସ୍ତ । ଗୁଡି ସୂତା ପ୍ଲାଷ୍ଟିକରେ ହେଉ ବା ମାଞ୍ଜା ସୂତା ହେଉ । ତାହା ସାଧାରଣ ବାଟୋଇମାନଙ୍କର କାଳ । ଆଜି ଅପରାହ୍ନରେ କେନ୍ଦ୍ରାପଡା ନୂଆ ବସଷ୍ଟାଣ୍ଡ ବାଇପାସ ରାସ୍ତାରେ କେନ୍ଦ୍ରାପଡା ଗୁଲନଗର ଛକ ନିକଟ ଏକ ଅଟୋ ସୋରୁମରେ କାର୍ଯ୍ୟରତ ଅସୁରେଶ୍ୱର ଗ୍ରାମର ଦେବେନ୍ଦ୍ର ସାହୁ(୫୧) କୌଣସି ଏକ କାମରେ ପୁରୁଣା ବସଷ୍ଟାଣ୍ଡ ଆଡକୁ ବାଇକ ଯୋଗେ ଯାଉଥିଲେ । ସେହିଠାରେ ପ୍ଲାଷ୍ଟିକ ଗୁଡି ସୂତା ତାଙ୍କ ବେକରେ ଗୁଡେଇ ହୋଇଯାଇଥିଲା । ସେ ହଟାତ



ବ୍ରେକ ମାରିଦେବାରୁ ଘୁସୁଡି ତଳେ ପଡିଯାଇଥିଲେ । ଯାହା ଫଳରେ ଗୋଡହାତ ଖଣ୍ଡିଆ ହୋଇଯିବା ସହ ବାଇକ ଭାଙ୍ଗିଯାଇଥିଲା। ସେଠାରେ ଲୋକମାନେ ତାଙ୍କୁ ସଙ୍ଗେସଙ୍ଗେ ରାସ୍ତା ଉପରୁ ଉଠାଇଥିଲେ । ଶ୍ରୀ ସାହୁ କହିଥିଲେ ଯେ ନିଶ୍ଚିତ ମୃତ୍ୟୁରୁ ଭଗବାନ ତାଙ୍କୁ ରକ୍ଷା କରିଦେଲେ । ସେହିପରି ସେଠିକାର ଆଉଜଣେ ବ୍ୟବସାୟୀ ଯୁବକଙ୍କ ବେକରେ ଗୁଡି ସୂତା ଲାଗିଯିବାରୁ ବେକ କଟି ଯାଇଥିବାର ଦେଖାଇ ଥିଲେ । ସେ ଭୟରେ ତାଙ୍କ ନାମ ପ୍ରକାଶ କରିନଥିଲେ । କେନ୍ଦ୍ରାପଡା ସହରରେ ସ୍ଥାନୀୟ ପ୍ରଶାସନ ଏହାର କୌଣସି ପ୍ରତିକାର ନେବାକୁ ସାଧାରଣ ଲୋକ ଦାବି କରିଛନ୍ତି ।

# ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୂକ୍ତିକରଣ ଶିବିର

ବ୍ରହ୍ମପୁର,(ପିପିଏସ୍): ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନର ଉପ-ଜିଲ୍ଲାପାଳ ଶ୍ରୀ ଅବିନାଶ କୁମାର ଙ୍କ ନିର୍ଦ୍ଦେଶକ୍ରମେ ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗ ପକ୍ଷରୁ ଦୁଇ ଗୋଟି ଆର୍ଥିକ ସାକ୍ଷରତା ଶିବିର ତା ୧୭.୦୧.୨୦୨୬ ରିଖ ରେ ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାଲିଆଜୋଲା ଏବଂ ରଘୁନାଥ ଉଚ୍ଚ ବିଦ୍ୟାଳୟ ପି. ରାମଚନ୍ଦ୍ରପୁର ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ , ଶ୍ରୀଯୁକ୍ତ ସ୍ୱାଭିମାନ ସାହୁ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ କ୍ଲଷ୍ଟର ସି ଆର ସି ସି , ଶ୍ରୀଯୁକ୍ତ ଦିଲୀପ କୁମାର ପ୍ରଧାନ, ପି ର । ମ ଚ ନ୍ଦ୍ର ପୁ ର ପୋଷ୍ଟମାଷ୍ଟର ଶ୍ରୀ ଶାନ୍ତନୁ ମ ହ । ପ । ତ୍ର ,ଭାଲିଆଜୋଲା ପୋଷ୍ଟମାଷ୍ଟର, ଭାଲିଆଜୋଲା ସରପଞ୍ଚ ଯୋଗ ଦେଇଥିଲେ। ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା , ସୁରକ୍ଷିତ ସଞ୍ଚୟ , ଭାରତ



ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ବୀମା ,ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ର ଉପକାରିତା ,ସାଇବର୍ ଫ୍ରଡ୍ ସମ୍ବନ୍ଧରେ ଆଲୋଚନା କରଯାଇଥିଲା । ଶିବିର ରେ ଛାତ୍ର ଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ । ଶେଷରେ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ମଧ କରାଯାଇଥିଲା।

## ହସ୍ତଶିଳ୍ପ ବ୍ୟବସାୟୀମାନଙ୍କୁ ଉଚ୍ଛେଦ ନୋଟିସ୍

# ପୁନଃ ବିଚାର ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର

କୋଣାର୍କ(ପି ପିଏସ):- ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ମା ମଙ୍ଗଳା ମନ୍ଦିର ଗଳି ଓ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ଶତାଧିକ ହସ୍ତଶିଳ୍ପ ବ୍ୟବସାୟୀ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାୟୀ ଥଇଥାନ କରାଯାଇ ନଥିବା ବେଳେ ଏହି ଘଟଣାକୁ ନେଇ ମାନ୍ୟବର ଓଡିଶାଉଚ୍ଚନ୍ୟାୟାଳୟରେ ମାମଲା ବିଚାରଧୀନ ରହିଅଛି ।ହେଲେ ଗୋପ ରାଜସ୍ୱ ବିଭାଗ ପକ୍ଷରୁ ନୋଟିସ ଜାରି କରି ଉଛେଦ କରିବା ପାଇଁ ଷଡଯନ୍ତ୍ର ଚାଲିଥିବା ବେଳେ ତହସିଲଦାର ଦେଇଥିବା ଉଛେଦ ନୋଟିସର ପୁନଃ ବିଚାର କରିବା ନିମନ୍ତେ କୋଣାର୍କ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘ ପକ୍ଷରୁ କୋଣାର୍କ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ପୁରୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଖବରରୁ ପ୍ରକାଶ ଯେ ବିଗତ ଦିନରେ ସୂର୍ଯ୍ୟ ମନ୍ଦିର ପରିସରରେ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। କୋଣାର୍କ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିମନ୍ତେ ୨୦୦୩ ମସିହାରେ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଓ ଜିଲ୍ଲା ପ୍ରଶାସନ ସହିତ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘର କର୍ମକର୍ତ୍ତା ମାନଙ୍କ ସହ ଆଲୋଚନା କରି ଦୁଇ ବର୍ଷ ମଧ୍ୟରେ ଇଣ୍ଡିଆନ ଅଏଲ ଫାଉଣ୍ଡେସନ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାୟୀ ଥଇଥାନ କରିବା ପାଇଁ ପ୍ରତିଶୃତି ଦେବା ପରେ ସୂର୍ଯ୍ୟ ମନ୍ଦିର ପରିସରରୁ ଦୋକାନୀ ମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିଲା। ତତ୍କାଳୀନ



ମୁଖ୍ୟ ଶାସନ ସଚିବ ବ୍ୟବସାୟୀ ମାନଙ୍କ ନିମନ୍ତେ କ୍ରାଫ୍ଟ ମାର୍କେଟ କରି ହସ୍ତଶିଳ୍ପ ବ୍ୟବସାୟୀ ମାନଙ୍କୁ ଥଇଥାନ କରିବା ପାଇଁ ଗତ ୨୦୧୦ ମସିହା ଏପ୍ରିଲ ମାସ ୧୬ ତାରିଖରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସମାସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବିଭିନ୍ନ ସମୟରେ ମହାସଂଘ ପକ୍ଷରୁ ପୁରୀ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଗୋପ ତହସିଲଦାର ଓ କୋଣାର୍କ ନିର୍ବାହୀ ଅଧିକାରୀ ମାନଙ୍କୁ ବ୍ୟବସାୟୀ ମାନଙ୍କ ସ୍ଥାୟୀ ଥଇଥାନ ନିମନ୍ତେ ଲିଖିତ ଅଭିଯୋଗ ଓ ଆଲୋଚନା କରିଥିଲେ ମଧ ଅଦ୍ୟାବଧି ତାହା ଫଳପ୍ରଦ ହୋଇପାରିନାହିଁ। କୋଣାର୍କ ଜଗନ୍ନାଥ ମନ୍ଦିର ଠାରୁ ପୂର୍ତ୍ତବିଭାଗ ଡାକବଙ୍ଗଳା ଛକ ପର୍ଯ୍ୟନ୍ତ ଉଠା ବ୍ୟବସାୟୀ ବ୍ୟବସାୟ କରିବା ଉପରେ କଟକଣା ଜାରି କରାଯାଇଥିବା ବେଳେ ତାହା ସ୍ଥାନୀୟ ପ୍ରଶାସନର ନିଷ୍କ୍ରିୟତା ମନୋଭାବ ଯୋଗୁଁ ସମ୍ଭବପର ହୋଇପାରି ନାହିଁ ।ଜିଲ୍ଲା ପ୍ରଶାସନର ୨୦୦୩ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ପୁରୀ ଜିଲ୍ଲାପାଳଙ୍କ ସହିତ ମହାସଂଘର ସଭାପତି ଓ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିଥିଲେ ମଧ ବ୍ୟବସାୟୀ ମାନଙ୍କୁ ଇଣ୍ଡିଆନ ଅଏଲ ଫାଉଣ୍ଡେସନ ରାସ୍ତାର ଉଭୟ ପାର୍ଶ୍ୱରେ ଅଦ୍ୟାବଧି ଥଇଥାନ କରାଯାଇ ନଥିଲା ବେଳେ ଗୋପ ତହସିଲଦାର ବ୍ୟବସାୟୀ ମାନଙ୍କ ଦୋକାନ ଉଛେଦ ପାଇଁ ନୋଟିସ ଜାରି କରିଛନ୍ତି। କୋଣାର୍କ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘ ପକ୍ଷରୁ ବ୍ୟବସାୟୀ ମାନଙ୍କୁ ସ୍ଥାୟୀ ଥଇଥାନ ନିମନ୍ତେ ଓଡିଶା ଉଚ୍ଚନ୍ୟାୟାଳୟ କଟକରେ ଡବ୍ଲ୍ୟୁ ପିସି କେଶନଂ - ୧୪୨୭୩ ରେ ଏକ ମାମଲା ଦାୟର ହୋଇ ବିଚାରଧୀନ ରହିଥିବାବଳେ ଗୋପ ତହସିଲଦାରଙ୍କ ପକ୍ଷରୁ ବେଆଇନ ଭାବେ ହସ୍ତଶିଳ୍ପ ବ୍ୟବସାୟୀ ମାନଙ୍କୁ ଉଛେଦ ନୋଟିସ ଜାରି କରିଛନ୍ତି। ମାମଲା କୋର୍ଟରେ ବିଚାରଧୀନ ଥିଲା ବେଳେ ଗୋପ ରାଜସ୍ୱ ବିଭାଗ ପକ୍ଷରୁ ଜାରି ନୋଟିସର ପୁନଃ ବିଚାର କରିବା ପାଇଁ ଶନିବାର ପୂର୍ବାହ୍ନରେ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘର ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଶତାଧିକ ବ୍ୟବସାୟୀ କୋଣାର୍କ ରାଜାରାମ ଆଶ୍ରମ ଠାରୁ ଏକ ନୀରବ ପଦଯାତ୍ରାରେ ଆସି ପୁରୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି।

## ବୋମା ଓ ଖଣ୍ଡା ଜବତ, ୪ ଗିରଫ

# କାର୍ଯ୍ୟରତ ପୁଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର ନେଇ ମାମଲା ରୁଜୁ

ବ୍ରହ୍ମପୁର,।୧: ବଡବଜାର ଥାନା ପୁଲିସ ଧାନମେରା ସାହି ସ୍ଥିତ ଜଣେ ବ୍ୟକ୍ତିଙ୍କ ଘରୁ ବୋମା ଓ ଖଣ୍ଡା ଜବତ କରିଛି । ଏହି ମାମଲାରେ ସଂପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଧାନମେରା ସାହିର ଯୋଗେଶ କୁମାର ଗୌଡ ଓରଫ ମୁଣ୍ଡା(୩୭), ଜିତେଶ ଦଳବେହେରା(୨୦), ଗଣେଷ ନାୟକ(୨୧) ଓ ପାଣିଗ୍ରାହୀପେଣ୍ଠର ମୁନା ସେଠୀ(୩୧) । ଗତକାଲି ରାତିରେ ବଡବଜାର ଥାନାର ଏସଆଇ ସସ୍ମୀତା ବେହେରା ଓ ତାଙ୍କ ଟିମ ଧାନମେରା ସାହି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ କିଛି ବ୍ୟକ୍ତି ବୋମା ଓ ମାରଣାସ୍ତ୍ର ସହ ଯୋଗେଶଙ୍କ ଘରେ ଏକତ୍ରିତ ହୋଇଥିବା ଖବର ମିଳିଥିଲା । ସେହପିକ୍ରମରେ ପୁଲିସ ଉକ୍ତ ଘରେ ଚଢଉ କରି ୪ ଜଣଙ୍କୁ ଗିରଫ କରିଥିଲା । ପୁଲିସ ସେମାନଙ୍କ ନିକଟରୁ



୩ଟି ବୋମା ଓ ୫ଟି ଖଣ୍ଡା ଜବତ କରିଥିଲା । ତେବେ ଏହି ସମୟରେ ଉକ୍ତ ଘରେ ଥିବା କିଛି ମହିଳା ପୁଲିସକୁ ବିରୋଧ କରିଥିଲେ । ଏ ନେଇ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି । ତେବେ ପଚରାଉଚରା ବେଳେ ଅଭିଯୁକ୍ତମାନେ ସପେଇ ସୁପରଭାଇଜର ଅମିତ ମୁଖୀଙ୍କୁ ଯେଉଁମାନେ ଆକ୍ରମଣର କରିଛନ୍ତି ତାଙ୍କୁ ଆକ୍ରମଣ କରିବାକୁ ଯୋଜନା କରୁଥିଲେ ବୋଲି ପୁଲିସ ନିକଟରେ ସ୍ୱୀକାର କରିଛନ୍ତି ।

# ଜିଲ୍ଲାପାଳଙ୍କ ଶକ୍ତିସଦନ ଏବଂ ନିଶାମୁକ୍ତି କେନ୍ଦ୍ର ପରିଦର୍ଶନ



କେନ୍ଦ୍ରାପଡ଼ା,(ପିପିଏସ):ଜିଲ୍ଲାପାଳ ରଘୁରାମ ଆର ଆୟର ବାରିମୂଳ ସ୍ଥିତ ଶକ୍ତିସଦନ ଏବଂ ନିଶାମୁକ୍ତି କେନ୍ଦ୍ର ବୁଲି ଅନ୍ତେବାସୀ ଏବଂ କର୍ମଚାରୀ ମାନଙ୍କ ସହିତ ବିଭିନ୍ନ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି । ଏହି ପରିଦର୍ଶନରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଉପସ୍ଥିତ ଥିଲେ ।

# ଅସ୍ତରଙ୍ଗ ଦେବୀ ନଦୀ ଅଞ୍ଚଳରୁ ରାଜ୍ୟ ବାହାରକୁ ଯାଆଁଳ ଚାଲାଣ

ଅସ୍ତରଙ୍ଗ, (ପିପିଏସ୍): ରାଜ୍ୟ ସରକାର ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ଅଂଚଳରେ ଯାଆଁଳ ନିଷିଦ୍ଧ କରିଥିବା ବେଳେ କିନ୍ତୁ ସ୍ଥାନୀୟ ଅଞ୍ଚଳର ମାଫିଆ ପଶ୍ଚିମବଙ୍ଗ ରୁ ଶ୍ରମିକ ଆଣି ଦେବୀ ନାସି ଅଂଚଳରେ ସରୁ ମଶାରୀ ଓ ଆଲିମ୍ ଜାଲ ମାଧ୍ୟମରେ ଖଇଂଗା ଯାଆଁଳ ଧରି ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। କିନ୍ତୁ ସ୍ଥାନୀୟ ପୋଲିସ ସବୁ ଜାଣି ମଧ କିଛି କୁଜି ନେତା ଓ ମାଫିଆ ଙ୍କ ଚାପରେ ସବୁ ଜାଣି ଧୃତରାଷ୍ଟ୍ର ପାଲଟିଛନ୍ତି। ମାଫିଆ ମାନେ ଅର୍ଥ ଲାଳସା ରେ ଦେବୀ ନାସି ଅଂଚଳରେ ପଶ୍ଚିମବଙ୍ଗ ଲୋକଙ୍କ ସହାୟତା ରେ ଅର୍ଥ ଲାଳସା ରେ ଏହି ମଶାରୀ

## ନିଷିଦ୍ଧ ସତ୍ତ୍ୱେ ସରୁ ମଶାରି ଓ ଆଲିମ ଜାଲ ବ୍ୟବହାର

## ପୁଲିସ ଓ ନେତା ସାଜିଛନ୍ତି ହାତ ବାରିସୀ

## ଜୀବିକା ହରାଉଛନ୍ତି ମତ୍ସ୍ୟଜୀବୀ

ଜାଲ ମାଧ୍ୟମରେ ଦୈନିକ ଲକ୍ଷ ଲକ୍ଷ ଯାଆଁଳ ମାରି ବିକ୍ରି କରିବା ସହ ରାଜ୍ୟ ବାହାରକୁ ବିଳମ୍ବିତ ରାତ୍ରରେ କାର ମାଧ୍ୟମରେ ଚାଲାଣ କରୁଛନ୍ତି। ଏହାକୁ ରୋକିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପୋଲିସ ପ୍ରଶାସନ





### ମାଫିଆ ମାଲାମାଲ

ସଫଳ ହୋଇ ପାରୁନାହାନ୍ତି। ଏଥି ସକାଶେ ବର୍ଷକୁ ବର୍ଷ ଅସ୍ତରଙ୍ଗ ଦେବୀନଦୀ ଅଂଚଳରେ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି।
ଏବେ ଶୀତ ଋତୁ ହୋଇଥିବା ବେଳେ ଦକ୍ଷିଣା ପବନ ପ୍ରବାହିତ ହେବା ଆରମ୍ଭ ହୋଇଛି। ଏହା ସାମୁଦ୍ରିକ ମାଛ, ଚିଙ୍ଗୁଡ଼ି ପ୍ରଜନନ ଋତୁ ସହ ଯାଆଁଳ ସମୟ। ସମୁଦ୍ର କୁ ଦେବୀ ନଦୀ ସଂଯୋଗ ହୋଇଥିବା ସ୍ଥଳ ଦେବୀ ନାସି ଅଥବା ସ୍ଥଳ ଭାଗ ମୁହାଁଣ ମୁହଁ ନିକଟରେ ସରୁ ମଶାରୀ ଜାଲ ଓ ଆଲିମ୍ ଜାଲ ମାଧ୍ୟମରେ ଯାଆଁଳ ଧରି ଅସାଧୁ ମାଫିଆ କୁଜି ନେତା ଙ୍କୁ ହାତବାରିସୀ କରି ରପ୍ତାନି କରୁଛନ୍ତି। ମତ୍ସ୍ୟ ବିଭାଗ ଓ କିଛି ମତ୍ସ୍ୟଜୀବି ବାରମ୍ବାର ଚଢ଼ାଉ କରି ବସା ଭାଙ୍ଗୁଥିବା ସତ୍ତ୍ୱେ ପୋଲିସ ନିଷ୍କ୍ରିୟତା ସହ ଦଣ୍ଡ କୋହଳ ହେତୁ ଅସ୍ତରଙ୍ଗ ଥାନା ଅଂଚଳର କିଛି ଯାଆଁଳ ମାଫିଆ ମାନେ ପଶ୍ଚିମବଙ୍ଗ ରୁ ଲୋକ ଆଣି ଯାଆଁଳ ଧରି ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି । ଏଥିପାଇଁ ଦେବୀ ନଦୀ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଅସ୍ତରଙ୍ଗ ବ୍ଲକ ଅଂଚଳର ନଗର, ଆଳସାହି, ନୂଆଗଡ, ବିଲୁଆମଣ୍ଡୁଳି, ସହନ ସମେତ ବିଭିନ୍ନ ଗ୍ରାମର ହଜାର ହଜାର ମତ୍ସ୍ୟଜୀବି ଜୀବିକା ହରାଇ ଦାଦନ ଖଟିବାକୁ ବାଧ ହେଉଛନ୍ତି। ବିଗତ ଦିନ ମାନଙ୍କ ରେ ଏ ନେଇ ରାଜ୍ୟ ପାରମ୍ପରିକ ମତ୍ସ୍ୟଜୀବି ସଙ୍ଘ ସଭାପତି ପ୍ରଶ୍ନନ ବେହେରା ଏ ନେଇ ଦାବୀ ଉପସ୍ଥାପନା କରିବା ସହ ଯାଆଁଳ ମାଫିଆ ଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ଦାବୀ ମଧ କରିଛନ୍ତି। ଦେବୀ ନଦୀ ନାସି ଅଂଚଳରେ ମାଫିଆ ଙ୍କ ମାଧ୍ୟମରେ ଯାଆଁଳ ବ୍ୟବସାୟ ହେଉଥିବା ସତ୍ତ୍ୱେ ଧର୍ମ କୁ ଆଖି ଠାର ସଦୃଶ୍ୟ କାଁ ଭାଁ ଚଢ଼ାଉ କରି ନିରବ ରହୁଥିବା ପୋଲିସ ଉପରେ ସାଧାରଣ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ଜାଲର ବହୁଳ ବ୍ୟବହାର ସହ ଦେବୀ ନଦୀ ମିଶିଥିବା ନଦୀ ମୁହାଁଣରେ ମଧ ବ୍ୟବହାର କରାଯାଇ ଦୈନିକ ଯାଆଁଳ ମରାଯାଉଛି। ଏହି ଜାଲ ମାଧ୍ୟମରେ ଚିଙ୍ଗୁଡ଼ି ଯାଆଁଳ, ଖଇଂଗା ଯାଆଁଳ ସହ ରାଣୀ ଚିଙ୍ଗୁଡ଼ି ଧରାଯାଇ ରପ୍ତାନି କରାଯାଉଛି। ଏ ନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସଜାଗ ନ ହେଲେ ଆଗାମୀ ଦିନରେ ହଜାର ହଜାର ମତ୍ସ୍ୟଜୀବି ଆନ୍ଦୋଳନ କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଲେଣି।

# ମରଣଯନ୍ତା ପାଲଟିଲାଣି ହସନାବାଦ ପଙ୍ଗଟା ଡାଇଭର୍ସନ ରୋଡ

ଧୂଷୁରୀ, (ପିପିଏସ୍): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ଧୂଷୁରୀରୁ ପଙ୍ଗଟା ଛକ ଦେଇ ହସନାବାଦ ଯାଏ ନିର୍ମାଣ କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ପୂର୍ଣ୍ଣାଙ୍ଗ ହୋଇ ନଥିବା ବେଳେ



ଏବେ ମଝି ରାସ୍ତାରେ ନିର୍ମାଣାଧୀନ ଥିବା କଲଭର୍ଟର ଡାଇଭର୍ଶନ ପାଇଁ ସ୍ଥାନୀୟ ଲୋକେ ଯିବା ଆସିବା ପାଇଁ କଲବଲ ହେଉଛନ୍ତି ।କଲଭର୍ଟ ନିର୍ମାଣ କରୁଥିବା ଠିକାଦାର ଡାଇଭର୍ସନ ରୋଡକୁ ଠିକ ଭାବେ ନିର୍ମାଣ କରି ନାହାଁନ୍ତି । ଏହି ଡାଇଭର୍ସନ ରୋଡରେ ମାଟି, ମୋରମ କିମ୍ବା ଡଷ୍ଟ ପକା ଯାଇନାହିଁ । ଫଳରେ ଏହାର ୨ ପାର୍ଶ ତିଖା ହୋଇ ଯାଇଛି । ବିଶେଷ କରି ବାଇକ ଚାଳକ ମାନେ ଉଠାଣି କିମ୍ବା ଗଡାଣିରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଆଣ୍ଠୁଏ ବହଳର ଧୂଳି ହୋଇଥିବାରୁ ଗାଡ଼ି ଯିବା ସମୟରେ ଆଖିରେ ପଡ଼ି ଦୁର୍ଘଟଣା ଘଟୁଛି। ଏହି ସମସ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇ ଯାଇଛି । ସ୍ଥାନୀୟ ଲୋକେ ଏବାବଦରେ ଠିକାଦାରଙ୍କ ଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କୁ ଦୁର୍ଘଟଣା ବିଷୟରେ ଜଣାଇଥିଲେ ବି କୌଣସି ସୁଫଳ ମିଳିନଥିବା ସେମାନେ କହିଛନ୍ତି । ଡାଇଭର୍ସନ ରୋଡ ନିର୍ମାଣରେ ଠିକାଦାର ଆନ୍ତରିକତା ଦେଖାଇ ନାହାଁନ୍ତି ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି । ଯଦି ଦିନେ କି ଦୁଇଦିନ ମଧ୍ୟରେ ଡାଇଭର୍ସନ ରୋଡକୁ ନିର୍ମାଣ କରା ନଯାଏ, ତେବେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏ ସମ୍ପର୍କରେ କଲଭର୍ଟ ନିର୍ମାଣ କରୁଥିବା ଠିକାଦାରଙ୍କୁ ପଚାରିବାରୁ ଯେଉଁଠାରେ ଡାଇଭର୍ସନ ରୋଡ କରାଯାଇଛି, ତାହା ବ୍ୟକ୍ତି ଗତ ଜାଗା ହୋଇଥିବାରୁ ଜମି ମାଲିକ ମାନେ ରାସ୍ତା ନିର୍ମାଣ ଆବଶ୍ୟକ ସାମଗ୍ରୀ ପକାଇ ଦେଉ ନଥିବା କହିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଏସଡିଓ ରଞ୍ଜନ କୁମାର ନାୟକ କହିଛନ୍ତି କି ସେ ଏ ବିଷୟରେ ଅବଗତ ଅଛନ୍ତି। ଆଗାମୀ ଦିନେ କି ୨ ଦିନରେ ସମସ୍ୟାର ସମାଧାନ ହେବାର ଆଶା ରହିଛି ।

cmyk cmyk cmyk

# କୁକୁଡ଼ା ଲଢ଼େଇବେଳେ ଚଢ଼ଉ
## ୪ କୁକୁଡ଼ା, ଦୁଇଟି ବାଇକ୍ ଓ ନଗଦ ଟଙ୍କା ଜବତ



ଦେବଗଡ଼ (ପିପିଏସ୍): ବାରକୋଟ ବ୍ଲକ ଅନ୍ତର୍ଗତ ମସିନ୍ତା ଗ୍ରାମରେ ବେଆଇନ୍ କୁକୁଡ଼ା ଲଢ଼େଇକୁ ନେଇ ଚଢ଼ଉବେଳେ ୧୪ ଜୁଆଡ଼ିଙ୍କୁ ଗିରଫ କରାଯାଇଥିଲା। ଏଥିସହିତ ସେମାନଙ୍କ ନିକଟରୁ ୪ ଜୀବନ୍ତ ଗଞ୍ଜା କୁକୁଡ଼ା, ଗୋଟି ସ୍କୁଟି ଓ ଗୋଟିଏ ବାଇକ୍ ସହିତ ନଗଦ ୨୮୦୦ଟଙ୍କା ଜବତ ହୋଇଥିଲା। ମକର ପର୍ବ ଅବସରରେ ମସିନ୍ତା ଗାଁରେ ବେଆଇନ୍ କୁକୁଡା ଲଢ଼େଇରେ ଜୁଆଖେଳ ଚାଲୁଥିବା ସୂଚନାପାଇ ବାରକୋଟ ଥାନା ପୁଲିସ ଉକ୍ତ ଆଡ୍ଡାରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ବହୁ ଜୁଆଡ଼ି ନିକଟସ୍ଥ ଜଙ୍ଗଲ ଓ ଏଣେତେଣେ ଦୌଡ଼ି ପଳାଇଥିଲେ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ମସିନ୍ତା ଗାଁର ରଥ ରଣା, ସିଂହାୟ ସାମାଡ଼, ଭୀମ ବାଙ୍କିରା, କୋଦୋଗୋଡ଼ାର ଶୁକ୍ରୁ ମୁଣ୍ଡା, ଲହୁଣି ପଡ଼ା ଥାନାର ଶବର ଗାଁର ବିଦୁ ଧିବର ଓ ସୁରେଶ ପାତ୍ର, ବଣେଇ ଥାନାର ବିକୁସୁମ ଗାଁର କୃଷ୍ଣଚନ୍ଦ୍ର କିସାନ ଓ ଶଙ୍କର କିସାନ୍ ପ୍ରମୁଖ ୧୪ଜଣ ଥିବାର ଜଣାପଡ଼ିଛି।

### ଥାନା ଅଧିକାରୀଙ୍କ କାର୍ଯ୍ୟକଳାପ ନେଇ ଚର୍ଚ୍ଚା

ଥାନାଧିକାରୀଙ୍କ କାର୍ଯ୍ୟକଳାପ ବୁଦ୍ଧିଜୀବୀ ମହଲରେ ପ୍ରଶଂସାର ପାତ୍ର ହେବା ସହ ଅନେକ ପରିବାରର ଦାରିଦ୍ରତାକୁ ମୁକ୍ତ କରିଥିବାର ଆଲୋଚନା ହେଉଛି। ଏହି ଅଞ୍ଚଳରେ ମଦ, ଜୁଆ ପାଇଁ ଅନେକ ଘଟଣା, ଦୁର୍ଘଟଣା ଘଟିଥାଏ। ଏଠାରେ ସୂଚନାଯୋଗ୍ୟ ଯେ, ଥାନା ଅଧିକାରୀ ସେମାନଙ୍କୁ ସମୟ ନଷ୍ଟ ନକରିବା ପାଇଁ ଏହିଭଳି କାର୍ଯ୍ୟକଳାପରୁ ନିବୃତ୍ତ ରହିବା ପାଇଁ ପ୍ରବର୍ତ୍ତାଇଥିଲେ।

# ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର

ନୂଆପଡ଼ା,(ହି.ସ.): ନୂଆପଡାସ୍ଥିତ ନେସନାଲ କଲେଜ ଠାରେ କଲେଜର ଯୁବ ରେଡକ୍ରସ, ରେଡରିବନ୍ କ୍ଲବ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରରେ ମୁଖ୍ୟଅତିଥି ରୂପେ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଯୋଗଦେଇ ଯୁବ ସ୍ୱେଛାସେବୀଙ୍କୁ ଉତ୍ସାହିତ କରିବା ସହ ରକ୍ତଦାନ ଏକ ମହାନ୍ ଦାନ ଏବଂ ରକ୍ତଦାନ କରିବା ଉପରେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଇତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସାମାଜିକ କର୍ମୀ ଭୈରବ ସାହୁ, ସିଆରପିଏଫ ଅଧିକାରୀ ଓ କ୍ରୀଡା ଅଧ୍ୟାପକ ପ୍ରକାଶ ସାହୁ ଯୋଗଦାନ କରି ରକ୍ତଦାତା ବନ୍ଧୁ ମାନଙ୍କୁ ଉତ୍ସାହିତ କରିଥିଲେ। କଲେଜର ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇ ୧୦୦ରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ହିନ୍ଦୁ ଦେବଦେବୀଙ୍କ ମୂର୍ତ୍ତି ଭଙ୍ଗାରୁଜା ଘଟଣା
## ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳପକ୍ଷରୁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର



ରାୟଗଡ଼ା(ପିପିଏସ୍) : ଶିକ୍ଷାନୁଷ୍ଠାନ ପରିସରରେ ଧାର୍ମିକ ମୂର୍ତ୍ତି ଭଙ୍ଗାରୁଜା ଓ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇବା ଅଭିଯୋଗକୁ ନେଇ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ, ରାୟଗଡ଼ା ଜିଲ୍ଲା ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାୟଗଡ ଜିଲ୍ଲା ଅନ୍ତର୍ଗତ ଆମ୍ବଦଳା ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଏଭଳି ଧର୍ମଦ୍ରୋହୀ ଘଟଣା ଘଟିଥିବା ନେଇ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି । ସୂଚନା ଅନୁଯାୟୀ ଗତ ୧୫ ତାରିଖ ସନ୍ଧ୍ୟା ସମୟରେ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦ୍ୱାରା ଶ୍ରୀ ଗଣେଶ ଓ ଦେବୀ ସରସ୍ୱତୀଙ୍କ ପବିତ୍ର ମୂର୍ତ୍ତିକୁ ଭଙ୍ଗାରୁଜା କରାଯାଇଥିଲା। ଏହା ଦ୍ୱାରା ସ୍ଥାନୀୟ ହିନ୍ଦୁ ସମୁଦାୟର ଧାର୍ମିକ ଭାବନାକୁ ଗଭୀର ଆଘାତ ଲାଗିଥିବା ସହ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ଏଥିସହ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କ ଉପରେ ଧର୍ମ ପରିବର୍ତ୍ତନ ପାଇଁ ଚାପ ପ୍ରୟୋଗ କରାଯାଉଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ଦାବିପତ୍ରରେ ଉଠାଯାଇଛି। ଏପରି କାର୍ଯ୍ୟ ଶିକ୍ଷାନୁଷ୍ଠାନର ସଂବିଧାନିକ ମର୍ଯ୍ୟାଦା ଓ ସାମାଜିକ ସମନ୍ୱୟକୁ ଆଘାତ ପହଞ୍ଚାଉଥିବା ବୋଲି ସଂଗଠନ ମତ ପ୍ରକାଶ କରିଛି। ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ତୁରନ୍ତ ଏଓଜ ରୁଜୁ କରି, ଦୋଷୀଙ୍କୁ ଗିରଫ କରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ବିଦ୍ୟାଳୟ ପରିସରରେ ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ତତ୍କାଳ ପ୍ରଶାସନିକ ବ୍ୟବସ୍ଥା ନିଆଯାଉ ବୋଲି ଦାବି କରିଛନ୍ତି। ରାୟଗଡ଼ା ଭଳି ଏକ ଶାନ୍ତ ଜିଲ୍ଲାରେ ସାମାଜିକ ସମନ୍ୱୟ ଓ ସଦ୍‌ଭାବ ରକ୍ଷା ପାଇଁ ପ୍ରଶାସନ ନିଷ୍ପତ୍ତି ଓ ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ। ଏହି ଦାବିପତ୍ର ପ୍ରଦାନ ସମୟରେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ଉପ-ସଭାପତି ଆନନ୍ଦ ରାଓ, ସମ୍ପାଦକ କୁନା ରମେଶ, ସହ-ସମ୍ପାଦକ ଗୋପୀ ବ୍ରହ୍ମା ଓ ରଞ୍ଜନ ସାଇଁ, ବିଶେଷ ସମ୍ପର୍କ ପ୍ରମୁଖ ବିଜୟ ଚୌଧୁରୀ, ବିଧି ପ୍ରମୁଖ ବୃନ୍ଦାବନ ବେହେରା, ସେବା ପ୍ରମୁଖ ଅଶୋକ ଶତପଥି, ବଜରଙ୍ଗ ଦଳ ଜିଲ୍ଲା ସହ-ସଂଯୋଜକ ଶସ୍ୟଜ୍ୟୋତି ବେହେରା, ନଗର କାର୍ଯ୍ୟକର୍ତ୍ତା ବି. ରାଜେଶ, ପି. ଗନି, ରାଜେନ୍ଦ୍ର ବେହେରା, ସାଇ ଦିବ୍ୟାଶିଷ ସହ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ପଲ୍ଲିଶ୍ରୀ ମେଳାରେ ଜମୁଛି ଭିଡ଼

ଭବାନୀପାଟଣା,(ହି.ସ.)- ରାଜ୍ୟ ସରକାରଙ୍କ ଓରମାସ ଦ୍ୱାରା ଉତ୍ସବ ପଡ଼ିଆରେ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ୧୨୭ ଗୋଟି ଷ୍ଟଲ ଖୋଲାଯାଇଛି। ସେହିପରି ମିଶନଶକ୍ତି, ନାବାର୍ଡ, ଟ୍ରାଇଫେଡ଼, ଭବାନୀପାଟଣା ଜିଲ୍ଲା ମୁଖ୍ୟ କାରାଗାର, ଜିଲ୍ଲା ଜଳଛାୟା ମିଶନ ତଥା ବିଭିନ୍ନ କୃଷକ ଉତ୍ପାଦକ ସଂଘ, ଉତ୍ପାଦକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟ କିଛି ଷ୍ଟଲ ମିଶି ସମୁଦାୟ ୧୩୭ଗୋଟି ଷ୍ଟଲ ଖୋଲାଯାଇଛି। ଜିଲ୍ଲା ଓ ରାଜ୍ୟର ବିଭିନ୍ନ ସାମଗ୍ରୀ ସହିତ ବିହାରର ମଧୁବନୀ, ଭାଗଲପୁର ଶିଲ୍କ କପଡ଼ା, ଗୁଜରାଟର ହାତବୁଣା ବେଡ଼ସିଟ, ଉତର ପ୍ରଦେଶର କାର୍ପେଟ, ପିତଳ ଓ କାଠ ତିଆରି ବିଭିନ୍ନ ସାମଗ୍ରୀ, ଚୀନା ମାଟିର ସାମଗ୍ରୀ ଷ୍ଟଲ ଗୁଡ଼ିକରେ ବେଶ ଭିଡ଼ ଦେଖିବାକୁ ମିଳୁଛି। ଲୋକଙ୍କ ଭିଡ଼ ସହିତ ଏଠାରେ ବେପାର ମଧ ବେଶ ଭଲ ହେଉଥିବା ନେଇ ସୂଚନା ମିଳିଛି। ଉତ୍ସବର ଉଦଘାଟନୀ ଦିବସରେ ୨୩ ଲକ୍ଷ ୩୦ ହଜାର ଟଙ୍କାର ବ୍ୟବସାୟ ହୋଇଥିବାବେଳେ ଉତ୍ସବର ଦ୍ୱିତୀୟ ଦିବସରେ ପ୍ରାୟ ୩୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ମିଳିଛି। ଗତ ବର୍ଷ ୨୭ତମ କଳାହାଣ୍ଡି ଉତ୍ସବରେ ୧ କୋଟି ୪୩ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଏ ବର୍ଷ ବ୍ୟବସାୟ ପରିମାଣ ୨ କୋଟି ଟପିବ ବୋଲି ଆଶା କରାଯାଉଛି।

# ଆନ୍ତଃରାଜ୍ୟ ଲନ୍ ବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ



ବଲାଙ୍ଗୀର(ପିପିଏସ୍) : ବଲାଙ୍ଗିରରେ ନୂତନ ଭାବେ ନିର୍ମିତ ଲନ୍ ବଲ୍ କୋର୍ଟ ଓ ଆନ୍ତଃରାଜ୍ୟ ଲନ୍ ବଲ୍ ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ ହୋଇଯାଇଛି। କ୍ରିଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏବଂ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଅତିରିକ୍ତ ଜିଲ୍ଲାପାଳ ଡାଃ ବିଜୟାନନ୍ଦ ସେଠୀ ଅତିଥି ଭାବେ ଉପସ୍ଥିତ ଥିଲେ । ଉକ୍ତ ପ୍ରତିଯୋଗିତାରେ ୧୭ଟି ଆନ୍ତଃରାଜ୍ୟ ଦଳ ଅଂଶଗ୍ରହଣ କରିଥିଲେ। ବଲାଙ୍ଗିରରେ କ୍ରିଡ଼ା ଭିତ୍ତିଭୂମିର ଉନ୍ନତି କରି ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ। ଖେଳାଳି ସଫଳ ହେଲେ ଆମେ ସଫଳ ହେବା, ଆମ ଜିଲ୍ଲା ସଫଳ ହେବ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ଏବଂ ଲନ୍ ବଲ୍ ର ରାଜ୍ୟ ସମ୍ପାଦକ ସୁମିତ ପୁରୋହିତ ଉପସ୍ଥିତି ଥିଲେ ।

# ମିଶନଶକ୍ତି ଓ ଓଡ଼ିଶା ଜୀବିକା ମିଶନର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ନୂଆପଡା: ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ଥିବା ସଦଭାବନା ସଭା ଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆଜି ମିଶନ ଶକ୍ତି ଏବଂ ଓଡିଶା ଜୀବିକା ମିଶନ କାର୍ଯ୍ୟାବଳୀର ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରୋଫାଇଲ ଅପଡେଟେସନ, ବ୍ଲକ ଭିତ୍ତିକ ଆର୍ଥିକ ସମାବେସନ, ବ୍ୟକ୍ତିଗତ ଉଦ୍ୟୋଗ ଫର୍ମ ସ୍ଥିତି, ବ୍ୟାଙ୍କ ଲିଙ୍କେଜ ସ୍ଥିତି ଏବଂ ପ୍ରବାସୀ ଶ୍ରମିକଙ୍କ ପ୍ରତ୍ୟାବର୍ତ୍ତନ ସ୍ଥିତିର ସମୀକ୍ଷା କରାଯାଇଛି। ଜିଲ୍ଲାପାଳ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ନିଜ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ସମସ୍ତ ବିଡିଓ ପ୍ରତି ପନ୍ଦର ଦିନରେ ଗୋଟିଏ ଥର ଓଡ଼ିଶା ଜୀବିକା ମିଶନ କାର୍ଯ୍ୟକ୍ରମର ସମୀକ୍ଷା କରିବେ ଏବଂ ମାସ ଶେଷରେ ଆଭାସି ବୈଠକ କରିବେ। ସମୀକ୍ଷା ସଭାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ ସଫଳତା କାହାଣୀ ପ୍ରଦର୍ଶନ କରାଯାଇଥିଲା। ଯୋଉଥିରେ କୁକୁଡ଼ା ଚାଷ, ଛତୁ ଚାଷ, ଦୁଗ୍ଧ କ୍ଲଷ୍ଟର, ଟେରାକୋଟା ସାମଗ୍ରୀ ନିର୍ମାଣ ଏବଂ ଡାଲି ୟୁନିଟ ସ୍ଥାପନ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା। ଏହି ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ୱୋଦର ଧରୁଆ, ଏଲଡିଏମ ହରିଶଙ୍କର ନିଆଲ, ଆର୍ ସେଟି ଡାଇରେକ୍ଟର ଜଗନ୍ନାଥ ସାହୁ, ପୂର୍ବତନ ଏଲଡିଏମ ସୀତାରାମ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ତଥା ଡିପିଏମ ସୁନିଲ କୁମାର ମଲ୍ଲିକ ସମୀକ୍ଷା ସଭାର ପରିଚାଳନା କରିଥିଲେ।

# ରୁଷିଆ କଲୋନୀ ଘରଭଙ୍ଗାକୁ ନେଇ ପରଜା ସମାଜର ବିରୋଧ

ଜୟପୁର: ଜୟପୁର ସହରର ଉପକଣ୍ଠରେ ଥିବା ରୁଷିଆ କଲୋନୀରେ ୧୦ଟି ଘର ଭଙ୍ଗାକୁ ବିରୋଧ କରିଛି ପରଜା ସମାଜ। ପରଜା ସମାଜର ସଭାପତି ବାସୁ ନାୟକ କହିଛନ୍ତି ପ୍ରଶାସନ ନୋଟିସ ନକରି ଶୀତକାକରରେ ଘର ନଥିବା ଲୋକେ କିପରି ଚଳିବେ ଏବଂ କେଉଁଠି ରହିବେ ବୋଲି ପ୍ରଶ୍ନ କରିଛନ୍ତି। ପରଜା ସମାଜ କର୍ମକର୍ତ୍ତାମାନେ ରୁଷିଆ କଲୋନୀକୁ ଯାଇ ସେଠାରେ ବାସହିନ ଲୋକଙ୍କ ସହ ମିଶି ସେମାନଙ୍କ ଭଲ ମନ୍ଦ ବୁଝିଥିଲେ। ଦୀର୍ଘବର୍ଷ ଧରି ଏଠାରେ ଗରିବ ପରିବାର ରହୁଥିଲେ। ସମସ୍ତେ ଦିନ ମଜୁରିଆ। ସରକାରୀ ଜାଗା ଭାବି ଘର ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଜଣକ ବ୍ୟକ୍ତିଗତ ଜାଗା ବୋଲି ଜଣାପଡିଥିଲା। ଯେହେତୁ ଦୀର୍ଘବର୍ଷରୁ ରହୁଥିଲେ ସେମାନଙ୍କୁ ଅନ୍ୟସ୍ଥାନରେ ଥଇଥାନ କରାଯିବା କଥା। ଏବେ ଥଣ୍ଡା ଦିନରେ ପିଲାଛୁଆଙ୍କୁ ଧରି ସେମାନେ କୁଆଡେ ଯିବେ। ପୌରପାଳିକା ପକ୍ଷରୁ ସେମାନଙ୍କୁ ଥଇଥାନ ବ୍ୟବସ୍ଥା କରାଯାଉ। ତହସିଲଦାରଙ୍କ ଉପସ୍ଥିତିରେ କୋର୍ଟ ନୋଟିସ ହିସାବରେ ଯଦି ଘର ଭଙ୍ଗାଯାଇଛି ତେବେ କୋର୍ଟ ନୋଟିସ ପରଜା ସମାଜକୁ ଦେଖାଯାଉ ବୋଲି ଦାବି କରିଛନ୍ତି।

# ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ରାୟଗଡା(ପିପିଏସ) : ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ସୁରକ୍ଷା ଓ ସ୍ୱାବଲମ୍ବନକୁ ଲକ୍ଷ୍ୟ କରି ଏକ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ କାର୍ଯ୍ୟକ୍ରମ ସଂଯୋଜିକା ଅତିଥିମାନଙ୍କୁ ସ୍ୱାଗତ କରି କହିଥିଲେ ଯେ, ଆଜିର ସମାଜରେ ଛାତ୍ରୀମାନେ ଆତ୍ମରକ୍ଷାରେ ପ୍ରଶିକ୍ଷିତ ହେବା ଅତ୍ୟନ୍ତ ଆବଶ୍ୟକ। ଏହିପରି ପ୍ରଶିକ୍ଷଣ ଛାତ୍ରୀମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ସମସ୍ତ ପ୍ରକାର ଅସୁବିଧାଜନକ ପରିସ୍ଥିତିକୁ ସାମ୍ନା କରିବାରେ ସାହାଯ୍ୟ କରେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଅଧକ୍ଷା ଡ଼ ସରସ୍ୱତୀ ରାୟ ଯୋଗ ଦେଇ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଶିକ୍ଷା ସହିତ ସହିତ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସକ୍ଷମ କରିବା ହେଉଛି ଏହିପରି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଆତ୍ମରକ୍ଷା ପ୍ରଶିକ୍ଷଣ ମାଧ୍ୟମରେ ଛାତ୍ରୀମାନେ ନିଜ ସୁରକ୍ଷା ନିଜେ କରିବାକୁ ସକ୍ଷମ ହେବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଏକାଡେମିକ୍ ବର୍ସାର ଅଜୟ ରଇତ, ପ୍ରଶାସନିକ ବର୍ସାର ଟି. ଜ୍ୟୋତି, ଲେଫ୍ଟନାଣ୍ଟ ଉଦୟ ନାଏକ, ବିଭିନ୍ନ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀବୃନ୍ଦ ଓ ବହୁ ସଂଖ୍ୟକ ଛାତ୍ରୀମାନେ ଉପସ୍ଥିତ ଥିଲେ। ପ୍ରଶିକ୍ଷକମାନଙ୍କ ଦ୍ୱାରା ବିଭିନ୍ନ ଆତ୍ମରକ୍ଷା କୌଶଳର ପ୍ରାୟୋଗିକ ପ୍ରଦର୍ଶନ କରାଯାଇ ଛାତ୍ରୀମାନଙ୍କୁ ତାହାର ଅଭ୍ୟାସ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ଅଧ୍ୟାପିକା ମୋନାଲିସା ପାଣିଗ୍ରାହୀ ମୁଖ୍ୟ ଅତିଥି, ସମସ୍ତ ଅତିଥି, ପ୍ରଶିକ୍ଷକ, ଅଧ୍ୟାପକମଣ୍ଡଳୀ ଓ ଛାତ୍ରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# କମ୍ୟୁନିଷ୍ଟ ନେତା ସୁସାହିତ୍ୟିକ ସୋମନାଥ ପାତ୍ରଙ୍କ ଦେହାନ୍ତରେ ଶୋକ

ଜୟପୁର : ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରାକ୍ତନ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ସୋମନାଥ ପାତ୍ରଙ୍କ ୧୦୨ ବର୍ଷ ବୟସରେ ଆଜି ଗୁରୁବାର ସକାଳେ ଦେହାନ୍ତ ହୋଇଯାଇଛି। ଜଣେ ପ୍ରବୀଣ ବକ୍ତା ତଥା ଉତ୍କୃଷ୍ଟ ସାହିତ୍ୟର ରଚୟିତା ହିସାବରେ ସେ ଓଡ଼ିଶାରେ ପରିଚିତ। ଗୀତା ବିଚାର ଭଳି ପୁସ୍ତକ ରଚନା କରି କିଭଳି ମହାଭାରତ ଗ୍ରନ୍ଥରୁ ଶିକ୍ଷା ମିଳେ, ଦୁର୍ବଳକୁ ସାହାଯ୍ୟ କରିବା ଏବଂ ନ୍ୟାୟ ଦେବା ହେଉଛି ଧର୍ମ ତାକୁ ପ୍ରତିପାଦିତ କରିଛନ୍ତି। ସେହି ମହାନ ବ୍ୟକ୍ତିତ୍ୱଙ୍କର ମୃତ୍ୟୁରେ ଆଜି ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ କୃଷକ ସଭାର ନେତା ଶ୍ରୀ ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି, ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ, ଭୂବନ କମାର, ସୁବାଷ ବେହେରା, ଭାସ୍କର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶୋକ ବ୍ୟକ୍ତ କରିଛନ୍ତି।

# ‘ଆମେ କୋରାପୁଟିଆ’ ଦେଶୀଆ ଗୀତ ଭିଡିଓ ଲୋକାର୍ପଣ

ଜୟପୁର, (ହି.ସ.)- କୋରାପୁଟ ଜିଲ୍ଲାର ବେଷଭୂଷା ଚାଲିଚଳନ ଏବଂ କଥା ଭାଷାକୁ ନେଇ ଲୋକାର୍ପଣ ହୋଇଛି ‘ ଆମେ କୋରାପୁଟିଆ’ ଦେଶୀଆ ଭିଡିଓ ଗୀତ। ଏହି ଗୀତରେ ସ୍ୱର ସଞ୍ଜଜନା କରିଛନ୍ତି ବିଜୟ କୁମାର ସାମନ୍ତରାୟ ଏବଂ ଗୀତିକାର ଭାବେ ଧିରେନ ମୋହନ ପଟ୍ଟନାୟକ ରହିଛନ୍ତି। ଏହି ଗୀତରେ ସେଣ୍ଟଜାଭିୟର ବିଦ୍ୟାଳୟର ଅଧକ୍ଷ ଶ୍ରୀନିବାସ ପଟ୍ଟନାୟକ ଗୀତ ଗାଇଥିବା ବେଳେ ଭିଡିଓରେ ମୁଖ୍ୟ ରୋଲରେ ଅଭିନୟ କରିଛନ୍ତି। ଶ୍ରୀନିବାସ ପଟ୍ଟନାୟକ ଜଣେ କଣ୍ଠଶିଳ୍ପୀ ହେବା ସାଙ୍ଗକୁ ସେ ଇଣ୍ଡିଆନ ଆଥେଲେଟିକ ସଂଘର ଉପସଭାପତି ରହିଛନ୍ତି। ଏଥି ପୂର୍ବରୁ ସେ ଅନେକ ସିନେମାଗୀତ ଗାଇବା ସହ ସିଏ ମୋ ଜଗନ୍ନାଥ ଗୀତରେ ମଧ ଅଭିନୟ କରିଥିଲେ। ଶ୍ରୀ ପଟ୍ଟନାୟକ କୋରାପୁଟ ଜିଲ୍ଲାକୁ ଭଲ ପାଉଥିବା ଯୋଗୁଁ ସେ ଦେଶୀଆ ଗୀତ ରଚନା କରି ଅଭିନୟ କରିବା କରିବା ସହ କଣ୍ଠ ଦାନ କରିଛନ୍ତି ବୋଲି କହିଛନ୍ତି। ଆଗାମୀ ଦିନରେ ମଧ ଅନେକ ଗୁଡିକ ଦେଶୀଆ ଗୀତ କୋରାପୁଟ ଜିଲ୍ଲାବାସୀଙ୍କ ପାଇଁ ଭେଟି ଦେବେ ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଅଫିସିଆଲ ଭିଡିଓ ଲୋକାର୍ପଣ ହୋଇଥିବା ଯୋଗୁଁ ସମସ୍ତଙ୍କୁ ବହୁଳମାତ୍ରାରେ ପ୍ରଚାର ପ୍ରସାର କରିବାକୁ ଅନୁରୋଧ କରିଛନ୍ତି।

# ରାଜା ଆର୍ତତ୍ରାଣ ଐତିହ୍ୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ନୂଆପଡ଼ା (ହି.ସ.)- ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ପିଏମଶ୍ରୀ ରାଜା ଆର୍ତତ୍ରାଣ ଐତିହ୍ୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ କାନ୍ହୁ ଚରଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ, ବିଶିଷ୍ଟ ଅତିଥି ଭାବରେ ଅତିରିକ୍ତ ତହସିଲଦାର ଭୂପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେଶ କୁମାର ଦଣ୍ଡସେନା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରତନ ସିଂ ବାରିକ ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ମଂଚାସୀନ ଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଭୁଦତ ପୁରୋହିତ ଅତିଥି ପରିଚୟ ପ୍ରଦାନ ଓ ମଂଚ ପରିଚାଳନା କରିଥିବା ବେଳେ ଅତିଥି ଶିକ୍ଷକ ଗୌରୀ ଶଙ୍କର ଦୁବେ ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷକ ଅଶୋକ କୁମାର ବେହେରା, ରାଜଶ୍ରୀ ଦଣ୍ଡସେନା, ନିରଞ୍ଜନ ବିଶ୍ୱାଳ, ପୁଷ୍ପାଞ୍ଜଳି ମହାପାତ୍ର ଓ ସରସ୍ୱତୀ ରାଉତ ପରିଚାଳନା କରିଥିଲେ। ଶିକ୍ଷିକା ନୀଳିମାରାଣୀ ସାଗର ଓ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ସହଯୋଗ କରିଥିଲେ।

# କୃଷି ଯନ୍ତ୍ରପାତି ମେଳାର ଶୁଭାରମ୍ଭ

ଜୟପୁର, (ହି.ସ.)- ଜୟପୁର ଦଶହରା ପଡିଆରେ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ଶୁଭାରମ୍ଭ ହୋଇଛି । ଏଠାରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୟପୁର ବ୍ଲକ ଅଧକ୍ଷା ତିଲୋତମା ମୁଦୁଲି, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ, ରଶ୍ମି ରଥ, ମୁଖ୍ୟ ଜିଲା କୃଷି ଅଧିକାରି ସନ୍ତୋଷ କୁମାର ଦଳ ବେହେରା, କୃଷି ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ଦାଶ, କୃଷି ଜିଲା ଅଧିକାରି ହେମନ୍ତ କୁମାର ପଢିହାରୀ, ଲଲାଟେନ୍ଦୁ ମହାପାତ୍ର ଯୋଗ ଦେଇଥିଲେ । ଏଠାରେ ୪ ଜଣ ଚାଷିଙ୍କୁ ସମ୍ମାନିତ କରାଯାଇଛି । ମୃତିକା ସଂରକ୍ଷଣ ଉପରେ ବୋରିଗୁମ୍ମା ବ୍ଲକ କାମରା ଗ୍ରାମର ଶୁକ୍ରୁ ଗାଦବା, ପ୍ରାଣୀ ସମ୍ପଦ ବିଭାଗରେ ବୋରିଗୁମ୍ମା ବ୍ଲକ କାମତା ଗ୍ରାମର ଜଗଦୀଶ ଚନ୍ଦ୍ର ମଣ୍ଡଳ, କୃଷି ବିଭାଗରେ ବାଣ୍ଡିଗୁଡା ଗ୍ରାମର ରତ୍ନାକର ଗାଦବା ଓ ଜୟପୁର ବ୍ଲକ ଛର୍ତଲା ଗ୍ରାମର ମନଧର ପେଣ୍ଟିଆଙ୍କୁ ସମ୍ମାନିତ କରାଯାଇଛି । ଏଠାରେ ଜୟପୁର ଉପଖଣ୍ଡର ବୋରିଗୁମ୍ମା, କୋଟପାଡ, ଜୟପୁର, କୁନ୍ଦୁରା, ବୈପାରିଗୁଡା ବ୍ଲକର ଚାଷି ମାନେ ଉପସ୍ଥିତ ଥିଲେ । ଏହି ମେଳା ଆଜି ଠାରୁ ୩ ଦିନ ଧରି ଚାଲିବାକୁ ଥିବାବେଳେ ଆଜି ଉଦଘାଟନ ହୋଇଛି। ୩୫୦ରୁ ଉର୍ଦ୍ଧ୍ୱ ଚାଷି ଯୋଗ ଦେଇଥିଲେ । ଏହି ଅବସରରେ ୨୦ଟି ଷ୍ଟଲ କରାଯାଇଥିଲା । ସେଥି ମଧ୍ୟରୁ ୧୩ଟିଷ୍ଟଲରେ ଆଧୁନିକ କୃଷିଯାନ୍ତ୍ରୀକୀକରଣ ପ୍ରଦର୍ଶିତ ହୋଇଥିଲା। ଏଠାରେ ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ, ପ୍ରାଣୀ ସମ୍ପଦ, ମତ୍ସପାଳନ ଇଫକୋ ଭାଗ ନେଇଥିଲେ। ୫ ଗୋଟିଚାଷି ଉତ୍ପାଦକ ସଂସ୍ଥାକୁ ସଂସ୍ଥା ପ୍ରତି ୫ ଲକ୍ଷ ଟଙ୍କାର ଯନ୍ତ୍ରପାତିଉପକରଣ ପ୍ରଦାନ କରାଯାଇଥିଲା। ୩ଦିନ ଏଠାରେ ଚାଷିମାନଙ୍କୁ ତାଲିମ ପ୍ରଦାନ କରାଯିବ। କୃଷିଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଏହି ମେଳାରେ ଉନ୍ନତମାନର ଯନ୍ତ୍ରପାତି ଜ୍ଞାନ କୌଶଳ ବ୍ୟବହାର କରି ଚାଷି ଯେପରି ଅଧିକ ଅମଳ କରି ସ୍ୱାବଲମ୍ବୀ ହୋଇପାରିବେ ସେ ଉପରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏଠାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷିଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରିମ ତତ୍କାଳ ବୁକିଂ ବ୍ୟବସ୍ଥା ରହିଛି । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ଗୋପାଳ ଯୋଜନାରେ ୬୦ରୁ ୭୦ ପ୍ରତିଶତ ରିହାତି ଆଦି ଉପରେ ମଧ ସଚେତନ କରାଯାଇଥିଲା। ବନ୍ଧୁରାମ ଲେମ୍ବୁ ଘାସ ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ, ବୋରିଗୁମ୍ମା ବ୍ଲକର ନାରୀ ପ୍ରଗତି ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ, ବୈପାରିଗୁଡା ବ୍ଲକ ସବୁଜିମା ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ, କୁନ୍ଦୁରା ବ୍ଲକର ମା’ ପଟାଦେଇ ମିଶନ ଶକ୍ତି ମହିଳା ମକା ଉତ୍ପାଦକ କମ୍ପାନୀ ଲିମିଟେଡ, କୋଟପାଡ ବ୍ଲକର ଚିତ୍ରିଦାରା ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡକୁ ୫ ଲକ୍ଷ ଟଙ୍କାର କୃଷି ଯନ୍ତ୍ରପାତି ଓ ଉପକରଣ ପ୍ରଦାନ କରାଯାଇଛି ।

# ବନ୍ଧୁମିଳନ କାର୍ଯ୍ୟକ୍ରମ

ଜୟପୁର: ସରସ୍ୱତୀ ବିଦ୍ୟାମନ୍ଦିର ସାରଦା ବିହାର ଜୟପୁର ୨୦୦୬ ମ୍ୟାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଟାଙ୍କୁଆ ଗ୍ରାମରେ ଆୟୋଜିତ ହୋଇଯାଇଛି। ୨୦୦୬ ମସିହାର ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ବଂଧୁମିଳନ କାର୍ଯ୍ୟକ୍ରମର ମହତ୍ୱ ସମ୍ବନ୍ଧରେ ମାର୍ଗଦର୍ଶନ କରିବା ସହ ଏହାକୁ ପାରିବାରିକ ତଥା ସାମାଜିକ ପରମ୍ପରାରେ ପରିଣତ ତଥା ନିୟମିତ ଆୟୋଜନ କରିବା ପାଇଁ ଆହ୍ୱାନ କରିଥିଲେ। ପ୍ରାକ୍ତନ ଆଚାର୍ଯ୍ୟ ସୁନୀଲ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିବେକ ସିଂ, ସିଦ୍ଧାର୍ଥ ପାଢ଼ୀ, ଅନିରୁଦ୍ଧ ପଣ୍ଡା, ସୁମନ ପାତ୍ର, ବିଶ୍ୱେଶ୍ୱର ପାତ୍ର, ଚିତରଞ୍ଜନ, ସୁଶାନ୍ତ ବେହେରା ପ୍ରମୁଖ ବିଦ୍ୟାର୍ଥୀ ଜୀବନ ଅନୁଭୂତି ବର୍ଣ୍ଣନା କରିଥିଲେ। ଅତିଶ ସାବତ ପରିଚୟ ପ୍ରଦାନ କରିଥିବାବେଳେ ଅବିନାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଦୀପ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମୀର ସାହୁ, ସୌମ୍ୟରଂଜନ ପଟ୍ଟନାୟକ, ଶିବ ଗୌଡ଼, ଆହ୍ୱାନଦ୍ୱୀପ ସାଇଁ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଅଖଣ୍ଡ ବ୍ରହ୍ମଯଜ୍ଞ

ବଲାଙ୍ଗିର(ପିପିଏସ୍) : ବଲାଙ୍ଗିର ସାଲେଭଟା ନିକଟରେ ଥିବା ରଫାଖାଲ ଗ୍ରାମ ଶ୍ରୀ ଗୁରୁ ସୁଦର୍ଶନ ଯୋଗାଶ୍ରମ ଠାରେ ୩୫ତମ ଅଖଣ୍ଡ ବ୍ରହ୍ମଯଜ୍ଞ ଗତ ୧୩ ତାରିଖ ଠାରୁ ଆରମ୍ଭ ହୋଇଛି। ୧୪ ତାରିଖ ମାଘ କୃଷ୍ଣ ଏକାଦଶୀ ମକର ସଂକ୍ରାନ୍ତି ଉତ୍ସବ ଯୋଗାଶ୍ରମ କମିଟି ଦ୍ୱାରା ପାଳନ କରାଯାଇଥିଲା। କୁମୁଦ ଚନ୍ଦ୍ର ସା ମନ୍ତ୍ର ପାଠ କରିଥିଲେ। ବନମାଳୀ ଦିଶାରୀଙ୍କ ଦ୍ୱାରା ସମସ୍ତ ପୂଜା ପାଠ ହୋଇଥିଲା। ଏଥିରେ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ରହି ପୂଜା କାର୍ଯ୍ୟରେ ଯୋଗଦେଇ କରୁଣାକ ଲାଭ କରିଥିଲେ। ଏଥିରେ କମିଟି ସଭାପତି ମହନ ସ୍ୱାଇଁ, ସମ୍ପାଦକ ପରୀକ୍ଷିତ ମେହେର ଓ ସଭ୍ୟ ମାନେ ଉପସ୍ଥିତ ରହି ଆଗାମୀ ମାଘ ସଂକ୍ରାନ୍ତିରେ କାର୍ଯ୍ୟକ୍ରମ ବଜାୟ ରଖିବାକୁ ପ୍ରାର୍ଥନା କରିଥିଲେ ଓ ସମାଜର ମଙ୍ଗଳ କାମନା କରିଥିଲେ।

# ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ



ଦେବଗଡ(ପିପିଏସ୍) : ସ୍ଥାନୀୟ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ଚାଲିଥିବା ଜିଲ୍ଲା ସ୍ତରୀୟ ପି. ଏମ. ଶ୍ରୀ ଉତ୍ସବ ଉଦଯାପିତ ହୋଇଯାଇଅଛି। ଦ୍ୱିତୀୟ ଦିବସ ପୂର୍ବାହ୍ନ ରେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବରୁଣ କୁମାର ପ୍ରଧାନ ଙ୍କ ସଭାପତିତ୍ୱ ରେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଜିଲ୍ଲା ବିଜ୍ଞାନ ସଂଯୋଜିକା ଇପ୍ସିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ଯୁବ ସଂସଦ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଭାଗ ନେଇଥିବା ଛାତ୍ର ଛାତ୍ରୀ ମାନଙ୍କ ସୃଜନଶୀଳ ପ୍ରତିଭାର ଜାଗରଣ ଛାତ୍ର ଛାତ୍ରୀ ମାନଙ୍କ ଦକ୍ଷତା ବୃଦ୍ଧି ଏବଂ ଆକାଂକ୍ଷୀ ମେଳା ୨୦୩୬ ଅବସରରେ ଦୋକାନ ବଜାର, ଗ୍ରାମୀଣ କୁଟୀର ଶିଳ୍ପ, ବ୍ୟାଙ୍କିଙ୍ଗ ବ୍ୟବସ୍ଥା, ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଟ୍ୟାଲେଣ୍ଟ ଗ୍ୟାଲେରୀ ପ୍ରଦର୍ଶନ କୁ ବିଚାରକ ମାନଙ୍କ ଦ୍ୱାରା ମୂଲ୍ୟାୟନ କରିଥିଲେ। ବିଚାରକ ଭାବେ ମଡେଲ ଡିଗ୍ରୀ ଆସିଷ୍ଟାଣ୍ଟ ପ୍ରଫେସର ଡ଼ ସୁମିତ ଜୈଶ୍ୱାଳ, ରାକେଶ କୁମାର ରଥ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ଚିଫ ଇଞ୍ଜିନିଅର ସୌମେନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ପ୍ରଧାନ, ଉଦୟ କୁମାର ପ୍ରଧାନ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସତ୍ୟ ନାରାୟଣ ସାହୁ, ସୁଜିତ କୁମାର ପାତ୍ର, ଗଗନ ବିହାରୀ ନାୟକ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। ଦୁଇଦିନ ମଧ୍ୟରେ ଛାତ୍ର ଛାତ୍ରୀ ମାନେ କୁଇଜ୍ , ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାର ତିନୋଟି ପିଏମ୍‌ଶ୍ରୀ ବିଦ୍ୟାଳୟ ଭାଗ ନେଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁରଙ୍କ ସଭାପତିତ୍ୱରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ବକ୍ତା ଭାବେ ମଡେଲ ଡିଗ୍ରୀ କଲେଜ ର ଅଧକ୍ଷ ବିଜୟ କୁମାର ମହାରଣା, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରଶେଖର ଭୁକ୍ତା, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ବରୁଣ କୁମାର ପ୍ରଧାନ, ଜିଲ୍ଲା ବିଜ୍ଞାନ ସଂଯୋଜିକା ଇପ୍ସିତା ପଟ୍ଟନାୟକ ମଂଚାସୀନ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ଶ୍ରେଷ୍ଠ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ସହ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ, ଓଏମପିସିଏ ସେଣ୍ଟା ସହକାରୀ ଶିକ୍ଷୟିତ୍ରୀ ପ୍ରଜ୍ଞାଶ୍ରୀ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷୟିତ୍ରୀ ରଂଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନେ ସମାରୋପ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚୋଳନାରେ ସନ୍ଧ୍ୟାରାଣୀ ପାତ୍ର, ପଦ୍ମାଳି ଲାକ୍ରା, ଦମୟନ୍ତୀ ବେହେରା, ଇନ୍ଦ୍ରମଣି ସାମଲ, ସଞ୍ଜୟ କୁମାର ବ୍ରହ୍ମା, ତପନ କୁମାର ପ୍ରଧାନ, ରଞ୍ଜନ କୁମାର ବ୍ରହ୍ମା, ,କୁମୁଦବନ୍ଧୁ ପ୍ରଧାନ, ହିମାଂଶୁ ଶେଖର ଦେହୁରୀ, ରାମକୃଷ୍ଣ ସାହୁ, ସିଆରସିସି ଚୂଡ଼ାମଣି ସାହୁ, ଭେନସ କୁମାର ପ୍ରଧାନ, ଅଜୟ କୁମାର ସାହୁ, ଶିକ୍ଷକ ଭବାନୀକାନ୍ତ ପ୍ରଧାନ, ଭାଗ୍ୟଶ୍ରୀ ଗିରି, ସୌମିତ୍ରୀ ମହାପାତ୍ର, ମାନସ ରଞ୍ଜନ ବେହେରା କାର୍ଯ୍ୟାଳୟ ସହାୟକ ଝସକେତନ ସାହୁ, ଗୌରହରି ସାହୁ ଙ୍କ ସମେତ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରିଥିଲେ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଉଠି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୧୮।୦୧।୨୦୨୬ ■ ରବିବାର

# ଇଉରୋପରୁ ଖୁସି ଖବର

ଭାରତ ଓ ଇଉରୋପୀୟ ୟୁନିଅନ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ କଥାବାର୍ତ୍ତା ଅନ୍ତିମ ଚରଣରେ ପହଞ୍ଚିଯାଇଛି । ଏହି ଚୁକ୍ତି ଉଭୟ ପକ୍ଷଙ୍କ ଲାଗି ଜରୁରୀ । ଏହା ଫଳରେ ବାଣିଜ୍ୟରେ ସନ୍ତୁଳନ ଆସିବ ଓ ଆମେରିକାର ଟାରିଫ ଚାପକୁ ଲାଘବ କରିବା ଲାଗି ସହଜ ହେବ । ଆଶା କରାଯାଉଛି ଆସନ୍ତା ୨୭ ତାରିଖରେ ଭାରତ-ଇଉରୋପୀୟ ୟୁନିଅନ ସମ୍ମିଳନୀ କାଳରେ ଏହି ଚୁକ୍ତି ଚୂଡ଼ାନ୍ତ ହୋଇଯିବ । ଏଥର ଭାରତର ଗଣତନ୍ତ୍ର ଦିବସକୁ ଇଉରୋପୀୟ ୟୁନିଅନର ମୁଖ୍ୟଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ଆମନ୍ତ୍ରଣ କରାଯାଇଛି । ଏହି ବାଣିଜ୍ୟ ଚୁକ୍ତି ଲାଗି ଉଭୟ ପକ୍ଷଙ୍କୁ ଦୀର୍ଘକାଳ ଅପେକ୍ଷା କରିବାକୁ ପଡ଼ିଛି । ବର୍ଷ ବର୍ଷ ଧରି ଧୈର୍ଯ୍ୟପୂର୍ଣ୍ଣ କଥାବାର୍ତ୍ତା କଲାପରେ ଏବେ ଯାଇ ୨୪ର ୨୦ ପରିଚ୍ଛେଦ (ଚାପ୍ଟର) ଉପରେ ସହମତି ହୋଇଯାଇଛି ଓ ବାକି ଯାହା ଅଛି ଇତିମଧ୍ୟରେ ହୋଇଯିବାର ଆଶା ରହିଛି । ୯ ବର୍ଷର ବାଧା ପରେ ୨୦୨୨ ଜୁନ୍‌ରେ ଏହି ଚୁକ୍ତି ସଂକ୍ରାନ୍ତରେ ପୁନର୍ବାର କଥାବାର୍ତ୍ତା ଆରମ୍ଭ ହୋଇଥିଲା । ତାହାକୁ ଚୂଡ଼ାନ୍ତ ପର୍ଯ୍ୟାୟକୁ ନେଇଯିବା ଏଇ ହେଉଛି ପ୍ରକୃଷ୍ଟ ସମୟ, ଯେବେ ଭାରତ ଓ ଇଉରୋପୀୟ ୟୁନିଅନ, ଉଭୟ ବାଣିଜ୍ୟ କ୍ଷେତ୍ରରେ ଆମେରିକା ଓ ଚୀନଠାରୁ ପ୍ରବଳ ଚାଲେଞ୍ଜର ସମ୍ମୁଖୀନ ହେଉଛନ୍ତି ।

ସାମଗ୍ରୀ ବା ଗୁଡ୍‌ସ ରେ ଭାରତର ସବୁଠାରୁ ବଡ଼ ଟ୍ରେଡିଙ୍ଗ ପାର୍ଟନର ହେଉଛି ଇଉରୋପୀୟ ୟୁନିଅନ । ୨୦୨୪-୨୫ରେ ଉଭୟଙ୍କ ମଧ୍ୟରେ ୧୩୬.୪୩ ବିଲିୟନ ଡଲାରର ବାଣିଜ୍ୟ ହୋଇଥିଲା । ଭାରତ ପକ୍ଷରୁ ୭୫/୮୫ ବିଲିୟନ ଡଲାରର ରପ୍ତାନୀ କରିଥିଲାବେଳେ ୬୦.୬୮ ଅରବ ଡଲାରର ସାମଗ୍ରୀ ଆମଦାନୀ କରିଥିଲା । ଭାରତର ମୋଟ୍ ରପ୍ତାନୀର ପ୍ରାୟ ୧୭% ଇଉରୋପୀୟ ମାର୍କେଟରେ ଯାଇ ପହଞ୍ଚିଯାଏ । ବାଣିଜ୍ୟ ଚୁକ୍ତି ପରେ ଅଧିକ ସାମଗ୍ରୀ ଟାରିଫ ବା ସୀମାଶୁଳ୍କ ପରିଧିରୁ ବାହାରେ ରହିବ; ତେଣୁ ବାଣିଜ୍ୟ କାରବାର ବଢ଼ିବାର ସମ୍ଭାବନା ଅଧିକ । ପେଟ୍ରୋଲିୟମ ପ୍ରଡକ୍ଟସ, ଟେକ୍ସଟାଇଲ, ମେସିନେରୀ, ଜୁଏଲରୀ, ଫାର୍ମା ସେକ୍ଟରକୁ ପ୍ରୋତ୍ସାହନ ମିଳିବ ନିଶ୍ଚୟ । ଏହା ଫଳରେ ବିଦେଶୀ ପୁଞ୍ଜି ନିବେଶ ମଧ୍ୟ ବୃଦ୍ଧି ପାଇବ । ବିଶ୍ୱସ୍ତରରେ ଏବେ ଯେପ୍ରକାର ଭୂ-ରାଜନୈତିକ ଗତିବିଧି କ୍ଷିପ୍ର ଗତିରେ ବଦଳିବାରେ ଲାଗିଛି, ତାହାକୁ ଲକ୍ଷ୍ୟ କରି ଭାରତକୁ ନିଜର ବାଣିଜ୍ୟ କାରବାରରେ ବିବିଧତା ଆଣିବା ଅତ୍ୟାବଶ୍ୟକ ହୋଇଯାଇଛି । ଦେଶ ଦେଶ ମଧ୍ୟରେ ସିଧାସଳଖ ସମ୍ବନ୍ଧ ସ୍ଥାପନ କରି ବାଣିଜ୍ୟ କାରବାରକୁ ବଳବତ୍ତର କରିବା ହେଉଛି ଆଜିର ଆହ୍ୱାନ । ଦେଶ ସେ ଦିଗରେ ଅଗ୍ରସର ହୋଇ ସଫଳତା ମଧ୍ୟ ହାସଲ କରିଚାଲିଛି ।

ଉଲ୍ଲେଖଯୋଗ୍ୟ ଯେ ଗତବର୍ଷ ବ୍ରିଟେନ, ଓମାନ ଓ ଇଏଫଟିଏ ସହ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଥିଲା । ଇଉରୋପୀୟ ଇଉନିୟନ ସହ ଦୃଷ୍ଟି ଆମେରିକା ସହିତ ଚାଲିଥିବା ବାଣିଜ୍ୟ ବାର୍ତ୍ତା ଉପରେ ମଧ୍ୟ ରହିଛି । କିଛି ଉଚ୍ଚବାଚ ପରେ ଭାରତ ଓ ଆମେରିକା ମଧ୍ୟରେ ବାର୍ତ୍ତାଳାପ ପୁଣି ଲାଇନ ଉପରକୁ ଆସିଲାଣି, ଯାହାକି ଭଲ ଖବର ବୋଲି କୁହାଯିବ । ଏବେ ଇଉରୋପୀୟ ୟୁନିଅନ ସହ ବାଣିଜ୍ୟ ଚୁକ୍ତିର ପ୍ରଭାବ ଆମେରିକା ସହ ଚାଲିଥିବା କଥାବାର୍ତ୍ତା ଉପରେ ମଧ୍ୟ ପଡ଼ିପାରେ । ଆମେରିକାର ଅସ୍ଥିର ନୀତି କାରଣରୁ ଭାରତ ଓ ଇଉରୋପ, ଉଭୟଙ୍କୁ ନୂତନ ଭାବେ ବନ୍ଧାତୁକ ଦୃଢ଼ କରିବାକୁ ହେବ । ଏହା ବ୍ୟତୀତ ଆଉ ଏକ ବଡ଼ କଥା ହେଉଛି ଚୀନଠାରୁ ମିଳୁଥିବା ଚାଲେଞ୍ଜ । ଉଭୟ, ଚୀନ ସହ ବାଣିଜ୍ୟ କାରବାରରେ କ୍ଷତସ ସହି ଆସୁଛନ୍ତି, ଯାହାକି ରେକର୍ଡ ସ୍ତରରେ ପହଞ୍ଚିଗଲାଣି । ଚୀନ କାରଣରୁ ଭାରତ ଓ ଇଉରୋପରେ ମ୍ୟାନୁଫାକ୍ଚରିଙ୍ଗ ସେକ୍ଟର ନିମ୍ନଗାମୀ ହୋଇଛି । ଉଭୟ ପରସ୍ପରକୁ ସହଯୋଗ କଲେ ଏହି ବାଣିଜ୍ୟ ନିଅଣ୍ଟ (ଟ୍ରେଡ୍ ଡେଫିସିଟ)କୁ ହ୍ରାସ କରାଯାଇ ପାରିବ । ❐❐

# ଭକ୍ତିର ବୃକ୍ଷ, ଜ୍ଞାନର ଶସ୍ୟ

ଅନେକ ସମୟରେ ଆମେ ନିଜେ ମିଥ୍ୟାଚାରର କିଳିଣି ଲଗାଇ ହୃଦୟର କବାଟକୁ ବନ୍ଦ ରଖି, ଭଗବାନ ତାଙ୍କ କୃପାର ଆଲୋକ ଦେଇ ତାହାକୁ ଆଲୋକିତ କଲେ ନାହିଁ ବୋଲି ତାଙ୍କୁ ନିନ୍ଦା କରିଥାଉ, ମନ କଷ୍ଟରେ ଭରି ଯାଏ। ଆମେ ମାନେ ମନେରଖିବା ଉଚିତ ଯେ ମିଥ୍ୟାଚାର ଆସେ କାମ ଭାବରୁ, ହୃଦୟରେ କାମକୁ ସ୍ଥାନ ଦେଲେ ରାମଙ୍କ ପାଇଁ ସ୍ଥାନ ରହେ ନାହିଁ। କାମ ଓ ତାହାର ଦୁଷ୍ଟ ବଂଶଧର କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ହୃଦୟରୁ ଅପସରି ଯାଆନ୍ତୁ, ତାହେଲେ ରାମ ନିଜକୁ ସେଠାରେ ଅଧିଷ୍ଠିତ କରିବେ। ଏତାଦୃଶ ନିର୍ମଳୀକରଣ ବିନା ରାମ, ରାମ, କହି ଦେହକୁ ଝୁଲାଇ, ଝୁଙ୍କାଇ ହେବା କେବଳ ନିଃଶ୍ୱାସର ଅପଚୟ ମାତ୍ର। ଦୁର୍ଗ ଭିତରେ ଶତ୍ରୁ ଥାଉଁ ଥାଉଁ ଆମେ ଜିତିଛୁ, ଆମେ ଜିତିଛୁ ବୋଲି ଚିତ୍କାର କରିବା ଏକ ପ୍ରହସନ, ଅପରପକ୍ଷରେ ଶତ୍ରୁକୁ ତଡ଼ି ବାହାର କରିବା ପାଇଁ ନିଜେ ଅସମର୍ଥ।

ନିଜ ହୃଦୟରେ ବିନିତ ଭାବେ ସତ୍ ଚିନ୍ତାର ବୀଜବପନ କରିବା, ତାହାକୁ ପ୍ରେମରୂପକ ଜଳ ଦେଇ ଭିଜାଇବା, ଆଉ ଗଛ ବଢ଼ିଲାବେଳେ ସାହସ ରୂପକ ପୋକମରା ଔଷଧ ବ୍ୟବହାର କରି ତାକୁ ବଞ୍ଚାଇବା ସହିତ, ଏକାଗ୍ରତା ରୂପକ ସାର ଦେଇ ଶସ୍ୟକୁ ଖାଦ୍ୟ ଯୋଗାଇ ପାରିଲେ, ତେବେ ଭକ୍ତିର ବୃକ୍ଷ, ଜ୍ଞାନର ଶସ୍ୟ ପ୍ରଦାନ କରିବ, ସେ ଜ୍ଞାନ ହେଉଛି 'ତୁମେକ ହିଁ ସେ'। ଯେତେବେଳେ ଏହି ଉପଲବ୍ଧି ଆସିବ ଆମେ ସେ ପାଲଟିଯିବା, ସେ ପର୍ଯ୍ୟନ୍ତ ଆମେ ସବୁବେଳେ ସେ ଥିଲୁ, କେବଳ ଏ ପର୍ଯ୍ୟନ୍ତ ତାହା ଜାଣିପାରି ନଥିଲୁ। ହୃଦୟ ନିର୍ମଳ ପବିତ୍ର କରିବା ସହଜସାଧ୍ୟ ନୁହେଁ। ଏହା ଏକ ସମୟ ସାପେକ୍ଷ କାର୍ଯ୍ୟ। ସୁନ୍ଦର ରଙ୍ଗୀନ ଗାଲିଚା ତଳେ ଯେପରି ନାନା ପ୍ରକାର ଧୂଳି ମଇଳା ଘୋଡ଼େଇ ହୋଇ ରହିଯାଏ, ମନର ବିଭିନ୍ନ ସନ୍ଧିକନ୍ଦିରେ ଠିକ ସେହିପରି ନାନା ପ୍ରକାର ଆବିଳତା ଲୁଚି ରହିଥାଏ। ପରିଷ୍କୃତ ପରିଚ୍ଛନ୍ନ ହୋଇଥିବା ଖଣ୍ଡିଏ ଧଳାକନା ଭିତରେ ଯେପରି ଅବାଧରେ ଅତି ସୁନ୍ଦର ଭାବରେ ରଙ୍ଗ ପାଣି ଭେଦିଯାଏ, ସ୍ଥିର ଚିତ୍ତ, ଭୋଗବାସନାରୁ ମୁକ୍ତ ତଥା ପବିତ୍ର ହୃଦୟ ସାଧକମାନଙ୍କର ହୃଦୟରେ ସେହିପରି ସାଧୁମାନଙ୍କର ଉପଦେଶ ଅବାଧରେ ପ୍ରବେଶ କରି ସଞ୍ଚିତ ହୋଇ ରହିଯାଏ।

ଅଜୟ କୁମାର ବେହେରା
ଅରୁଣୋଦୟ ମାର୍କେଟ, କଟକ
ମୋ: ୯୪୩୭୦୩୧୨୫୩

# ମହାରାଷ୍ଟ୍ର ପୌର ନିଗମ ନିର୍ବାଚନରୁ ଶିକ୍ଷା



ଧ୍ୱନିପ୍ରତିଧ୍ୱନି

ଭର୍ତ୍ତୃହରି ମହତାବ

ମହାରାଷ୍ଟ୍ରରେ ହୋଇଥିବା ନଗର, ମହାନଗର ନିର୍ବାଚନରେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ମେଣ୍ଟର ବିଜୟ ଖାସ୍ ବିବେଚିତ ହେଉଛି । କୁହାଯାଉଥିଲା ଆସନ ଜିତିବାରେ ଭାଜପା ମେଣ୍ଟ ଆଗୁଆ ରହିବ । କିନ୍ତୁ ତାକୁ ଏତେ ବଡ଼ ବିଜୟ ମିଳିବ, ଏହାର ଅନୁମାନ ନିର୍ବାଚନୀ ବିଶ୍ଳେଷକମାନେ କରିପାରି ନଥିଲେ । ମହାରାଷ୍ଟ୍ରର ୨୯ଟି ପୌରସଂସ୍ଥା ଲାଗି ହୋଇଥିବା ନିର୍ବାଚନରେ ଭାଜପା ନେତୃତ୍ୱରେ ମିଳିଥିବା ବିଜୟ ଫଳରେ ବିରୋଧୀ ଦଳମାନଙ୍କର ବହୁତ କ୍ଷତି ହୋଇଛି । ବିରୋଧୀ ଦଳମାନେ ନିଜ ନିଜର ଆବଶ୍ୟକତା ଅନୁଯାୟୀ ଅଲଗା ଅଲଗା ଭାବେ ତାଳମେଳ ପ୍ରତିଷ୍ଠା ଲାଗି ଉଦ୍ୟମ କରିଥିଲେ । ଏପ୍ରକାରର ବେଯୋଡ଼ ମେଣ୍ଟ ଅବଶ୍ୟ କଦବା କେଉଁଠି ଜିତିପାରିଛି, କିନ୍ତୁ ବିପୁଳ ବିଜୟ ହାସଲ କରିବାକୁ ମେଣ୍ଟର ଯୌକ୍ତିକତା ହେବା ଦରକାର । ଲୋକେ ଅନୁଭବ କରିବା ଦରକାର ଯେ ରାଜନୈତିକ ଦଳମାନେ ମେଣ୍ଟ କରୁଛନ୍ତି ତାହା ସେମାନଙ୍କ ହିତ ଲାଗି ଉଦ୍ଦିଷ୍ଟ । ସାଧାରଣତଃ ଦେଖାଯାଉଛି ଯେ ନିର୍ବାଚନର ଠିକ୍ ପୂର୍ବରୁ ହେଉଥିବା ମେଣ୍ଟ ସେତେ ସଫଳ ହେଉନାହିଁ । ପୱାର ପରିବାର ମଧ୍ୟରେ ଅଚାନକ ହୋଇଥିବା ତାଳମେଳ ହେଉ କି ଠାକରେ ପରିବାର ମଧ୍ୟରେ ଫାଇଦାକୁ ଲକ୍ଷ୍ୟ କରି ସମନ୍ୱୟ, ଉଭୟଙ୍କୁ ପ୍ରଶଂସା କରାଯାଇ ପାରିବ ନାହିଁ ।

ଏପ୍ରକାର ସମ୍ବନ୍ଧ ସ୍ୱାଭାବିକ ଢଙ୍ଗରେ ହେବା ଦରକାର କି ଏଭଳି ସମ୍ବନ୍ଧ ରହିବାର ପ୍ରୟାସ ନିର୍ବାଚନକୁ ଦୃଷ୍ଟିରେରଖି ହେବା ଉଚିତ ନୁହେଁ । ସେପରି ହେଲେ ଲୋକେ ସ୍ୱୀକାର କରିବେ ନାହିଁ ।

ମହାରାଷ୍ଟ୍ର ପୌର ନିଗମ ନିର୍ବାଚନର ପରିଣାମ ଏକ ଶିକ୍ଷା ଭାବେ ବିଚାର କରାଯିବା ଦରକାର । ଯଦି ପୂରା ବିପକ୍ଷ ଦୃଢ଼ଭାବେ ଲଢ଼ିଥାଆନ୍ତା, ତେବେ କ୍ଷମତାସୀନ ମେଣ୍ଟକୁ କଡ଼ା ଚାଲେଞ୍ଜ ଦେଇପାରିଥାଆନ୍ତା । ଆମ ଦେଶରେ ଯେଉଁ ରାଜ୍ୟ ହେଉ ପଛେ, କେନ୍ଦ୍ରରେ ଶାସନରେ ଥିବା ଭାରତୀୟ ଜନତା ପାର୍ଟିକୁ କେଉଁଠି ବି ହରାଇବା ଲାଗି ବିପକ୍ଷକୁ ମହାମେଣ୍ଟ ଗଢ଼ିବାର ଆବଶ୍ୟକତା ଅଛି । ଏଭଳିକି ତାମିଲନାଡୁରେ ମଧ୍ୟ ଭାଜପା ମେଣ୍ଟକୁ ହରାଇବା ତେବେ ସମ୍ଭବପର ହେବ, ଯେବେ ସେଠି ତା' ବିରୋଧରେ ଦୃଢ଼ ମେଣ୍ଟ ଗଢ଼ାଯିବ । ଦ୍ୱିତୀୟରେ ସ୍ୱୀକାରଯୋଗ୍ୟ ଯେ ଭାଜପା ସାଧାରଣତଃ ଅନ୍ୟ ଦଳମାନଙ୍କ ସହ ତାଳମେଳ ପ୍ରତିଷ୍ଠା କରିବାରେ ଅଧିକ କୁଶଳୀ ସାବ୍ୟସ୍ତ ହୋଇଛି । ବିପକ୍ଷ ଦଳମାନଙ୍କ ମଧ୍ୟରେ ଏପ୍ରକାର ଏକତା ଗତ ଲୋକସଭା ନିର୍ବାଚନ ବେଳେ ଦେଖିବାକୁ ମିଳିଥିଲା, ତାହା ବିହାରରେ ଦେଖିବାକୁ ମିଳିଲା ନାହିଁ କି ମହାରାଷ୍ଟ୍ରରେ ଆଦୌ ପରିଲକ୍ଷିତ ହେଲା ନାହିଁ । ପରିଣାମ ଆମ ସାମନାରେ ଅଛି । ଭାଜପା, ବରଂ ଅଧିକ ସୁଦୃଢ଼ ହୋଇ ଆଗକୁ ଆସିଛି। ଯଦି ମହାରାଷ୍ଟ୍ରରେ ଦାବି କରାଯାଉଛି ଯେ ପୌ ନିଗମମାନଙ୍କରେ ଆଗାମୀ ପଚିଶ ବର୍ଷ ଭାଜପାର ପ୍ରଭାବ ରହିବ ତେବେ ତାହା ଆଦୌ ଭୁଲ୍ ନୁହେଁ । ଭାଜପା ନେତୃତ୍ୱାଧୀନ ମେଣ୍ଟରେ ଅଂଶୀଦାର ଦଳମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଅବିଶ୍ୱାସ ରହିଛି, କିନ୍ତୁ ମତଭେଦକୁ ଯଥାସମୟରେ ଦୂର କରି ନିଜକୁ ବଞ୍ଚାଇ ରଖିବାରେ ସଫଳ ହୋଇଥିବା ବେଳେ ବିପକ୍ଷ ଦଳମାନେ ନିଜ ନିଜ ମଧ୍ୟରେ ଥିବା ମତଭେଦସବୁକୁ ଦୂର କରିବା ଲାଗି ଯଥୋଚିତ ଧ୍ୟାନ ଦେଇ ନାହାନ୍ତି ।

ଉଦ୍ଧବ ଠାକରେଙ୍କ ଶିବସେନାର ରଣନୀତି ପ୍ରସ୍ତୁତକାରମାନେ ଧ୍ୟାନ ଦେବା ଉଚିତ ଥିଲା ଯେ ମହାରାଷ୍ଟ୍ରର ବଡ଼ ବଡ଼ ସହରମାନଙ୍କରେ ଶିବସେନାର ରାଜୁତି ଚାଲିଥିବା ପଛରେ ଭାଜପାର ବଡ଼ ଭୂମିକା ଥିଲା । ଭାଜପା ଓ ଶିବସେନାର ମେଣ୍ଟ ସ୍ୱାଭାବିକ ଥିଲା, କିନ୍ତୁ ଶିବସେନା କେବଳ ଭାଜପାଠାରୁ ଅଲଗା ହୋଇଗଲା ତା'ନୁହେଁ, ତାହା ମଧ୍ୟ ଦୁଇଭାଗ ହୋଇଗଲା । ତାହା ପୁଣି କଂଗ୍ରେସ ସହ ଯାଇ ମେଣ୍ଟ କଲା । ଶିବସେନା ପାଖରେ ନା ଏବେ ପୂର୍ବର ନେତୃତ୍ୱ ଅଛି ନା ନୀତି । ଏନସିପିର ମଧ୍ୟ ସେଇ ସ୍ଥିତି । କଂଗ୍ରେସ ଏଥର ମହାରାଷ୍ଟ୍ରରେ ଅଲଗା ରହି ନିର୍ବାଚନ ଲଢ଼ିବା ଲାଗି ସାହସ ଦେଖାଇଲା, କିନ୍ତୁ ପ୍ରମାଣିତ ହୋଇଗଲା ଯେ ରାଜ୍ୟରେ ତା' ପାଖରେ ଆଉ ସେପ୍ରକାର ପ୍ରଭାବ ନାହିଁ । ଫଳରେ ମହାରାଷ୍ଟ୍ରରେ ଭାଜପା ନେତୃତ୍ୱାଧୀନ ମେଣ୍ଟର ସ୍ଥିତି ମଜବୁତ ହୋଇଛି ଓ ତାହା ପ୍ରମାଣିତ କରିଦେଇଛି ଯେ ନେତା, ନୀତି ଓ ପ୍ରବନ୍ଧନ ବ୍ୟାପାରରେ ନିଜ ବଳରେ ନିର୍ବାଚନ ଜିତିବା ତା'ପାଇଁ ସହଜ । ଏମିତି ନୁହେଁ ଯେ ଭାଜପାକୁ ପରାଜିତ କରାଯାଇ ପାରିବ ନାହିଁ । ଯେଉଁଠି ବିପକ୍ଷ ଦୃଢ଼ ଭାବେ ଲଢ଼ିଛି, ସେଠି ଜିତିଛି । ରାଜନୀତି ପରିପୁଷ୍ଟ ହୁଏ ଯେବେ ରାଜନୈତିକ ଦଳ ପରସ୍ପରର ଅନୁଭବରୁ ଶିକ୍ଷାଲାଭ କରି ଆଗକୁ ବଢ଼ନ୍ତି ।❐❐

# ତ୍ରିବେଣୀ ଅମାବାସ୍ୟା

ସୁଷମା ପରିଡ଼ା

ମାଘ ମାସ ର ଅମାବାସ୍ୟା ଟି "ମୌନୀ ବା ତ୍ରିବେଣୀ ଅମାବାସ୍ୟା" ଭାବେ ପ୍ରସିଦ୍ଧ । ଶାସ୍ତ୍ର ରେ ବର୍ଣ୍ଣନା କରାଯାଇଛି କି ସୃଷ୍ଟିକର୍ତ୍ତା ବ୍ରହ୍ମଦେ୍ୱ ସୃଷ୍ଟି ସର୍ଜନା କରିବା ପରେ ଆଜିର ଦିନରେ ହିଁ ପ୍ରଥମ ମାନବ ମନୁ ଏବଂ ଶତରୁପାଙ୍କୁ ସୃଷ୍ଟି କରିଥିଲେ । ମନୁଙ୍କ ଆବିର୍ଭାବ ଦିବସ ହୋଇ ଥିବାରୁ ଏହା ମୌନୀ ଅମାବାସ୍ୟା ନାମରେ ଖ୍ୟାତ ହୋଇଛି । ଅନ୍ୟ ଗୋଟିଏ କଥା ଅନୁସାରେ,ଏହି ମାଘ ଅମାବାସ୍ୟାରେ ପୁରାତନ ସମୟରେ ମୁନି ଋଷି ମାନେ ମୌନବ୍ରତ ପାଳନ କରୁଥିବାରୁ, ଏହାର ନାମ "ମୌନି ଅମାବାସ୍ୟା" । ଏହି ଦିନ ପୁଣ୍ୟତୋୟା ନଦୀ ମାନଙ୍କରେ ସ୍ନାନ, ବିଶେଷ କରି ତ୍ରିବେଣୀ ସଙ୍ଗମରେ ସ୍ନାନ ଅଶେଷ ଫଳଦାୟୀ ହୋଇଥାଏ । ଏହି ପୁଣ୍ୟ ସ୍ନାନ ସହସ୍ର ଅଶ୍ୱମେଧ ଯଜ୍ଞର ପୁଣ୍ୟ ସହ ସମତୁଲ୍ୟ । ତ୍ରିବେଣୀ ସ୍ନାନ ଯୋଗ ଦୃଷ୍ଟିରୁ ଏହାର ଅନ୍ୟ ନାମ ତ୍ରିବେଣୀ ଅମାବାସ୍ୟା ।

ଏହିଦିନ ଭାରତବର୍ଷର ପବିତ୍ର ନଦୀ ଯଥା ଗଙ୍ଗା, ଯମୁନା, ନର୍ମଦା, ସରଜୁ, ସିନ୍ଧୁ, ଗୋଦାବରୀ, କୃଷ୍ଣା କାବେରୀ ଆଦିରେ ପବିତ୍ର ସ୍ନାନ ପକାଇ ଶ୍ରଦ୍ଧାଳୁ ମାନେ ଅର୍ଘ୍ୟମନ୍ତ୍ର ଉଚ୍ଚାରଣ କରିଥାନ୍ତି :-

ଗଙ୍ଗେଶ୍ଚ ଯମୁନେଶ୍ଚୈବ
ଗୋଦାବରୀ ସରସ୍ୱତୀ କ୍ଷ
ନର୍ମଦେ ସିନ୍ଧୁକାବେରୀ
ଜଳେସ୍ମିନ୍ ସନ୍ନିଧିଂ କୁରୁ ॥

କିମ୍ବଦନ୍ତୀରୁ ଜଣାଯାଏ ୧୬୦୭ ସମ୍ବତର ବୁଧବାର ଦିନ ମୌନି ଅମାବାସ୍ୟା ତିଥିରେ ପ୍ରଭୁ ଶ୍ରୀରାମ ଗୋସ୍ୱାମୀ ତୁଳସୀ ଦାସଙ୍କ ସମ୍ମୁଖରେ ଚିତ୍ରକୂଟର ମନ୍ଦାକିନୀ ଘାଟରେ ଆବିର୍ଭୁତ ହୋଇଥିଲେ । ବାଳକ ରୂପରେ ପ୍ରଭୁ ଶ୍ରୀରାମ ଆସି ଭକ୍ତ ତୁଳସୀ ଦାସଙ୍କ ପାଖରୁ ଚନ୍ଦନ ପିନ୍ଧି ଥିଲେ । ହନୁମାନ ପଛରେ ରହି ଶୁଆ ରୂପ ଧରି ଗାଇଦେଲେ:-

ଚିତ୍ରକୂଟ କେ ଘାଟ ପର
ଭଇ ସନ୍ତନ କି ଭୀର ।
ତୁଳସୀ ଦାସ ଚନ୍ଦନ ଘିସେ
ତିଲକ ଦେତ ରଘୁବୀର ।

ପ୍ରଭୁ ତୁଳସୀଦାସଙ୍କ ଠାରୁ ଚନ୍ଦନଟୀକା ନେଲେ । ପ୍ରଭୁଙ୍କ ସେ ଧନୁର୍ଦ୍ଧାରୀ ନୀଳ ନବ ଘନ ଅପରୂପ ଛବି ଦେଖି ତୁଳସୀ ଦାସ ଆତ୍ମହରା ହୋଇ ଯାଇଥିଲେ । ପୁଣ୍ୟ ମାଘ ମାସର ପବିତ୍ର ତ୍ରିବେଣୀ ଅମାବାସ୍ୟା ଦିନ ଶାସ୍ତ୍ରୋକ୍ତ ସ୍ନାନସାରି ମୌନ ବ୍ରତ ଅବଲମ୍ବନ ପୂର୍ବକ ଭଗବାନ ବିଷ୍ଣୁଙ୍କୁ ଧ୍ୟାନକରି ଅନ୍ନ ବସ୍ତ୍ର ଧନ ଦାନ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି । ଏହିଦିନ ଗୋ ଦାନ ଓ ଭୂମି ଦାନର ମଧ୍ୟ ବିଶେଷ ମହତ୍ୱ ରହିଛି । ପ୍ରୟାଗ ଉଜ୍ଜୟିନୀ ଏବଂ ନାସିକ ଠାରେ ଆୟୋଜିତ କୁମ୍ଭ ମେଳାରେ ଏହିଦିନ ଏକ ବିଶେଷ ସ୍ନାନ,ସାହିସ୍ନାନ ଅନୁଷ୍ଠିତ ହୋଇ ଥାଏ । ମୌନି ଅମାବାସ୍ୟା ପାଳନ ପଛରେ ଏକ ସୁନ୍ଦର ପୌରାଣିକ କିମ୍ବଦନ୍ତୀ ରହିଛି....

ବହୁ ଦିନ ପୂର୍ବେ କାଞ୍ଚି ପୁରୀରେ ଦେବସ୍ୱାମୀ ବୋଲି ଜଣେ ବ୍ରାହ୍ମଣ ବାସ କରୁଥିଲେ । ପତ୍ନୀଙ୍କ ନାମ ତାଙ୍କର ଧନବତୀ । ତାଙ୍କର ପୁଅ ମାନେ ସମସ୍ତେ ବିବାହ କରି ସାରି ଥିଲେ । ତାଙ୍କର ଗୋଟିଏ ମାତ୍ର ଝିଅ ର ନାମ ଗୁଣବତୀ । ଝିଅଟି ବିବାହ ଯୋଗ୍ୟା ଥାଇ ସୁଦ୍ଧା ଅବିବାହିତ ଥାଏ । ପିତାମାତା ଖୁବ ଚିନ୍ତିତ ଥାନ୍ତି ଓ ଝିଅ ବିଭା ପାଇଁ ଉପଯୁକ୍ତ ପାତ୍ର ଖୋଜୁ ଥାନ୍ତି । ଝିଅର ଜାତକ, ଜନ୍ମ କୁଣ୍ଡଳୀ ଆଦି ଦେଇ, ସେମାନେ ଦିନେ ତାଙ୍କ ବଡ଼ପୁଅକୁ ଏକ ଯାଗାକୁ ପଠାଇଲେ । ଜଣେ ଜ୍ୟୋତିଷଙ୍କୁ ଭଉଣୀ ଜାତକ ଦେଖାଇବାରୁ ସେ ଜାଣି ପାରିଲା ଯେ ଭଉଣୀର ବୈଧବ୍ୟ ଯୋଗ ଅଛି । ଗୁଣବତୀର ବାପା ଏହା ଜାଣିବାକୁ ପାଇଲେ ଓ ଜଣେ ଜ୍ୟୋତିଷଙ୍କୁ ଯାଇ ଏ ଦୋଷର ପ୍ରତିକାର ଉପାୟ କଥା ପଚାରିଲେ । ଜ୍ୟୋତିଷ କହିଲେ,ତୁମକୁ ଗୋଟିଏ ସ୍ୱତନ୍ତ୍ର ପୂଜା କରିବାକୁ ପଡ଼ିବ କ୍ଷ ତୁମେ ସିଂହଳ ଦ୍ୱୀପର ସୋମା ନାମ୍ନୀ ଧୋବଣୀ ପାଖକୁ ଯାଅ । ସେ ଏହି ପୂଜାର ବିଧି ତୁମକୁ ବତାଇ ଦେବ । ବ୍ରାହ୍ମଣ ଦେବସ୍ୱାମୀ, ସୋମା ଧୋବଣୀଙ୍କ ଘରକୁ ଚାଲିଲେ । ବାଟରେ ପଡ଼ିବ ସମୁଦ୍ର । ସେ ଚାଲି ଚାଲି ଥକ୍କା ମାରି ଏକ ବରଗଛ ଛାଇରେ ବିଶ୍ରାମ କଲେ । ସେ ଗଛରେ ଏକ ଶାଗୁଣା ରହୁଥାଏ । ଚିନ୍ତିତ ବ୍ରାହ୍ମଣଙ୍କୁ ଦେଖି ଶାଗୁଣା ପଚାରିଲା,ତୁମର ସମସ୍ୟା କଅଣ କୁହ, ମୁଁ ତୁମକୁ ସାହାଯ୍ୟ କରିବି । ବ୍ରାହ୍ମଣ ଦେବସ୍ୱାମୀ ଶାଗୁଣାଟିକୁ ସମସ୍ତ ଘଟଣା କହିଲାରୁ ସେ ତାଙ୍କୁ ସମୁଦ୍ର ପାର କରାଇ ନେଇଗଲା ଏବଂ ସୋମାଙ୍କୁ ଆଣି ତାଙ୍କ ଘରେ ପହଞ୍ଚାଇ ଦେଲା । ସୋମା ଧୋବଣୀ ବିଧି ମୁତାବକ ପୂଜା ସାରିଲେ । ବ୍ରାହ୍ମଣ ଝିଅ ଗୁଣବତୀ ରିଷ୍ଟ ଦୂର ହୋଇ ଯାଇଛି ଭାବି ତା'ର ବିବାହ କରାଇ ଦେଲେ । ଦୁର୍ଭାଗ୍ୟକୁ କିନ୍ତୁ ସେ ଜ୍ୱାଇଁଟି ମରିଗଲା । ଏହା ଦେଖି ସୋମା ତାଙ୍କର ସମସ୍ତ ପୁଣ୍ୟକୁ ଗୁଣବତୀଙ୍କୁ ଦାନ ଦେଇ ଦେଲେ । ଫଳରେ ଜ୍ୱାଇଁଟି ବଞ୍ଚି ଉଠିଲା । ସୋମା ସିଂହଳ ଦ୍ୱୀପକୁ ଫେରି ଯାଇ ଦେଖିଲେ, ତାଙ୍କ ସ୍ୱାମୀ, ପୁତ୍ର, ଜ୍ୱାଇଁ ସମସ୍ତେ ଆର ପାରିକୁ ଚାଲି ଯାଇଛନ୍ତି । ସେ ବୁଝି ପାରିଲେ ଯେ ତାଙ୍କର ସମସ୍ତ ପୁଣ୍ୟ, ସେ ଗୁଣବତୀଙ୍କୁ ଦାନ କରି ଦେଇ ଥିବାରୁ ଏପରି ହୋଇଛି । ସୋମା ଖୁବ ଅନୁତପ୍ତ ହୋଇ, ଗୋଟିଏ ଅଶ୍ୱତ୍ଥ ବୃକ୍ଷ ମୂଳରେ ଭଗବାନ ବିଷ୍ଣୁଙ୍କ ଧ୍ୟାନରେ ବସିଲେ । ମୌନ ଉପବାସ ରହି ସେ ଅଶ୍ୱତ୍ଥ ବୃକ୍ଷକୁ ଏକଶହ ଆଠ ଥର ପରିକ୍ରମା କରିବାରୁ ତାଙ୍କର ସ୍ୱାମୀ, ପୁତ୍ର ଓ ଜ୍ୱାଇଁ ସମସ୍ତେ ଜୀବିତ ହୋଇ ଉଠିଲେ । ସେହିଦିନ ଥିଲା ମାଘ ମାସର ଅମାବାସ୍ୟା ତିଥି । ସୋମା ମୌନ ବ୍ରତ କରି ଭଗବାନ ବିଷ୍ଣୁଙ୍କ କୃପାରୁ ନିଜ ମୃତ ସ୍ୱାମୀ,ପୁତ୍ର । ଜ୍ୱାଇଁଙ୍କୁ ଫେରି ପାଇଥିବାରୁ ସେବେ ଠୁଁ ଏହି ଅମାବାସ୍ୟା ମୌନୀ ଅମାବାସ୍ୟା ବୋଲି ଖ୍ୟାତ ହୋଇଛି ।

ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ, ମା' ବିରଜାଙ୍କର ଏହା ସ୍ୱ ନକ୍ଷତ୍ର ଦିବସ । ପୁରାଣ କହେ ସୃଷ୍ଟିକର୍ତ୍ତା ବ୍ରହ୍ମା ଏହି ସ୍ଥାନରେ ଦଶାଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରିଥିଲେ ଏବଂ ଏହି ଦିନ ରେ ସେହି ଯଜ୍ଞରୁ ଆବିର୍ଭୂତ ହୋଇଥିଲେ ମା' ବିରଜା। ତେଣୁ ଏହି ସ୍ଥାନ ଟି "ଯଜ୍ଞ ପୁର" ନାମରେ ନାମିତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଅପଭ୍ରଂଶ ହୋଇ ଯାଜପୁର ହୋଇଅଛି । ନଦୀର ଏହି ଘାଟଟି ଦଶାଶ୍ୱମେଧ ଘାଟ ନାମରେ ପରିଚିତ। ଏହି ତ୍ରିବେଣୀ ଅମାବାସ୍ୟା ସମୟରେ ଏଠାରେ ବହୁତ ବଡ଼ ମେଳା ଲାଗେ। ଦୋକାନ ବଜାର ବସେ। ଯାଗ ଯଜ୍ଞ ଅନୁଷ୍ଠାନ ହୋଇଥାଏ, ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ। ମେଳା ଦେଖି, ଦଶାଶ୍ୱମେଧ ଘାଟରେ ସ୍ନାନ କରି ମା' ବିରଜା ମନ୍ଦିର ଦର୍ଶନ କରି ଆଶୀର୍ବାଦ ଲାଭ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥାଏ।

ପୋତା ପୋଖରୀ, କଟକ-୪
ମୋ: ୯୩୩୭୨୭୨୬୪୭

## ସଂପାଦକଙ୍କୁ ପତ୍ର

# ରାମରାଜ୍ୟର ପରିକଳ୍ପନା

ମହାଶୟ,

ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା।। ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ ।

ଜଗନ୍ନାଥ ଜେନା,
କେନ୍ଦୁଝର

# ଭାରତୀୟ ସଂସ୍କୃତିର ମହାପର୍ବ

ଡଃ ଅମୂଲ୍ୟ କୁମାର ପଣ୍ଡା

ହରିଦ୍ୱାର,ପ୍ରୟାଗରାଜ,ଉଜ୍ଜୈନ ଏବଂ ନାସିକରେ ପ୍ରତି ବର୍ଷରେ କୁମ୍ଭ ମେଳା ଆୟୋଜିତ ହୋଇଥାଏ । କେବଳ ଭାରତ ନୁହେଁ, ଦୁନିଆର କୋଣ ଅନୁକୋଣରୁ ଲୋକମାନେ କୁମ୍ଭମେଳାରେ ଯୋଗ ଦେବାକୁ ଆସନ୍ତି। ବିଶ୍ୱାସ କରାଯାଏ ଯେ କୁମ୍ଭ ମେଳାର ଗଙ୍ଗା ନଦୀରେ ଗାଧୋଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ସମସ୍ତ ପାପ ଧୋଇଯାଏ ଓ ମୋକ୍ଷ ପ୍ରାପ୍ତି ହୋଇଥାଏ । କୁମ୍ଭମେଳାକୁ 'ସାଧନା' କରୁଥିବା ସାଧୁ ଏବଂ ନାଗା ସାଧୁଙ୍କ ସମେତ ଏପରି ସନ୍ଥ ଆସନ୍ତି ଯେଉଁମାନେ ଏକାନ୍ତରେ ବାସ କରିନ୍ତି । ସେମାନେ କେବଳ କୁମ୍ଭ ମେଳା ସମୟରେ ପରିଦର୍ଶନ କରିବାକୁ ଆସନ୍ତି । କୁମ୍ଭ ଶବ୍ଦର ଏକ ବିରାଟ ମହତ୍ୱ ରହିଛି ସାଧାରଣ ଅର୍ଥରେ ଏହାର ଅର୍ଥ ମାଠିଆ ହୋଇପାରେ କିନ୍ତୁ ଆମ ଶାସ୍ତ୍ର ଓ ଆଧ୍ୟାତ୍ମିକ ଭାବନାରେ କୁମ୍ଭ ଏକ ବ୍ୟାପକତା ଶବ୍ଦକୁ ପ୍ରତିପାଦନ କରିଥାଏ । ଦେବାସୁରଙ୍କ ଦ୍ୱାରା କ୍ଷୀର ସମୁଦ୍ର ମନ୍ଥନ ଦ୍ୱାରା ଧନ୍ୱନ୍ତରୀଙ୍କ ହସ୍ତରୁ ପ୍ରାପ୍ତ ହୋଇଥିବା ଅମୃତ କୁମ୍ଭକୁ ଇନ୍ଦ୍ର ପୁତ୍ର ଜୟନ୍ତ କାକ ରୂପରେ ଥଣ୍ଟରେ ଧରି ପଳାୟନ କରୁଥିବା ବେଳେ ପବିତ୍ର ଗଙ୍ଗାନଦୀ କୂଳରେ ଅବସ୍ଥିତ ଯେଉଁ କେତୋଟି ସ୍ଥାନରେ ସେଥିରୁ ବୁନ୍ଦାଏ ଲେଖାଏଁ ପଡ଼ି ଯାଇଥିଲା ସେହି ସେହି ପବିତ୍ର ସ୍ଥାନ ମାନଙ୍କରେ କୁମ୍ଭମେଳା ପୁରାଣ ଯୁଗରୁ ଏଯାବତ ପ୍ରଚଳିତ ହୋଉ ଆସୁଛି । ସେହି ସ୍ଥାନ ମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ସ୍ଥିତ ଗଙ୍ଗା ଯମୁନା ସରସ୍ୱତୀ ନଦୀର ପବିତ୍ର ମିଳନ ସ୍ଥଳ ଯାହାକୁ ସଙ୍ଗମ ତୀର୍ଥ ପ୍ରୟାଗରାଜ୍ ଅନ୍ୟତମ । ଏହା ବ୍ୟତୀତ ମହାରାଷ୍ଟ୍ରର ନାସିକ ଓ କଲିକତାର ସାଗରସଙ୍ଗମ ଗଙ୍ଗା ସାଗର ଠାରେ ମଧ୍ୟ ଆୟୋଜିତ ହୋଇ ଆସୁଛି । ପ୍ରତି ୧୨ ବର୍ଷରେ ଥରେ କୁମ୍ଭ ମେକା ଆୟୋଜନ ହୋଇଥାଏ । ଏହିପରି ଛଅଟି ବାର ବର୍ଷିଆ କୁମ୍ଭ ମେଳାକୁ ଅର୍ଦ୍ଧ କୁମ୍ଭ ଏବଂ ବାର ଗୋଟି ବାର ବର୍ଷିଆ କୁମ୍ଭ ଅର୍ଥାତ ମୋଟ ୧୪୪ ବର୍ଷରେ ମହାକୁମ୍ଭ ପଡିଥାଏ ଓ ଏହାକୁ ବାରୁଣୀ ଯୋଗ କୁହାଯାଏ ଯେତେବେଳେ କି ଏହି ଦୁର୍ଲଭ ଯୋଗ ପଡିଥାଏ ସେତେବେଳେ ଗୋଟିଏ ରାଶି କୁମ୍ଭରେ ସର୍ବାଧିକ ଗ୍ରହ ଅବସ୍ଥାନ କରି ସମଗ୍ର ସଂସାରକୁ ଶୁଭଫଳ ପ୍ରଦାନ କରିଥାନ୍ତି ବୋଲି ଆମ ସନାତନ ଧର୍ମର ଶାସ୍ତ୍ରୀୟ ମାନ୍ୟତା ରହି ଆସିଅଛି ।

ପୌରାଣିକ ମତେ ଅମୃତ ଭାଣ୍ଡ ପାଇଁ ଦେବାସୁରଙ୍କ ମଧ୍ୟରେ ସଂଘର୍ଷ ଚାଲିଥିବା ବେଳେ ଉକ୍ତ ଭାଣ୍ଡରୁ ଚାରିଟୋପା ଅମୃତ ଚାରୋଟି ସ୍ଥାନ ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୈନ ଓ ନାଶିକରେ ପଡ଼ିଯାଇଥିଲା । ଏବେ ସେହି ଚାରୋଟି ସ୍ଥାନରେ କୁମ୍ଭମେଳା ଅନୁଷ୍ଠିତ ହେଉଛି । ହିନ୍ଦୁ ଧର୍ମ ବିଶ୍ୱାସ ଅନୁସାରେ ମହାକୁମ୍ଭ ସ୍ନାନଦ୍ୱାରା ପାପ କ୍ଷୟ ହୁଏ, ଏହା ମୋକ୍ଷ ପ୍ରାପ୍ତିର ମାର୍ଗ । ଜ୍ୟୋତିଷ ଶାସ୍ତ୍ରମତରେ ମଧ୍ୟ ମକର ସଂକ୍ରାନ୍ତିଠାରୁ ମହା ଶିବରାତ୍ରି ପର୍ଯ୍ୟନ୍ତ ମହାକୁମ୍ଭ ସ୍ନାନ ଆଧ୍ୟାତ୍ମିକ, ଶାରୀରିକ ଓ ମାନସିକ ଶକ୍ତିରେ ବିକାଶ ଘଟାଏ । କାରଣ ଏହି ସମୟରେ ବୃହସ୍ପତି ବୃଷ ରାଶିରେ ଅବସ୍ଥାନ କରନ୍ତି ଏବଂ ମକର ରାଶିରେ ରହିଥାନ୍ତି ରବି ଓ ଚନ୍ଦ୍ର । ଫଳରେ ପ୍ରୟାଗର ବାୟୁମଣ୍ଡଳ ପରିପୂର୍ଣ୍ଣ ହୋଇଥାଏ ଆଧ୍ୟାତ୍ମିକ ଶକ୍ତିଦ୍ୱାରା । ଭକ୍ତ ଓ ଶ୍ରଦ୍ଧାଳୁମାନେ ଗଙ୍ଗାର ଜଳ, ବାୟୁମଣ୍ଡଳ ତଥା ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ଶକ୍ତିର ସତ୍ତା ଅନୁଭବ କରନ୍ତି । ତେଣୁ କୁମ୍ଭ ମେଳାରେ ଯୋଗ ଦେଲେ ସ୍ୱତଃ ମାନସିକ, ଶାରୀରିକ ଓ ବୌଦ୍ଧିକ ଅଭିବୃଦ୍ଧି ହୋଇଥାଏ । ଏହା ହିଁ ମୋକ୍ଷର ମାର୍ଗ । କୁମ୍ଭ ସ୍ନାନର ଶ୍ରେଷ୍ଠ ଦିବସ ହେଉଛି ମୌନୀ ଅମାବାସ୍ୟା । ଏହି ଦିନ ସୃଷ୍ଟି ସର୍ଜନା କରିଥିଲେ ବ୍ରହ୍ମା । ତେଣୁ ମୌନୀ ଅମାବାସ୍ୟାର ସ୍ନାନରେ ମିଳେ ଅମାପ ଆଧ୍ୟାତ୍ମିକ ଶକ୍ତି । ମହାକୁମ୍ଭ ସମୟରେ ପ୍ରୟାଗଠାରେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ଓ ସକଳ ଦେବ, ସମସ୍ତ ବେଦର ମିଳନ ଘଟିଥାଏ । ଗଙ୍ଗାର ପବିତ୍ର ଜଳ ମଧ୍ୟ ମକର ସଂକ୍ରାନ୍ତି ସମୟରେ ଆଧ୍ୟତ୍ମିକ ଶକ୍ତିଦ୍ୱାରା ଶକ୍ତିଶାଳୀ ମନେ ହୁଏ । ତେଣୁ ଗଙ୍ଗା ବୁଡ଼ ଫଳରେ ଅମୃତର ସ୍ୱାଦ ଅର୍ଥାତ ଐଶ୍ୱରିକ ସତ୍ତାର ଉପଲବ୍ଧି ମିଳେ ବୋଲି ବିଶ୍ୱାସ ରହିଛି । ପୌରାଣିକ ମତେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପୁରୁଷାର୍ଥ ଅଟେ। ଏଥିମଧ୍ୟରୁ ଅର୍ଥ ଓ କାମ ଲୌକିକ ଏବଂ ଧର୍ମ ଓ ମୋକ୍ଷ ପାରଲୌକିକ ଶ୍ରେଷ୍ଠତା ପାଇଁ ଉଦ୍ଦିଷ୍ଟ । କୁମ୍ଭସ୍ନାନ ଏହି ଚତୁର୍ବର୍ଗ ଫଳ ପ୍ରଦାନ କରିଥାଏ । କୁମ୍ଭପର୍ବରେ ବିଧିବିଧାନ ପୂର୍ବକ ସ୍ନାନ ଓ ଦାନ ଆଦି କଲେ ଶତ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ତଥା ପରଲୋକ ମୁକ୍ତି ଅମୃତତ୍ତ୍ୱ ପ୍ରାପ୍ତି ହୁଏ । ଆମ ଶାସ୍ତ୍ର ଅନୁସାରେ ବୃହସ୍ପତି ଓ ସୂର୍ଯ୍ୟ ସିଂହ ରାଶିରେ ଥିଲେ ତ୍ର୍ୟମ୍ବକେଶ୍ୱର ନାସିକ, ବୃହସ୍ପତି ଓ ସୂର୍ଯ୍ୟ ବିଛା ରାଶିରେ ଥିଲେ ଉଜ୍ଜୟନୀ, ବୃହସ୍ପତି ବୃଷ ରାଶିରେ ଓ ସୂର୍ଯ୍ୟ ମକର ରାଶିରେ ଥିଲେ ପ୍ରୟାଗ ଆହ୍ଲାବାଦ, ସୂର୍ଯ୍ୟ ମେଷ ରାଶିରେ ଥିଲେ ହରିଦ୍ୱାର, ବୃହସ୍ପତି ବୃଷ ରାଶିସ୍ଥ ହୋଇଥିବା ସମୟରେ, ରବି ଓ ଚନ୍ଦ୍ର ମକର ରାଶିରେ ପ୍ରବେଶ କଲେ ମାଘ ମାସ ଅମାବାସ୍ୟାରେ ମହାକୁମ୍ଭ ଯୋଗ ପଡ଼େ । କୁମ୍ଭ ମେଳା ୪ ପ୍ରକାରର ହୋଇଥାଏ । ଯଥା- କୁମ୍ଭ, ଅର୍ଧ କୁମ୍ଭ, ପୂର୍ଣ୍ଣ କୁମ୍ଭ ଏବଂ ମହାକୁମ୍ଭ ହୋଇଛି ।

କୁମ୍ଭ ମେଳାର ପ୍ରକାର ଭେଦ ଅନୁସାରେ, ପୂର୍ଣ୍ଣ କୁମ୍ଭ ହେଉଛି ମହାକୁମ୍ଭ। ୧୨ ବର୍ଷ ପରେ ପ୍ରୟାଗରାଜ୍ ମହା କୁମ୍ଭମେଳା ଆୟୋଜିତ ହୋଇଥାଏ । ମହା କୁମ୍ଭ ମେଳା ଆୟୋଜିତ ପ୍ରାୟାଗରାଜ୍ ବ୍ୟତୀତ ହରିଦ୍ୱାର, ନାଶିକ ଏବଂ ଉଜ୍ଜାଇନରେ ମଧ୍ୟ କରାଯାଇଥାଏ । ଏହି ମେଳା ୧୨ ବର୍ଷର ବ୍ୟବଧାନରେ ପାଳନ କରାଯାଏ । ଏଥିପାଇଁ ସମସ୍ତ ଚାରେଟି ସ୍ଥାନ ଗୋଟି, ପରେ ଗୋଟିଏ ଚୟନ କରାଯାଇଥାଏ । ଏହି ସମୟ ମଧ୍ୟରେ ଗଙ୍ଗା , କ୍ଷିପ୍ରା, ଗୋଦାବରୀ ଏବଂ ସଙ୍ଗମ ନଦୀରେ ସ୍ନାନ କରନ୍ତି। କୁମ୍ଭ ମେଳା ପରି ଅର୍ଧ କୁମ୍ଭ ମଧ୍ୟ ପ୍ରତି ଛଅ ବର୍ଷ ପରେ ପାଳନ କରାଯାଏ । ଅର୍ଦ୍ଧ କୁମ୍ଭ କେବଳ ଦୁଇଟି ସ୍ଥାନରେ ଆୟୋଜିତ କରାଯାଏ । ଏହି ଦୁଇଟି ସ୍ଥାନ ହେଉଛି- ପ୍ରୟାଗରାଜ୍ ଏବଂ ହରିଦ୍ୱାର୍ । ଅର୍ଦ୍ଧ ର ଅର୍ଥ ଅଧା ହୋଇଥାଏ । ଏଥିପାଇଁ ଏହା ୬ ବର୍ଷ ପରେ ଆୟୋଜିତ କରାଯାଇଥାଏ। ୧୨ ବର୍ଷ ପରେ ପାଳନ କରାଯାଉଥିବା କୁମ୍ଭ ମେଳାକୁ ପୂର୍ଣ୍ଣ କୁମ୍ଭ ମେଳା କୁହାଯାଇଥାଏ। ଗତ ବର୍ଷ ଜାନୁଆରୀ ୨୦୨୫ ରେ ପ୍ରୟାଗରାଜ୍ ଠାରେ ଆୟୋଜିତ ହୋଇ ଚାଲିଥିବା ମେଳା କେବଳ କୁମ୍ଭ ନୁହେଁ ବରଂ ପୂର୍ଣ୍ଣ କୁମ୍ଭ ମେଳା ମଧ୍ୟ ହୋଇଥିଲା । ସେହିଭଳି ପ୍ରତି ୧୪୪ ବର୍ଷ ପରେ ଆୟୋଜିତ ହୋଇଥିବା କୁମ୍ଭ ମେଳାକୁ ମହାକୁମ୍ଭ କୁହାଯାଏ । ଏହା କେବଳ ପ୍ରୟାଗରାଜ୍ ଠାରେ ଆୟୋଜିତ କରାଯାଏ । କାରଣ ଏହି କୁମ୍ଭ ମେଳା ବହୁ ବର୍ଷ ପରେ ଆସେ ଏବଂ ଏଥିପାଇଁ ଏହାର ବିଶେଷ ମହତ୍ୱ ରହିଛି । କୁମ୍ଭ ମେଳା ଗୁଡିକ ଜ୍ୟୋତିଷ ଶାସ୍ତ୍ର ଓ ଜ୍ୟୋତିର୍ବିଜ୍ଞାନ ଅନୁସାରେ ମହାକାଶରେ ସୂର୍ଯ୍ୟ, ଚନ୍ଦ୍ର, ବୃହସ୍ପତି ଆଦିଙ୍କ ନିର୍ଦ୍ଦିଷ୍ଟ ରାଶିଚକ୍ରରେ ଅବସ୍ଥିତି ସମୟକୁ ନେଇ ପାଳନ କରାଯାଏ। ପୃଥିବୀ ପୃଷ୍ଠର ଜଳ ରାଶି ଉପରେ ସୂର୍ଯ୍ୟ ଚନ୍ଦ୍ରଙ୍କ ତିଥି ଅନୁସାରେ କ'ଣ ପ୍ରଭାବ ରହିଛି ତାହା ଅମାବାସ୍ୟା ପୂର୍ଣ୍ଣିମା ମାନଙ୍କରେ ସମୁଦ୍ରରେ ଜୁଆର ଉଠିବା ଘଟଣାରୁ କିଛି କିଛି ଜାଣି ହେଉଛି। ତେଣୁ ଆମ ପୁର୍ବଜ ସନାତନୀ ମାନେ ବିନା କାରଣରେ ଏଇ ନିର୍ଦ୍ଦିଷ୍ଟ ତିଥି ମାସ ମାନଙ୍କରେ କୁମ୍ଭ ମେଳା ସ୍ନାନ ପରମ୍ପରା ଆରମ୍ଭ କରି ନାହାନ୍ତି। ଏହାର ଆଧ୍ୟାତ୍ମିକ ଓ ବିଜ୍ଞାନ କାରଣ ମଧ୍ୟ ଅଛି କିନ୍ତୁ ଏ ଦିଗରେ ବୈଜ୍ଞାନିକ ଗବେଷଣା କରିବାକୁ କାହାରି ସେପରି ଆଗ୍ରହ ଥିବା ପରିଲକ୍ଷିତ ହୁଏ ନାହିଁ।

କୁମ୍ଭ ସାଧାରଣ କୁମ୍ଭ ନୁହେଁ। ଏହା ଅମୃତଭରା କୁମ୍ଭ। ଭଲମନ୍ଦ ମଧ୍ୟରେ ସଂଘର୍ଷ ପରେ ଏହା ସର୍ବଶେଷରେ ପ୍ରାପ୍ତ ହୋଇଥିଲା। ପ୍ରଥମରେ ବିଷ, ଏହାକୁ ଯିଏ ପାନ କରିଥିଲେ, ସେ ପରମତତ୍ତ୍ୱ ଶିବ, ନିର୍ବିକାର ତଥା ଅବ୍ୟୟ। ତା'ପରେ ନାନା ପ୍ରକାର ଲୌକିକ ସମ୍ପଦ ନିର୍ଗତ ହୋଇଥିଲା। ବିଷକୁ ଛାଡ଼ି ଦେଲେ ଯାହା ସମୁଦ୍ରରୁ ବାହାରିଥିଲା, ସେ ସବୁ ପାଇବା ପାଇଁ ଭଲମନ୍ଦ ମଧ୍ୟରେ ସଂଘର୍ଷ ହୋଇଥିଲା ଓ ନିଜ ସାମର୍ଥ୍ୟ ଅନୁସାରେ ସେ ସବୁକୁ ବାଣ୍ଟି ନେଇଥିଲେ। ହେଲେ ବିଷକୁ କେହି ଚାହିଁ ନ ଥିଲେ। କେବଳ ଯିଏ ନିର୍ବିକଳ୍ପ ଓ ନିର୍ବିକାର ତଥା ପରମତତ୍ତ୍ୱ ସେ ଶିବ ହିଁ ଏହାକୁ ଗ୍ରହଣ କରିପାରେ। ସର୍ବଶେଷରେ ଅମରତ୍ୱର ପ୍ରତୀକ ଅମୃତକୁମ୍ଭ ବାହାରି ଥିଲା। ଏହାକୁ ପାଇବା ପାଇଁ ସମସ୍ତେ ଚାହିଁ ଥିଲେ, ମାତ୍ର ଯେଉଁମାନେ ମାୟା ରୂପୀ ମୋହିନୀ ଉପରେ ମୋହିତ ହୋଇଗଲେ, ସେମାନେ ଅମୃତ ପାଇବାରୁ ବଞ୍ଚିତ ହୋଇଗଲେ। ଆଧ୍ୟାତ୍ମିକ କ୍ଷେତ୍ରରେ ମହାକୁମ୍ଭର ଏକ ମହତ୍ୱ ସ୍ଥାନ ରହିଛି। ଭଲମନ୍ଦ ମଧ୍ୟରୁ ଯେ ବାହାରି ଆସିଛି, ଯେ ନିର୍ବିକାର ଓ ନିର୍ବିକଳ୍ପ ତଥା ତଟସ୍ଥ, ସେ ହିଁ ବିଷକୁ ହଜମ କରି ଅମରତ୍ୱ ଲାଭ କରିପାରିବ। ଏହି ସାଂସାରିକ ମୋହମାୟା କ୍ଷଣିକ ସୁଖ ଓ ଉତ୍ତେଜନା ଦେଇପାରେ, ମାତ୍ର ଶାନ୍ତି ଓ ଅମରତ୍ୱ ପ୍ରଦାନ କରିପାରିବ ନାହିଁ। କେବଳ ଭଲମନ୍ଦ ଅତୀତ ହିଁ ଏହାର ଅଧିକାରୀ ଅଟେ।

ଅରଙ୍ଗାବାଦ, ବର. ଯାଜପୁର
ମୋ: ୮୨୪୯୫୦୨୭୭୬

# ପ୍ରଜାତନ୍ତ୍ର ସାହିତ୍ୟ



## କ୍ଷୁଦ୍ର ଗଳ୍ପ

# ବସ୍‌ଯାତ୍ରା

ସୁନନ୍ଦା ମହାନ୍ତି

ନାଇଟ୍ କୋଚ ବସ୍‌ଟା ଖାଲିଖାଲି ଆସୁଥିଲା ସେଦିନ। ଏତେବଡ଼ ବସ୍ ପୁଣି ଦୂର ଘାଟି ବାଟଯିବାର ଅଛି। ସେଥିରେ ବସ୍‌ଟା ଏକଦମ୍ ଖାଲି ତ ବାଟ ପାସେଞ୍ଜର ସବୁ ଉଠୁଥିଲେ ଓ୍ୱ ଏକ୍ସପ୍ରେସ୍ ବଦଳରେ ଲୋକାଲ ଲାଗୁଥିଲା ବସ୍‌ଟା। କିଏ ବାନ୍ତି କରି କରି ବୁଡ଼େଇ ଚାଲିଲା ବେଳେ କହୁଥିଲା ଆଜି ଆସିବାର ନଥିଲା ତ କିଏ ବାନ୍ତି ରୋକି ଅସ୍ତବ୍ୟସ୍ତ ଅନୁଭବରେ କଣ୍ଡକ୍ଟରକୁ ଦିପଦ ଶୁଣେଇ ଚାଲିଥିଲା। ଅନ୍ୟାୟ ଅନୀତି ସହୁନଥିବା ବ୍ୟକ୍ତି ଜଣକ ଅବସରପ୍ରାପ୍ତ ଶିକ୍ଷକ ହିଁ ଥିଲେ। ନାଇଟ୍‌କୋଚ ବସ୍‌ର ଚାରି ନମ୍ବର ସିଟ୍‌ରେ ବସିଥିଲେ। ତିନି ନମ୍ବର ସିଟ୍‌ରେ ବସି ବସ୍ ଛାଡୁଛାଡୁ ଘୁମେଇ ପଡ଼ି ସିଟ୍‌କୁ ପଛକୁ କରି ଲେପଟେଇ ପଡ଼ିଥିବା ଯୁବକକୁ ସେ ତାଗିଦା କରୁଥିଲେ ଯେ ଅନ୍ତତଃ ସାଢ଼େ ନଅଟା ବାଜୁ ସିଟ୍‌କୁ ବଙ୍କେଇ ଶୋଇବ ନହେଲେ ପଛରେ ବସିଥିବା ଲୋକର ଅବସ୍ଥା କ'ଣ ହେବ ! ଯୁବକ ପଛକୁ ମୁହଁ ବୁଲେଇ ଟିକେ ଦେଖିନେଲା ବୟସ୍କବ୍ୟକ୍ତି ଜଣଙ୍କୁ। ତାଚ୍ଛଲ୍ୟ ଭାବରେ ଉତ୍ତର ଫୋପାଡ଼ିଲା ନିଜ ନିଜ ସିଟ୍ ଯିଏ ଯାହାର ପଛକୁ ଅଣେଇ ଦେଲେ କ୍ଷତି କ'ଣ ଯେ ! ବସ୍‌ଟା ତ ପୂରା ଖାଲି। ଯଦି ସମସ୍ତେ ଥାଆନ୍ତେ ତେବେ ? କହିବାକୁ ଯାଇ ଅଟକି ଗଲେ ସାର୍। ସ୍ତ୍ରୀ ଆଖିର ଇସାରାରେ ମନା କରୁଥିଲେ ଯୁକ୍ତି ନକରି ବରଂ ପଛକୁ ପଛ ଖାଲି ପଡ଼ିଥିବା କୌଣସି ସିଟ୍‌ରେ ନିଜକୁ ସାମିଲ କରିନେବାକୁ। ବାଟ ସାରା କିନ୍ତୁ ଘାଟି ରାସ୍ତାରୁ ଲୋକ ଚଢୁଥିଲେ ଆଉ ଓହ୍ଲାଉଥିଲେ। ଚଢ଼ା ଦରରେ ଟିକେଟ କାଟି ମଧ୍ୟ ସିଟ୍ ପାଇ ଭାରି ଖୁସିରେ ଥିଲେ ବାଟ ପାସେଞ୍ଜର ଆଉ କଣ୍ଡକ୍ଟର ବି ଖୁସି। ସମସ୍ତେ ଅନ୍‌ଲାଇନ ବୁକିଂ କରି ଟିକେଟ କାଟି ଆସୁଥିଲା ବେଳେ ଏଇ ବାଟ ପାସେଞ୍ଜରମାନଙ୍କର ଟିକେଟ ପଇସା ତ ତାଙ୍କ ପକେଟ ମନି ନା ! ଏଇ ସମୟରେ ଝଟକା ଦେଇ ପୁଣି ବସ୍ ରହିଲା ତ ଛଅଟା ବେଲୁ ସିଟ ଚେୟାର ପଛକୁ କରି ଲୋଟି ପଡ଼ିଥିବା ଯୁବକ ଜଣକ ବାନ୍ତି କରିପକେଇଲା ବେଳକୁ ଦୁଇଜଣ କିଶୋର ଉଠିଲେ ଘାଟି ରାସ୍ତା କଡ଼ରୁ। କିଶୋର ଯଦିଓ ନଥିଲେ ଯୁବକ ବି ନଥିଲେ। କିଶୋର ବୟସ ପାର ହୋଇ ଯୁବକ ବୟସରେ ପ୍ରବେଶର ପ୍ରଥମ ପାହାଚ ଚଢୁଥିବା ଦୁଇ ବଣୁଆ ବା ସାନ୍ତାଳ ବା କୋଟିଆ ଯୁବକ ହେବେ କି କ'ଣ !! ସେ ଦୁହେଁ ଉଠୁ ଉଠୁ ଗନ୍ଧରେ ନାକ ଫାଟି ପଡୁଥିଲା ତ ନିଜକୁ ଆରାମରେ ଲୋଟେଇ ଦେଇ ସନ୍ଧ୍ୟାରୁ ଶୋଇରହିଥିବା ଓ ଭୁବନେଶ୍ୱର ଯାଉଥିବା ଯୁବକ କଣ୍ଡକ୍ଟରକୁ ମନଭରି ଶୋଧି ପଛକୁ ବୁଲି ଚାହୁଁଥିଲା ସାର୍‌ଙ୍କ ପ୍ରତିକ୍ରିୟା ଦେଖିବାକୁ। ହେଲେ ବୟସ୍କ ସାର୍ ଏଇ ବାଟ ପାସେଞ୍ଜରମାନଙ୍କ ଯୋଗୁଁ ଠାକୁ ଠା ଓହ୍ଲେଇ କ୍ରିୟା କର୍ମ କରୁଥିଲେ ତ ଡରିଯାଉଥିଲେ ପତ୍ନୀ। ରାତି ବେଳ ପୁଣି ଜଙ୍ଗଲିଆ ଘାଟି ରାସ୍ତା, କିଏ କହିବ ବାଘ ଭାଲୁ ହାତୀ ଗଡୁନଥିବେ !

କିଛି ବାଟ ଗଡ଼ିଗଲା ପରେ ସୁଙ୍କି ସାଲୁରି ଘାଟି ପାର ହେଲା ପରେ ଦୁଇ ଗୋଡ଼କୁ ଆଉ ଗୋଟେ ସିଟ୍ ଉପରେ ଲମ୍ବେଇ ଆରାମରେ ଘୁଙ୍ଗୁଡ଼ି ମାରୁଥିବା କଣ୍ଡକ୍ଟର ଉଠିଲା, ଅସ୍ତବ୍ୟସ୍ତ ହେଲା ଓ ସେହି ଜନଜାତି ଯୁବକ ଦୁହିଁଙ୍କୁ ଡାକି ଆଣି ପାଖରେ ବସ୍‌ର ଦ୍ୱାର ଆଡ଼କୁ ବସେଇ କହିଲା କେତେ ଡାକିଲି ତୁମେ ଦୁହେଁ ଆସିଲ ନାହିଁ ତୁମ ଷ୍ଟପେଜ ଚାଲିଗଲା ତ ଏଇଠି ବସ। ଆଗ ଷ୍ଟପେଜରେ ଓହ୍ଲେଇ ଯିବ। ଦୁହିଁଙ୍କ ଭିତରୁ ଜଣେ କହିଲା ରାତି ଏବେ ସାଢ଼େ ଦୁଇ। ଆଗ ଷ୍ଟପେଜରେ ବିଶ୍ରାମାଗାର ନାହିଁ। ହାତୀ ବାଘ ଭାଲୁ ଗଡ଼ନ୍ତି ରାତିରେ ତ ଆମକୁ ବରଂ ବ୍ରହ୍ମପୁର ପୂର୍ବରୁ ଦିଗପହଣ୍ଡିରେ ଓହ୍ଲେଇ ଦେବ। ଆମର ଚାଲିବାର ଅଭ୍ୟାସ ଅଛି। ହେଲେ ସେଠୁ ତୁମ ଛକ ତ ପ୍ରାୟେ ଶହେ କିଲୋମିଟର ପାଖାପାଖି ହେବ। ଏତେ ବାଟ ଚାଲିବ କେମିତି ? କ'ଣ କରିବୁ ଆଉ ମେଳାରେ ଛି ଛି ଛିରେ ନନି ଗୀତରେ ନାଚି ନାଚି ଭୋକରେ ମହୁଲି ପିଇ ଦେଇଥିଲୁ ତ





ନିଦ ଭାଙ୍ଗିଲା ନାହିଁ। ପଇସା ପରେ ଦେବ ବୋଲି କହି ମାଲିକ ଯିଏ ଆମକୁ ନାଚିବାକୁ ନେଇଥିଲା ଛାଡ଼ିଦେଲା। ପେଟରେ ମଧ୍ୟ ଖୁବ୍ ଭୋକ ଆଉ ଆଖିରେ ନିଦ। ତାଙ୍କ କଥା ଭିତରେ ପର ଷ୍ଟପେଜ ଆସିଯାଇଥିଲା। କଣ୍ଡକ୍ଟର ସଫେଇ ପରେ ସଫେଇ ଦେଇ କହୁଥିଲା କେତେ ତ ଡାକିଲି ଉଠିଲ ନାହିଁ, ଏଇଠି ଓହ୍ଲେଇ ଯାଅ ପାଖ ପଡ଼ିବ ତୁମ ଗାଁ।

ସବୁ ଶୁଣୁଥିବା ସାର୍ କହିଲେ ତାଙ୍କୁ ଦିଗପହଣ୍ଡି ଯାଏଁ ନିଅ। ଏଇ ନିଅ ପିଲାଏ କହି ପାଞ୍ଚଶହ ନୋଟଟିଏ ବଢ଼େଇ ସାର୍ କହିଲେ କିଛି ଜଳଖିଆ ଖାଇ ଫେରନ୍ତା ବସ୍‌ରେ ଗାଁ ମୁଣ୍ଡେ ଓହ୍ଲାଇପଡ଼ିବ। ସକାଳ ହୋଇସାରିଥିବ, ବିପଦ ନଥିବ। ଏଥର କଣ୍ଡକ୍ଟର କହୁଥିଲା କିନ୍ତୁ ଦିଗପହଣ୍ଡି ଯାଏଁ ତୁମ ଦୁହିଁଙ୍କୁ ଟିକେଟ ପଇସା ଦେବାକୁ ପଡିବ ନା ! ଏଥର ସିଟ ଉଠାଇ ପ୍ରକୃସ୍ଥିତ ହୋଇ ବସିଲା ଭୁବନେଶ୍ୱର ଯାଉଥିବା ଯୁବକ ଓ୍ୱ ସକ୍ରିୟ ନାଗରିକର କର୍ତ୍ତବ୍ୟରେ ପାଟି ଖୋଲିଲା ଆରେ ମୁଁ କ'ଣ ଶୋଇଥିଲି ବୋଲି ଭାବୁଛ ନା କ'ଣ ସବୁ ଜାଣେ କଣ୍ଡକ୍ଟର ଭାଇ। ତୁମେ ଆରାମରେ ଶୋଇ ନିଜ କର୍ତ୍ତବ୍ୟ ଭୁଲି ସେ ପିଲା ଦୁହିଁଙ୍କୁ ଡାକିନାହଁ ତାଙ୍କ ଷ୍ଟପେଜରେ ତ ତୁମର ଭୁଲ ତାଙ୍କୁ ପଇସା କ'ଣ ମାଗୁଛ ! କଣ୍ଡକ୍ଟରର ଆଉ କିଛି କହିବାର ଉପାୟ ନଥିଲା। ଜଳ ଜଳ କରି ଚାହୁଁଥିବା ଦୁଇ ଆଦିବାସୀ କିଶୋରଙ୍କୁ ଦୁଇଶତ ବଢ଼େଇ ଯୁବକ ଜଣଙ୍କ ପୁଣି ଚେୟାରକୁ ପଛ କରି ଶୋଇବାକୁ ଚେଷ୍ଟା କଲାବେଳେ ବସ୍ ଦିଗପହଣ୍ଡି ଷ୍ଟପେଜର ବହୁ ଦୂରରେ ବ୍ରହ୍ମପୁର ରାସ୍ତାରେ ଥିଲା। ସକାଳର ସୁନେଲି ଖରା ପଡ଼ିଆସିଥିଲା ତ ଏଥର ସାର୍ ନୁହନ୍ତି ବରଂ ତାଙ୍କ ସ୍ତ୍ରୀ କହୁଥିଲେ ଦିନ ଆସି ଛଅଟା ହେଲାଣି ଏଥର ତ ସିଧା ବସନ୍ତୁ। ସାର୍‌ଙ୍କୁ ପଛ ସିଟ୍‌ରେ ଅଣନିଶ୍ୱାସୀ ଲାଗୁଛି। ସାର୍ କହିଲେ ହଉ ହଉ ଶୁଅନ୍ତୁ ମୋର ଚଳିବ। ଏଥର କିନ୍ତୁ ଯୁବକ ଜଣକ ଉଠିବସିଲେ। ସିଟ୍ ଉଠେଇ ସଜାଡ଼ି ହୋଇ ବସି ସାରିଥିଲେ ଏହା ଭିତରେ।

ସାକ୍ଷୀଗୋପାଳ,ପୁରୀ
ମୋ- ୯୦୪୦୯୭୭୩୨୭

# କଲେଜ୍ ଛକର ଝିଅ

ମନୋଜ କୁମାର କୁଣ୍ଡ



କେହି ଜଣେ ଅପେକ୍ଷା
କରିଥିବ
ଧଳା ଆଉ ରକ୍ତଜବା'ର
ଶାଢ଼ିଟିଏ ପିନ୍ଧି
ସେ କଲେଜ ଛକରେ..

ତା' ହଳେ ଆଖିରେ
ସେ ଲୁଚେଇ ରଖିଥିବ
କିଛି ନିର୍ଭେଜାଲ ପ୍ରେମ,
ଆଉ ସମୁଦ୍ରେ ଅଭିମାନ
ତା' ପ୍ରିୟ ମଣିଷ ପାଇଁ !!

ସେ ଜାଣେ..
ତା' ଗହମ ରଙ୍ଗର ଦେହକୁ
ଆମ୍ବ କଷିଆ କାନଫୁଲ ଖୁବ୍ ମାନିବ
ସେଥିପାଇଁ ତ' ଏତେସବୁ ଶୃଙ୍ଗାର,
ପାଖ ଦୋକାନରୁ ଆଣିଥିବା
ଡେରୀ ମିଲ୍କ ଚକୋଲଟ୍ ଟି..
ଅତି ସନ୍ତର୍ପଣରେ ଲୁଚାଇ ଧରିଥିବ।

ନ ହେଲେ,ଏକ ବେନାମୀ ସମ୍ପର୍କରୁ
ପ୍ରେମିକା ହେବା ଯାଏଁ..
କେହି କ'ଣ ଅପେକ୍ଷା କରିପାରେ !
ଏ କଲେଜ୍ ଛକରେ..

ସେ କୁହେ..
ଯୁଦ୍ଧରତ ପୃଥିବୀରେ ପ୍ରେମ ହୁଏ,
ରକ୍ତର ହୋଲି ଖେଳିଥିବା ହାତ
ଦିନେ କବିତା ଲେଖେ..
ଆଉ..ଅଭିଶପ୍ତ ଜନ୍ମରେ
ବି ଦିନେ ଝଡ଼ ହୁଏ,
କୌମୁଦୀର ରାତ୍ରୀରେ
କଳଙ୍କର କାକର ପଡ଼େ
ଏବଂ ପ୍ରେମର ଫଲ୍‌ଗୁ ଝରେ..

ଏବେ ପଶ୍ଚିମାରୁ..
ସଞ୍ଜ ଆସେ ନଇଁ
କଲେଜ୍ ଛକରୁ ଅପସରି ଯାଏ
ସେ ଝିଅଟିର ଛାଇ..
କିନ୍ତୁ ନିରୁଦ୍ଦିଷ୍ଟ ଥାଏ
ତା'ର ପ୍ରିୟତମ ମଣିଷ ଏଥର
ଯିଏ କଥା ଦେଇ
ଭୁଲିଯାଏ ଫି'ଥର..
ତଥାପି ସେ' ଉପନାୟିକା ହୋଇ
ଅପେକ୍ଷାରେ ରୁହେ ?...
ଏକ କକ୍ଷଚ୍ୟୁତ ଜନ୍ମର
ତା' ପ୍ରିୟ ମଣିଷର
ଶେଷରେ..
ଏ କଲେଜ୍ ଛକର..!!

ଏସ୍.ନୂଆଗାଁ,ଗଞ୍ଜାମ
ମୋ-୯୪୩୯୦୩୦୮୪୮

# ଭଦ୍ରପ୍ରେମିକ

କନ୍ଦର୍ପ ବେହେରା

ସେଦିନ ଘରର ରୋଷେଇ କାମ ସାରି କ୍ଳାନ୍ତ ହୋଇ ଶୋଇଥାଏ ନମିତା। ବାହାର ଗେଟ୍‌ର ଖଟ୍‌ଖଟ୍ ଶବ୍ଦରେ ସେ ଚମକିପଡ଼ିଲା। କାନ୍ଥ ଘଣ୍ଟା ଦେଖେ ତ ସମୟ ଦିନ ବାରଟା ପାଖାପାଖି। ପ୍ରତିଦିନ ପୋଷ୍ଟମ୍ୟାନ୍ ତ ଠିକ୍ ଏଇ ସମୟରେ ଚିଠିଦେବାକୁ ଆସେ। ଗେଟ୍ ପାଖକୁ ଚାଲିଗଲା ନମିତା। ଦେଖିଲା ସତକୁ ସତ ଠିଆ ହୋଇଛନ୍ତି ପୋଷ୍ଟମ୍ୟାନ୍। ପୋଷ୍ଟମ୍ୟାନ୍ ବଢ଼ାଇଦେଲେ ଚିଠି କେଇଖଣ୍ଡ। ନିଃସଙ୍କୋଚରେ ନମିତା ସେସବୁକୁ ନେଇ ଭିତରକୁ ଝପଟି ଗଲା। ପ୍ରତିଥର ଭଳି ସେ ପ୍ରଥମେ ଖୋଲିଲା ସେହି 'ଏ'ମାର୍କା ଚିଠି।...

***ସୁପ୍ରିୟା ନମିତା,***

ନବବର୍ଷର ଶୁଭେଚ୍ଛା ନେବ। ଦୀର୍ଘ ବ୍ୟବଧାନ ପରେ ଏ ଚିଠିଟି ତମ ପାଖକୁ ଲେଖୁଛି। ମୁଁ ଭଲ ଭାବରେ ଜାଣିଛି; ତମେ ନିଶ୍ଚୟ ଖରାପ ଭାବିବ ଆଉ ମୋତେ ଗାଳିଦେବ। କ'ଣ କରିବି । ସବୁ ଜାଣି ସୁଦ୍ଧା ଲେଖିବାକୁ ବାଧ୍ୟ ହେଉଛି ।... ହଁ ସତ କହୁଛି, ମୁଁ ତୁମକୁ ବିବାହ ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇ ଆଜି ତାହା ରଖିପାରୁନି। କ୍ଷମାଦେବ କି ନା ଜାଣେନା। ଭଗବାନ ତମର ମଙ୍ଗଳ କରନ୍ତୁ।

ରହୁଛି,
**ଅବିନାଶ**

ଚିଠିଟି ପଢ଼ିସାରି ନମିତା ଏକବାର ଜଡ଼ପାଲଟି ଗଲା। ହାତରୁ ଖସିପଡ଼ିଲା ଚଟାଣରେ। ନୟନ ଯୁଗଳରୁ ତା'ର ଝରିପଡ଼ିଲା କେଇବୁନ୍ଦା ଲୁହ। ନମିତା କେବେ ବି କଳ୍ପନା କରି ନଥିଲା ଅବିନାଶ ଭଲପାଇ ଶେଷରେ ଏମିତି ଧୋକାଦେବ ବୋଲି।

ଗୋଟିଏ କଲେଜରେ ଦିଜଣ ସାଙ୍ଗ ହୋଇ ପଢୁଥିଲେ। ସେଇଦିନଠୁ ସମ୍ପର୍କଟା ଉଭୟଙ୍କର । ମା' ସମଲେଶ୍ୱରୀଙ୍କୁ ସାକ୍ଷୀ ରଖି ଅବିନାଶ ନମିତାକୁ ସିନ୍ଦୂର ଲଗାଇଥିଲା ।... ଅବିନାଶର ଅନାବିଳ ପ୍ରେମକୁ ଭୁଲିପାରୁନଥିଲା ନମିତା।

ଅବିନାଶ ଥିଲା ଖୁବ୍ ସରଳ। ନିଷ୍କପଟ ମଣିଷଟିଏ। ଅବିନାଶ ବିନା ବଞ୍ଚିପାରୁନଥିଲା ନମିତା। ଅବିନାଶର କଥା ଶୟନେ,ସପନେ ଓ ଜାଗରଣରେ ମନେ ପକାଉଥିଲା ସେ। ଖାସ୍ ଅବିନାଶ ପାଇଁ ନମିତା ଘରେ ବାହାନା କରି ବହୁ ପ୍ରସ୍ତାବ ନାଇଁ କରିଦେଇଛି। ଅବିନାଶ ପାଇଁ କେତେ ଓଷାବ୍ରତ ପାଳନ କରେ। କେତେ ସ୍ୱପ୍ନଦେଖେ। ହେଲେ ସେ ସବୁ ବିଫଳ ହୋଇଛି ଆଜି ତାର।... ଡ୍ରଇଂ ରୁମ୍ ଚୌକି ଉପରେ ଲଥ୍ କରି ବସିପଡ଼ିଲା ନମିତା। ଆଖିରେ ଲୁହବର୍ଷା। ଏମିତି ଦୁଃଖରେ ସେ ଅବିନାଶ ପାଖକୁ ଲେଖିଲା ଶେଷଚିଠି।

**ଅବିନାଶ !**

ଶୁଭେଚ୍ଛା ନେବ।

ଦୀର୍ଘ ଚାରିବର୍ଷର ଭଲ ପାଇବାର ଉପହାର ପାଇ ନିଜକୁ ଅନେକ ଅନେକ ଧନ୍ୟ ମନେ କରୁଥିଲି । ହେଲେ ଶେଷରେ ଏପରି କ'ଣ ନିଷ୍ପତ୍ତି ନେଲ ? ହାତମୁଠାରେ ବାନ୍ଧି ରଖିବାକୁ ଯଦି ମନ ନ ଥିଲା କାହିଁକି ଭଲ ପାଉଥିଲ ? ଡାକ୍ତର ପରିବାରର ଝିଅକୁ ଛାଡ଼ି କିରାଣିର ଝିଅ ହାତରେ ଶଙ୍ଖା ଆଉ ମଥାରେ ସିନ୍ଦୂର ଭରିଥିଲ। ଯଦି ସ୍ୱାମୀର ଅଧିକାର ଦେବାର କ୍ଷମତା ନ ଥିଲା ତେବେ ଏତେ ବଡ଼ ପଦକ୍ଷେପ ନେବାକୁ ଆଗଉଥିଲ କାହିଁକି ? କ'ଣ ଖେଳନା ବୋଲି ଭାବିଥିଲ ମୋତେ ? ତମେ ଭାବୁଥିଲ ଖେଳନା ଭଳି



ବ୍ୟବହାର କରି ମୋ ଜୀବନକୁ ବରବାଦ୍ କରିଦେବ, ନୁହେଁ ? ପୁରୁଷ ଜାତି ହିଁ ସ୍ୱାର୍ଥପର, ନାରୀ ମାଂସଲୋଭୀ-ହିଂସ୍ର। ସମୟ ଆସିଲେ ନାରୀସହିତ ପଶୁପରି ବ୍ୟବହାର କରିବାକୁ ବି ପଛଘୁଞ୍ଚା ଦିଅନ୍ତିନାହିଁ। ମୁଁ ଜାଣେ ସେ ଝିଅ ତମକୁ ମୋ ଠାରୁ ଅଧିକ ସ୍ନେହଦେବ । ତୁମେ ମଧ୍ୟ ତାକୁ ଶାନ୍ତିଦେଇ ପାରିବ, ହେଲେ ତୁମେ କେବେ ବି ମାନସିକ ଶାନ୍ତି ପାଇପାରିବନି। ଏ ପାପ ଦୁନିଆରେ ଆଉ ସତ୍ୟର ସ୍ଥାନନାହିଁ। କେବଳ ସ୍ୱାର୍ଥ ହିଁ ସ୍ୱାର୍ଥ । ନିଜ ସ୍ୱାର୍ଥ ହାସଲ ହୋଇଗଲେ କିଏ କାହାକୁ ପଚାରେ ? ତମେ କେଡ଼େ ନିର୍ଦ୍ଦୟ ! ମତେ ଏକା କରିଦେଲ। ତୁମକୁ ମୋର ଅନୁରୋଧ, ମୁଁ ଦେଇଥିବା ଚିଠି ଆଉ ଫଟୋସବୁ ପୋଡ଼ିଦେବ। କାରଣ ସେସବୁର କୌଣସି ମୂଲ୍ୟନାହିଁ।

ତମର
**ନମିତା**

ରାଗ ଗରଗର ହୋଇ ନମିତା ଆଉ କିଛି ବି ଲେଖିପାରିଲାନି। କେବଳ ସ୍ମୃତିସବୁ ମନେପକାଇ କାନ୍ଦିବାକୁ ଲାଗିଲା। ତା' ଆଖିଆଗରେ ନାଚିଯାଉଥିଲା ଭଦ୍ର ପ୍ରେମିକ- ଅବିନାଶର ମିଠା ପ୍ରତାରଣା।

କବିକୁଟୀର, ଡଇଁଚା ,ରେଢ଼ାଖୋଲ,
ସମ୍ବଲପୁର, ମୋ-୭୬୮୩୯୭୩୮୫୧

# ଆସାମୀ

ସୁଧାକର ରାଉତ



କେତେ ଆଉ ରହିବୁ କାରାବାସେ
ଆତ୍ମଘୋଷିତ ଦୋଷୀରୂପେ
ଭଲ ହେବାର ପ୍ରୟାସକୁ ପକାଇ ଗଣ୍ଠି
ପୁନରାବୃତ୍ତିରେ ମନକୁ କରି ନିମଗ୍ନ।

କାହିଁ ବା ପରିବର୍ତ୍ତନ
ସ୍ୱପ୍ନଟା ଛୁଏଁ ବାରବାର
ହେଉ ସିଏ ମୁକ୍ତାକାଶେ ଅବା କାରାଗାର
ପ୍ରବଞ୍ଚନା ଆଉ ହତାଶର ସ୍ୱର
ପ୍ରବେଶ କରେ ଅହରହ
ନ ମାନି ପ୍ରତିବନ୍ଧକର ଅତୁଟ ଗାର।

କେତେ ବା କାହାକୁ
କରିଥାନ୍ତୁ ଉପେକ୍ଷା
ପ୍ରତୀକ୍ଷାର ତ ନଥିଲା ଅନ୍ତ
ସାମାନ୍ୟ ଟିକେ ଲଭିବାକୁ ପୁଲକ
ପଡୁ ତ ନଥିଲା ଆଖିରେ ପଲକ।

ଏବେ ଅସରନ୍ତି ଭୁଲ
ସଂଶୋଧନର ନାହିଁ ଚିହ୍ନବର୍ଣ୍ଣ
ସବୁ ଅନ୍ଧାର ହିଁ ଅନାସକ୍ତିର
ଆଲୋକ
ତହିଁରେ ହିଁ ଶୂନ୍ୟତା
ଆଉ ଶାନ୍ତିର ମଧୁମୟ ପରିବ୍ୟାପ୍ତି।

ପ୍ରତାପ ନଗରୀ, କଟକ

# ଆତ୍ମନେପଦୀ

ରତ୍ନକାନ୍ତି ମିଶ୍ର



ସ୍ୱପ୍ନ ସାଥେ ଘୂରେ ସିନା ଆକଶ ପାତାଳ
ମନ ମୋର ନିତି ପ୍ରତି ଶଙ୍କାରେ ଆକୁଳ,
ହଜିଯିବ କେବେ କାଳେ ସଞ୍ଚିତ ସମ୍ପତ୍ତି
କପାଳରୁ ଲିଭିଯିବ ସୌଭାଗ୍ୟର ଲିପି।

ଅରଜିଛି ଯେତେ ଯାହା ସମୃଦ୍ଧି ଗୌରବ
ବିଡ଼ମ୍ବିତ ମୃତ୍ୟୁ ପାଶେ ତୁଚ୍ଛ ବଇଭବ,
ଶିଖରରେ ଲୟ ସିନା ବିକେନ୍ଦ୍ରିକ ଧ୍ୟାନ
କାମନାରେ ବଶବର୍ତ୍ତୀ ତମାମ ଜୀବନ।

ପ୍ରତି କର୍ମେ ମୋ ନିହିତ ଗୂଢ଼ ଅଭିସନ୍ଧି
ସ୍ୱୀୟ ସ୍ୱାର୍ଥ ପୂରଣରେ ମତି ନିରବଧି,
ଅନାହୂତ ପଦପାତେ ଯାଥାର୍ଥ୍ୟ ଯାତନା
ଅନ୍ତର୍ହିତ ମୋ ପାଇଁ କା' ସଦିଚ୍ଛା କରୁଣା।

ପ୍ରାପ୍ତି ଅପ୍ରାପ୍ତି ନେଇ ମନରେ ଉଦବେଗ
କାହିଁ ଅନୁଭବ ହେବ ଦ୍ୟୋତନା ବିରାଗ,
ଆତ୍ମସମୀକ୍ଷାର ପାଇଁ ଭାବ ପ୍ରତିକୂଳ
ଦୁରୂହ ମୋ ପାଇଁ ଦୃଶ୍ୟ ସୁନ୍ଦର ସକାଳ।

ସତେ ମୁଁ ଥାପିଛି ପାଦ ଚୋରାବାଲି ପରେ
ରସାତଳଗାମୀ ମୁହିଁ ଭାଗ୍ୟ ମୋ ତିମିରେ,
ହରାଇ ବସିଛି ଆସ୍ଥା ଆଶା ଜିଜୀବିଷା
ଚାରିପଟେ ଶୂନ୍ୟତା ମୋ ଅଲଭ୍ୟ ଅଭିପ୍ସା।

ନିରବ ନିଃଶବ୍ଦେ ଏବେ କାଟଇ ଜୀବନ
ଧସିପଡ଼ିଛି ମୋ ଗର୍ବ ବୃଥା ଆସ୍ଫାଳନ,
ଅବଶେଷେ ହୋଇଅଛି ଚେତନା ଜାଗ୍ରତ
ସାହା ଏବେ ଏକା ସେହି ଜଗତର ନାଥ।

ଆଳି, କେନ୍ଦ୍ରାପଡ଼ା
ମୋ-୮୨୪୯୭୯୯୯୫୧

# ଜୀବନ ନଈ

ସୁହଂସ ଭୋଇ

ଅଙ୍କାବଙ୍କା ହୋଇ ଧୀରେ ଅଳସେଇ
ବୋହୁଛି ଜୀବନ ନଈ
ନିତିନିତି କେତେ ଘାତ ପ୍ରତିଘାତ
ବାଧା ବନ୍ଧନକୁ ଡେଇଁ

ସୁଅ ଧାରେ ଭାସିଆସେ ନିରନ୍ତରେ
ଦୁଃଖ ସୁଖ କୁଟାକାଠି
ସବୁତକ ଅପଣାର ମନେକରି
ଧରି ରଖେ ତାର ଛାତି

ଆଖି ଲୁହ ଯେବେ ମିଶେ ସ୍ରୋତମୁଖେ
କୂଳ ଖାଏ ନଈଗୋଟି
ସରଳ ସରିତ ବାଟହୁଡ଼େ ତହୁଁ
ପାଦ ତଳୁ ଖସେ ମାଟି

ଗୀତ ଗାଇ ନାଚି ଖେଳୁଥିଲା ଦିନେ
କିଶୋରୀ କଳିକା ସାଜି
ବଢ଼ିଛି ବୟସ ଲାଗୁଛି ଉଦାସ
ଚମକ ଗଲାଣି ହଜି

ସାଗର ଶରୀର ଛୁଇଁବା ଆଗରୁ
ଲାଗୁଛି ସେ ଯିବ ଶୁଖି
ସୁଶୀତଳ ଚଳଚଞ୍ଚଳ ନଈଟି
ପାଲଟିବ ନିରିମାଖି

ପହଣ୍ଡି, ବିଜେପୁର, ବରଗଡ଼
୯୪୩୭୫୨୨୪୫୫



# କାଚଚୁଡ଼ି

ସଚ୍ଚିଦାନନ୍ଦ ପାଢ଼ୀ



ଜଣେ କୁଆଁରୀ ଆଖିରେ ସ୍ୱପ୍ନ ମୁଁ
ମେଘ ପରି ଭାସମାନ
କିନ୍ତୁ ଆକାଶ ପରି ଅସୀମ
ଖାଲି ରଙ୍ଗରେ ନୁହେଁ
ତା ଲାଜୁଆ ହସରେ ମୁଁ ଝଲମଲ କରେ
ମୁଁ ଖାଲି ଏକ କାଚର ଚୁଡ଼ି ନୁହେଁ
ମୁଁ ତା ଆଗାମୀ ଦିନର ଝଙ୍କାର

ମୁଁ ହୋଇଯାଏ ସୌଭାଗ୍ୟର ଚିହ୍ନ
ମୁଁ ଗଢ଼େ ଏକ ନୂଆ ସମ୍ପର୍କ
ଝିଅଟିଏ ପାଏ ନିଜ ପରିଚୟ
କିନ୍ତୁ...
ମୁଁ ପାଲଟିଯାଏ ତା ଭାଗ୍ୟରେ ଶୃଙ୍ଖଳ
ମୋ ଝଣ ଝଣ ଶବ୍ଦ ଭିତରେ
ହଜିଯାଏ ତାର କେତେ ସ୍ୱର
ସେ ଶିଖିଯାଏ ପପଶବ୍ଦ ନୁହେଁ
'ନୀରବତା',ନାରୀର ଅନ୍ୟ ଏକ ନାମ

ତା ହାତରେ ମୁଁ କେବଳ ଶୋଭା ନୁହେଁ
ମୁଁ ହୋଇଯାଏ ଦାୟିତ୍ୱର ଓଜନ
ବେଳେ ବେଳେ ମୋ ପାଇଁ
ସେ ନିରବ ହୋଇଯାଏ
ଦିନ ଆସେ
ମୋ ଝଙ୍କାର ଥମିଯାଏ
କାହା ଜୀବନରେ
ମୋ ରଙ୍ଗ ଅପରାଧ ହୋଇଯାଏ
ଚଳଚଞ୍ଚଳ ହାତଟା ହଠାତ ଥମିଯାଏ

ମୁଁ କାହା ପାଇଁ ପ୍ରେମର ବନ୍ଧନ
କାହାପାଇଁ ଜୀବନପପଶୃଙ୍ଖଳ
କାହାପାଇଁ ମୁଁ ହୋଇଯାଏ ଦୁଃଖର କାରଣ
ମୋ ଝଙ୍କାର କେଉଁଠି ନିଷିଦ୍ଧ
ମୋ ଉପସ୍ଥିତି ହୋଇଯାଏ ଏକ ଅପରାଧ

କାହାପାଇଁ ମୁଁ ସୁଖର ସ୍ୱପ୍ନ
କାହାପାଇଁ ମୁଁ ଦୁଃଖର ଦିନ
ମୋତେ ପିନ୍ଧିଲେ କୁହାଯାଏ 'ସୁହାଗିନୀ'
ମୁଁ ଭାଙ୍ଗିଗଲେ ପପପ
ସେ ହୋଇଯାଏ 'ଅଭାଗିନୀ'

ସମାଜ କହେ ପପପପ
ଝିଅଟି କାଚଚୁଡ଼ି ଭଳି
ମୁଁ(କାଚଚୁଡ଼ି) ଯଦି ଭାଙ୍ଗିଯାଏ
ଲୁହବହେ, ଶବ୍ଦହୁଏ
ଝିଅ ଯଦି ଭାଙ୍ଗିଯାଏ
ଲହୁବହେ, ସେ ନିରବ ହୋଇଯାଏ
ସବୁଦିନ ପାଇଁ ନିରବ ହୋଇଯାଏ...

ପଳାଶୁଣୀ, ଭୁବନେଶ୍ୱର
୭୯୭୮୦୭୮୫୭୫

# ହତ୍ୟା ଉଦ୍ୟମ କରି ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଯୁବକଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଶୌଚାଳୟ କର୍ମଚାରୀଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହି ମହାବୀର ନଗରର ବିଜୟ ସାମଲ (୨୧) । ପୁଲିସ କହିବା ମୁତାବକ, ଶୁକ୍ରବାର ସକାଳେ ଶିଶିର ମହାରଣା ନୀଳାଦ୍ରି ବିହାର ଏଟିଏମ ଛକ ନିକଟରେ ଥିବା ଦେୟମୁକ୍ତ ଶୌଚାଳୟକୁ ନିତ୍ୟକର୍ମ ଲାଗି ଯାଇଥିଲେ । ସେଠାରେ ଥିବା କର୍ମଚାରୀମାନେ ତାଙ୍କୁ ଶୌଚାଳୟ ବ୍ୟବହାର ଲାଗି ଟଙ୍କା ଦେବାକୁ କହିଥିଲେ । ତାହା ଏକ ଦେୟମୁକ୍ତ ଶୌଚାଳୟ ହୋଇଥିବାରୁ ଶିଶିର ଟଙ୍କା ଦେବାକୁ ମନା କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତମାନେ ତାଙ୍କୁଳ ଗାଳିଗୁଲଜ କରିଥିଲେ । ବିଜୟ ସେହି ସମୟରେ ଶିଶିରଙ୍କୁ ମାଡ ମାରିବା ସହ ବେକଚିପି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲା । ଏଥିସହିତ ତାଙ୍କ ଆଙ୍ଗୁଠିକୁ କାମୁଡ଼ି ଦେବାରୁ ହାତରେ କ୍ଷତ ସୃଷ୍ଟି ହୋଇଥିଲା । ଏନେଇ ଶିଶିର ଅଭିଯୋଗ କରିବା ପରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ବିଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ରୋଗୀ ସମ୍ପର୍କୀୟଙ୍କ ମାଡ଼ରେ ଡାକ୍ତରଙ୍କ ହାତ ଭାଙ୍ଗିଲା



**ଭୁବନେଶ୍ୱର (ପିପିଏସ୍):** କ୍ୟାପିଟାଲ ହସ୍ପିଟାଲରେ ଜଣେ ରୋଗୀଙ୍କ ସମ୍ପର୍କୀୟ ଉନ୍ମତକାଣ୍ଡ ଘଟାଇଛନ୍ତି । ତାଙ୍କ ଆକ୍ରମଣରେ ଦୁଇଜଣ ଡାକ୍ତର ଓ ଜଣେ ଡ୍ରେସର୍ ଆହତ ହୋଇଛନ୍ତି । ଏଭଳି କାଣ୍ଡ ରୋଗୀ ଦେଖିବାକୁ ସୃଷ୍ଟି ହୋଇଥିବା ଜଣାପଡ଼ିଛି । ଆକ୍ରମଣରେ ଆହତ ଡାକ୍ତର ହେଲେ ଜନ୍ମେଜୟ ମିଶ୍ର । ତାଙ୍କ ହାତ ଭାଙ୍ଗିଯାଇଛି । ଏଥିସହ ଅନ୍ୟଜଣେ ଡାକ୍ତର ସାଗତ ନାରାୟଣ ଦାସଙ୍କ ମୁହଁ ଫାଟି ଯାଇଛି । ସେହିଭଳି ଆକ୍ରମଣରେ ଡ୍ରେସର୍ ରମାକାନ୍ତ ବଳଙ୍କ ଦାନ୍ତ ଭାଙ୍ଗି ଯାଇଛି । ଅଭିଯୁକ୍ତ ଜଣଙ୍କ ହେଲେ ନିମାପଡ଼ାର ସାଗର ରାଉତ (୩୪) । ଅଭିଯୋଗ ଅନୁଯାୟୀ, ନିମାପଡ଼ାର ଦେବବ୍ରତ ରାଉତ ନାମକ ଜଣେ ବ୍ୟକ୍ତି ଦୁର୍ଘଟଣାର ଶିକାର ହୋଇ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଆସିଥିଲେ । ପ୍ରଥମେ ତାଙ୍କୁ କାଜୁଆଲିଟିରେ ଦେଖାଇବା ପରେ ଏକ୍ସ-ରେ କରି ଓପିଡିରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ କୁହାଯାଇଥିଲା । ସମ୍ପର୍କୀୟମାନେ ଦେବବ୍ରତଙ୍କର ଏକ୍ସ-ରେ କରାଇବା ପରେ ଓପିଡିକୁ ଯାଇଥିଲେ । ହେଲେ ୫ଟା ଅତିକ୍ରମ କରି ଯାଇଥିବାରୁ ସେଠାରେ ଥିବା ଡାକ୍ତର ତାଙ୍କୁ ପରାମର୍ଶ ଦେବାକୁ ମନା କରିବା ସହ କାଜୁଆଲିଟିକୁ ଯିବାକୁ କହିଥିଲେ । ହେଲେ ସେହି ସମୟରେ ଆସିଥିବା ଅନ୍ୟ ଜଣେ ରୋଗୀଙ୍କୁ ପରାମର୍ଶ ଦେଇଥିଲେ । ଏହାକୁ ନେଇ ରୋଗୀ ଓ ଡାକ୍ତରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ସାଗର ଓ ଅନ୍ୟ ସମ୍ପର୍କୀୟମାନେ ମିଶି ଡାକ୍ତର ଜନ୍ମେଜୟଙ୍କୁ ଗାଳିଗୁଲଜ କରିଥିଲେ । ଡାକ୍ତର ଏହାକୁ ବିରୋଧ କରିବାରୁ ସାଗର ଏକ ହେଲମେଟରେ ତାଙ୍କୁ ଆକ୍ରମଣ କରିଥିଲା । ଡାକ୍ତର ସାଗତ ନାରାୟଣ ଦାସ ବୁଝାସୁଝା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ । ଜନ୍ମେଜୟଙ୍କ ହାତ ଓ ଆଙ୍ଗୁଠି ଭାଙ୍ଗିଥିବା ବେଳେ ସାଗତଙ୍କ ମୁହଁ ଫାଟି ଯାଇଥିଲା । ଦୁଇ ଡାକ୍ତରଙ୍କୁ ରକ୍ଷା କରିବାକୁ ଯାଇ ଏହାରି ଭିତରେ ଡ୍ରେସର୍ ରମାକାନ୍ତ ମଧ୍ୟ ବର୍ତ୍ତି ନ ଥିଲେ । ଅଭିଯୁକ୍ତମାନେ ମାଡ଼ ମାରି ତାଙ୍କ ଦାନ୍ତ ଭାଙ୍ଗି ଦେଇଥିଲେ । ପ୍ରାୟ ଅଧଘଣ୍ଟା ଧରି ରୋଗୀଙ୍କ ସମ୍ପର୍କୀୟମାନେ ହସ୍ପିଟାଲ ପରିସରରେ ଆତଙ୍କ ଖେଳାଇ ଥିଲେ । ଖବରପାଇ କ୍ୟାପିଟାଲ ହସ୍ପିଟାଲ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା । ଡାକ୍ତରଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଥିଲା । ଅଭିଯୁକ୍ତ ସାଗରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ତାଙ୍କ ସାଥୀରେ ଥିବା ଅନ୍ୟମାନେ ଫେରାର୍ ହୋଇଯାଇଛନ୍ତି ।

# ପ୍ରଣବ ଦାସଙ୍କୁ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ



**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସୌଜନ୍ୟରୁ ପ୍ରମୋଦ ପତି ଟ୍ରଷ୍ଟ ଦ୍ୱାରା ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୯୪ ତମ ଜୟନ୍ତୀ ଭୁବନେଶ୍ୱରର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ ଯୋଗଦେଇ ସମାରୋହକୁ ଉଦ୍ଘାଟନ କରିବା ସହିତ ଓଡ଼ିଶାର ବରପୁତ୍ର ପ୍ରମୋଦ ପତିଙ୍କ ଭାରତୀୟ ଚଳଚ୍ଚିତ୍ର ଜଗତ ପ୍ରତି ଅବଦାନ ଓ ଦୃଷ୍ଟିକୋଣ ସମ୍ପର୍କରେ ଅଭିମତ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ବିଜୁ ପଟ୍ଟନାୟକ ଚଳଚ୍ଚିତ୍ର ଓ ଟିଭି ପ୍ରତିଷ୍ଠାନର ଅଧ୍ୟକ୍ଷ ହିମାଂଶୁ ଖଟୁଆ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଇନ୍ଟାକ, ଓଡ଼ିଶାର ସଂଯୋଜକ ଅନିଲ କୁମାର ଧୀର, ବରିଷ୍ଠ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଚଳଚ୍ଚିତ୍ର ସେନସର ବୋର୍ଡର ପୂର୍ବତନ ନିର୍ଦ୍ଦେଶକ ଗୋପାଳ କୃଷ୍ଣ ମହାପାତ୍ର ସମାରୋହରେ ଅଧ୍ୟକ୍ଷତା କରିଥିଲେ । ଜୟନ୍ତୀ ଅବସରରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ସଂଳାପ ଲେଖକ ପ୍ରଣବ ଦାସଙ୍କୁ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଟ୍ରଷ୍ଟ ଅଧ୍ୟକ୍ଷ ଶ୍ୟାମସୁନ୍ଦର ମହାପାତ୍ର ଓ ସମ୍ପାଦକ ଗୋଲକ ବିହାରୀ ସିଂହ ଅନୁଷ୍ଠାନ ସମ୍ପର୍କରେ ଆଲୋକପାତ କରିବା ସହ ଉପାଧ୍ୟକ୍ଷ ସୁବାସ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ ବରିଷ୍ଠ ସଦସ୍ୟ ଡ. ପଞ୍ଚାନନ ସାମଲ ଆନୁଷ୍ଠାନିକ ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ଅଭିଷେକ ମହାପାତ୍ର ପ୍ରମୋଦ ପତିଙ୍କ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ । ଯୁଗ୍ମ ସମ୍ପାଦକ ଲଳିତ କୁମାର ସାହୁ, ସୁନିଲ କୁମାର ଡାକୁଆ ଏବଂ ଅନ୍ୟତମ ଉପାଧ୍ୟକ୍ଷ ବଦ୍ରି ପ୍ରସାଦ ଷଡ଼ଙ୍ଗୀ ମଞ୍ଚ ସଞ୍ଚାଳନ କରିଥିଲେ ।

# ଧଉଳି ନାବାଳିକା ଗଣଦୁଷ୍କର୍ମ ମାମଲାରେ ଆଉ ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଧଉଳି ନାବାଳିକା ଗଣଦୁଷ୍କର୍ମ ମାମଲାରେ ପୁଲିସ ଆଉ ଜଣଙ୍କୁ ଗିରଫ କରିଛି । ସେ ହେଲେ ବଡ଼ଗଡ଼ ଥାନା ଅଞ୍ଚଳର ସାଗର ଜେନା । ସାଗରଙ୍କୁ କୋର୍ଟଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି । ଏହପୂର୍ବରୁ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଜୋକର୍ ହାପି ଏବଂ ସହ ଅଭିଯୁକ୍ତ ବିଭୁ ପ୍ରସାଦ ମିଶ୍ର ଓ କାଳନ୍ଦୀ ପାତ୍ର ଗିରଫ ହୋଇଥିବା ବେଳେ ସେମାନେ ଏବେ ଜେଲରେ ଅଛନ୍ତି । ତେବେ ଏହି ଘଟଣାରେ ଗିରଫଦାରୀ ସଂଖ୍ୟା ୪ରେ ପହଞ୍ଚିଥିବା ବେଳେ ଆଉ ଜଣେ ଅଭିଯୁକ୍ତ ଫେରାର ରହିଛି । ସୂଚନାଯୋଗ୍ୟ, ଯୁକ୍ତ-୨ରେ ପଢୁଥିବା ୧୭ ବର୍ଷୀୟା ପୀଡ଼ିତା ଜଣକ ଡିସେମ୍ବର ୧୦ ତାରିଖରେ ସମ୍ପର୍କୀୟଙ୍କ ସହ ଧଉଳି ବୁଲିବାକୁ ଯାଇଥିଲେ । ସନ୍ଧ୍ୟାରେ ଘରକୁ ଫେରୁଥିଲା ସମୟରେ ସେ ଗଣଦୁଷ୍କର୍ମର ଶିକାର ହୋଇଥିଲେ । ଦୟାନଦୀ ପଠା ଲିଙ୍ଗିପୁର ଗ୍ରାମ ନିକଟରେ ଏକ ଶୂନଶାନ୍ ସ୍ଥାନରେ ଅଭିଯୁକ୍ତମାନେ ନାବାଳିକା ଏବଂ ସମ୍ପର୍କୀୟଙ୍କୁ ଅଟକାଇଥିଲେ । ସେମାନେ ଉଭୟଙ୍କଠାରୁ ଲୁଟ୍ କରିବା ସହ ପୁରୁଷବନ୍ଧୁଙ୍କ ମାଡ଼ ମାରିଥିଲେ । ଏହାପରେ ନାବାଳିକାଙ୍କୁ ପୁରୁଷ ବନ୍ଧୁଙ୍କ ସାମ୍ନାରେ ଗଣଦୁଷ୍କର୍ମ କରିଥିଲେ ।

# ଡକାୟତି ଯୋଜନାବେଳେ ୬ ଗିରଫ, ବନ୍ଧୁକ ଓ ମାରଣାସ୍ତ୍ର ଜବତ



**ଭୁବନେଶ୍ୱର (ପିପିଏସ୍):** ଚଳନ୍ତା ଟ୍ରେନରୁ ବନ୍ଧୁକ ମୁନରେ ଡକାୟତି କରିବା ଯୋଜନାକୁ ପଣ୍ଡ କରିଛି ଭୁବନେଶ୍ୱର ସରକାରୀ ରେଳବାଇ ପୁଲିସ (ଜିଆରପି) । ରନିଂ ରୁମ୍ ନିକଟରୁ ଜେଲ୍ ଫେରନ୍ତା ଶିବ ସମେତ ୬ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସତ୍ୟ ନଗରର ଶିବ ପ୍ରସାଦ ସାହୁ, ୟୁନିଟ୍-୩ର ସେକ୍ ମନଞ୍ଜୁର ଆଲାମ୍, ତୋଫାନ ସେଠୀ, ଏୟାରଫିଲ୍ଡ ଥାନା ଅଞ୍ଚଳର ରାଜା ନାୟକ, ବାଲିପାଟଣାର ବାସୁଦେବ ନାୟକ ଓ ବଡ଼ଗଡ଼ର ରାଜୀବ ଗୌଡ଼ । ଅଭିଯୁକ୍ତମାନଙ୍କ ନାମରେ ୧୦ଟି ଲେଖାଏଁ ମାମଲା ରହିଥିବା ବେଳେ ଭୁବନେଶ୍ୱର, ବ୍ରହ୍ମପୁର ଓ ପୁରୀ ରେଳବାଇ ପୁଲିସ ପାଇଁ ସେମାନେ ମୋଷ୍ଟ ଓ୍ୱାଣ୍ଟେଡ୍ ଥିଲେ ବୋଲି କଟକ ରେଳବାଇ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ପୁଲିସ ସୂଚନାନୁସାରେ, ଉପୋରକ୍ତ ଅଭିଯୁକ୍ତମାନେ ଗତକାଲି ରାତିରେ ରନିଂ ରୁମ୍ ନିକଟରେ ଏକାଠି ହୋଇ ଟ୍ରେନରୁ ଡକାୟତି କରିବାକୁ ଯୋଜନା କରିଥିଲେ । ଟ୍ରାକ୍ ପରିବର୍ତ୍ତନ ସମୟରେ ଟ୍ରେନର ଗତି କମ୍ ହେଉଥିବାରୁ ସେମାନେ ସେହି ସ୍ଥାନକୁ ସୁରକ୍ଷିତ ଭାବେ ବାଛିଥିଲେ । ଚଳନ୍ତା ଟ୍ରେନରେ ଯାତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟପାଟ ଯୋଜନା କରୁଥିବା ବେଳେ ଜିଆର୍‌ପିର ସ୍ୱତନ୍ତ୍ର ଟିମ୍ ଚଢ଼ଉ କରିଥିଲା । ଅଭିଯୁକ୍ତମାନେ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ସେମାନଙ୍କୁ ଘେରି ଯାଇଥିଲା । ସେହି ସମୟରେ ସେକ୍ ମନଞ୍ଜୁର ଗୋଟିଏ ରାଉଣ୍ଡ୍ ଫାଙ୍କା ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରିଥିଲା । ହେଲେ ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା । ସେମାନଙ୍କ ଠାରୁ ଦେଶୀ ବନ୍ଧୁକ, ୫ ଗୁଳି, ଭୁଜାଲି, ଛୁରି ଓ ଲଙ୍କାଗୁଣ୍ଡ ଜବତ କରିଥିଲା । ସେପଟେ ଟ୍ରେନ୍ ଯାତ୍ରୀଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ୩ଟି ଟିମ୍ ଗଠନ ହୋଇଥିବା ବେଳେ ବାଲେଶ୍ୱର, ଭଦ୍ରକ, ପୁରୀ ଓ ବ୍ରହ୍ମପୁର ଯାଏଁ ଚଢ଼ଉ କରାଯାଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିଆରପିଓ ଆଦିତ୍ୟ କୁମାର ସେଠୀ ଓ ଜିଆରପି ଆଇଆଇସି ଅଶୋକ କୁମାର ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।

# ସର୍ବଭାରତୀୟ ସ୍ତରରେ ଓଡ଼ିଆ ଝିଅଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର (ପିପିଏସ୍):** ଜୁନିୟର ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଓଡ଼ିଶାରୁ ନିର୍ବାଚିତ ହୋଇ ଲୟଲା ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀ ଦୀକ୍ଷା ମହାପାତ୍ର 'ବେଷ୍ଟ ପାର୍ସନାଲିଟି' ଶୀର୍ଷ ସମ୍ମାନ ଲାଭ କରିଛନ୍ତି । ଏହି ପ୍ରତିଯୋଗିତା ଚଳିତ ମାସ ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନ ଜୟପୁର ଠାରେ ଅନୁଷ୍ଠିତ ହୋଇଥିଲା । ଦୀକ୍ଷା ସମସ୍ତ ରାଉଣ୍ଡରେ ନିଜ ବୁଦ୍ଧିମତା ଓ ପାରଦର୍ଶିତା ପ୍ରଦର୍ଶନ କରି ସାଂସ୍କୃତିକ ରାଉଣ୍ଡରେ ଓଡ଼ିଶାର ଗୌରବ ବର୍ଦ୍ଧନ କରିବା ସହ ବେଷ୍ଟ ପର୍ସନାଲିଟି ଉପାଧି ଲାଭ କରିଛନ୍ତି । ସେ ତାଙ୍କ ଜେଜେମାଙ୍କର ପୁରୁଣା ୨୫ ବର୍ଷର ସମ୍ବଲପୁରୀ ପାଟଶାଢ଼ି ପରିଧାନ କରିଥିଲେ । ଏହା ହିଁ ତାଙ୍କୁ ଗୌରବ ଆଣି ଦେଇଛି ବୋଲି ଦୀକ୍ଷା କହିଛନ୍ତି । ସମଗ୍ର ଭାରତବର୍ଷର ବିଭିନ୍ନ ରାଜ୍ୟରୁ ଆଞ୍ଚଳିକ ଅଡିସନ୍ ମାଧ୍ୟମରେ ମନୋନୀତ ହୋଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ଦୀକ୍ଷାଙ୍କର ଏହି ସଫଳତା ହାସଲ କରିଛନ୍ତି । ଦୀକ୍ଷା ଆଚାର୍ଯ୍ୟବିହାରର ପ୍ରଶାସନିକ ସେବାନିବୃତ୍ତ ବାସବ କୁମାର ମହାପାତ୍ର ଏବଂ କବି ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କର ପୌତ୍ରୀ ।

# କନ୍‌ଷ୍ଟେବଲଙ୍କ ସନ୍ଦେହଜନକ ମୃତ୍ୟୁ



**ଭୁବନେଶ୍ୱର (ପିପିଏସ୍):** ଧଉଳି ଥାନାରେ କାର୍ଯ୍ୟରତ ଜଣେ କନ୍‌ଷ୍ଟେବଲଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତକ ହେଲେ ମୋଚିରାମ୍ ମାରାଣ୍ଡି । ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି । ଧଉଳି ଥାନା ନିକଟସ୍ଥ ଭଡା ଘରୁ ପୁଲିସ ମୃତଦେହ ଜବତ କରିଛି । ଏହାପରେ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି ।

ମିଳିଥିବା ସୂଚନା ମୁତାବକ, ମୋଚିରାମ୍ ଘର ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ସୁଆଗପୁର ଗ୍ରାମରେ ହୋଇଥିଲା ବେଳେ ଧଉଳି ଥାନା ସାମ୍ନାରେ ସେ ଭଡା ରହୁଥିଲେ । ଏଠାରେ ଏକବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ କାର୍ଯ୍ୟରତ ଥିଲେ । ଦୁଇ ଦିନ ହେବ କୌଣସି କାମରେ ଛୁଟି ନେଇ ମୟୂରଭଞ୍ଜ ସ୍ଥିତ ନିଜ ଗାଁକୁ ଯାଇଥିଲେ । ଶୁକ୍ରବାର ଡ୍ୟୁଟିରେ ଯୋଗ ଦେବାକୁ ପୁଣି ଧଉଳି ଫେରିଥିଲେ । ହେଲେ ଡ୍ୟୁଟିରେ ଯୋଗ ଦେଇ ନ ଥିଲେ । ଘରୁ ଆସିବାର କିଛି ସମୟ ପରେ ମୋଚିରାମ୍ ଆଉ ପରିବାର ଲୋକଙ୍କ ଫୋନ୍ କଲ୍ ଉଠାଇ ନ ଥିଲେ । ପରିବାର ଲୋକେ ବାରମ୍ବାର ଫୋନ୍ କରିବା ବ୍ୟସ୍ତ ହୋଇଯାଇଥିଲେ । ଶେଷରେ ପରିବାର ଲୋକେ କୌଣସି ଉପାୟ ନ ପାଇ ଥାନାକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ମାତ୍ରେ ଘର ଭିତରପଟୁ ବନ୍ଦଥିଲା । ସ୍ଥାନୀୟ ଲୋକ, ସରପଞ୍ଚଙ୍କ ଉପସ୍ଥିତିରେ କବାଟ ଭଙ୍ଗା ଯାଇଥିଲା । ଏକ ଜ୍ୟାକେଟ୍ ପିନ୍ଧି ତଳେ ପଡିଥିବା ପୁଲିସ ଦେଖିବାକୁ ପାଇଥିଲା । ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ।

# କିଟ୍‌ରେ ବହୁଭାଷୀ କାବ୍ୟ ପାଠ ଉତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର (ପିପିଏସ୍):** କିଟ୍ ଓ କିସର ମିଳିତ ଅନୁକୂଲ୍ୟରେ କିଟ୍ ରେ ନବମ ତ୍ରି-ଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଓ ବହୁଭାଷୀ କାବ୍ୟ ପାଠ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଜାନୁଆରୀ ୧୮ତାରିଖ ଯାଏ ଚାଲିବାକୁ ଥିବା ଏହି ମହୋତ୍ସବର ବିଷୟବସ୍ତୁ ରହିଛି 'ବିଶ୍ୱ ଶାନ୍ତି ଏବଂ ସଦଭାବନା ୨୦୨୫-୨୬: ସ୍ଥାୟୀ ସହାବସ୍ଥାନ ଏବଂ ପଥ' । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ବିଶ୍ୱରେ ଭୟର ବାତାବରଣ ସୃଷ୍ଟି ହେଉଥିବା ବେଳେ ଶାନ୍ତି ଅପରିହାର୍ଯ୍ୟ ହୋଇପଡିଛି । ଶାନ୍ତି ବଜାୟ ରଖିବା ଦିଗରେ ସବୁ ନାଗରିକ ସଚେତନ ହେବା ସହ ଏ ଦିଗରେ ସମସ୍ତଙ୍କର ଯୋଗଦାନ ରହିବା ଉଚିତ୍ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ନର୍ଥ ଇଷ୍ଟ ପାୱାର କର୍ପୋରେସନ୍ (ନିପକୋ) ଅର୍ଥ ନିର୍ଦ୍ଦେଶକ ବୈଦ୍ୟନାଥ ମହାରଣା, ଅନ୍ୟତମ ଅତିଥି ଭାବେ ଏମ୍‌ଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ରାମାନୁଜ ନାରାୟଣ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବିଶ୍ୱମୁକ୍ତି ସମ୍ପାଦକ ପ୍ରଫେସର ଶଶାଙ୍କ ଚୂଡାମଣୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୂର୍ବତନ ସାଂସଦ ତଥା କବି ପ୍ରସନ୍ନ ପାଟଶାଣୀ ହିନ୍ଦୀ ଭାଷାର ବ୍ୟାପକ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ ।

# ଅମାନିଆ ଚାଳକଙ୍କୁ ହେଲ୍‌ମେଟ୍ ପିନ୍ଧାଇଲେ କିନ୍ନର



**ଭୁବନେଶ୍ୱର (ପିପିଏସ୍):** ସଚେତନତା ଅଭାବରୁ ଦିନକୁ ଦିନ ରାସ୍ତା ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇ ଚାଲିଛି । ଏସବୁକୁ ହୃଦୟଙ୍ଗମ କରି ରାସ୍ତା ଦୁର୍ଘଟଣାକୁ ରୋକିବା ପାଇଁ ଟିଜି. ସୁରକ୍ଷା ଟ୍ରଷ୍ଟର ସଭାପତି ତଥା ସମାଜସେବୀ ମେନକା ପରିଡ଼ାଙ୍କ ନେତୃତ୍ୱରେ ଶୁକ୍ରବାର ମାଷ୍ଟର କ୍ୟାଣ୍ଟିନ ଛକଠାରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶତାଧିକ କିନ୍ନରମାନେ ମାଷ୍ଟରକ୍ୟାଣ୍ଟିନ ଛକରେ ଏକତ୍ରିତ ହୋଇ ମଦ ପିଇ ଗାଡ଼ି ଚଲାନ୍ତୁ ନାହିଁ, ହେଲ୍‌ମେଟ ପିନ୍ଧି ଗାଡ଼ି ଚଳାନ୍ତୁ, ସରକାରଙ୍କ ନିୟମ ମାନି ଗାଡ଼ି ଚଳାନ୍ତୁ ଅନ୍ୟ ମନସ୍କ ହୋଇ ଗାଡ଼ି ଚଲାନ୍ତୁ ନାହିଁ, ହେଲମେଟ ନ ପିନ୍ଧି ଗାଡ଼ି ଚଲାଉଥିବା ଚାଳକମାନଙ୍କୁ ହେଲମେଟ ପିନ୍ଧାଇ ଗାଡ଼ି ଚଳାଇବାକୁ ଅନୁରୋଧ କରିଥିଲେ ଏବଂ ସଡ଼କ ସୁରକ୍ଷା ଜୀବନ ରକ୍ଷା ଆଦି ପ୍ଲାକାର୍ଡ଼ ଧରି ଟ୍ରାଫିକ ପୋଷ୍ଟଠାରେ ଗାଡ଼ିଚାଳକମାନଙ୍କ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସୋନାଲି କିନ୍ନର, ରିୟା କିନ୍ନର, ରାଧା, ମମତା, ପଶି, ରିତୁ, ମନୁ, ଶୁଭ, ଯମୁନା, ତୁଳସୀ, ରବିନା, ପପି, ନେହା, ସାଲିନ କିନ୍ନରଙ୍କ ସମେତ ସାମାଜିକ କର୍ମୀ ସଦାଶିବ ବେହେରା, ସୋମନାଥ ନାୟକ ଏବଂ ଟ୍ରଷ୍ଟର ଉପଦେଷ୍ଟା ପ୍ରତାପ ସାହୁ ପ୍ରମୁଖ ଯୋଗଦେଇ ଲୋକମାନଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଇଥିଲେ ।

# ଶିଶୁ ବିକାଶ ବିଦ୍ୟା ବାର୍ଷିକ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ଉପକଣ୍ଠ ଯାଆଁଳାସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରର ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ସ୍କୁଲର କୁନି କୁନି ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରକାର ଖେଳରେ ଭାଗ ନେଇଥିବା ବେଳେ ବିଭିନ୍ନ ପ୍ରକାର ନୃତ୍ୟ, ଗୀତ ପରିବେଷଣ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କୁ ପାଠ ସଂସ୍କାର ବିଷୟରେ ଆଲୋକପାତ କରିଥିବା ବେଳେ ଆଜିର ମୁଖ୍ୟ ଅତିଥି ଭାବେ ଷ୍ଟେଟ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ୟୁନିୟନର ଖୋର୍ଦ୍ଧା ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ଯୋଗ ଦେଇଥିଲେ । ସେହିଭଳି ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ଚିତ୍ରସେନ ବାରିକ, ବୁଲା ବାରିକ ମୁଖ୍ୟବକ୍ତା ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ସୁପ୍ରଭା ବେହେରା ଓ ସୁଲେଖିକା ସ୍ୱପ୍ନକାର, ସମାଜ ସେବୀ ସତ୍ୟବାଦୀ ସାଇଁ, ଗୁରୁଜୀ ଚିତ୍ତ ରଞ୍ଜନ ଦାସ ଉପସ୍ଥିତ ଥିଲେ ।

# ଆଧ୍ୟାତ୍ମିକ ଜୀବନଯାପନରେ ମନରୁ ନକରାତ୍ମକ ଭାବ ଦୂର ହୋଇଥାଏ

**ଭୁବନେଶ୍ୱର (ପିପିଏସ୍):** ଶୁକ୍ରବାର ୟୁନିଟ-୨ ସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ପୂଜ୍ୟପୂଜା, ଓଡ଼ିଶା ପକ୍ଷରୁ ଆୟୋଜିତ ବିଦ୍ୟାଳୟ କାର୍ଯ୍ୟକ୍ରମରେ ବକ୍ତା ଭାବେ ପୂଜ୍ୟ ପୂଜା ଓଡ଼ିଶାର ସଂପାଦକ ତଥା ରମାକାନ୍ତ ମିଶ୍ର ଯୋଗଦେଇ ଥିଲେ । ଏହି ଅବସରରେ ପିଲାମାନଙ୍କୁ ଭାଗବତ ପଢିବା ଉପରେ ଗୁରୁତ୍ୱ ଦେବା ସହ ସାରଳା ଦାସ, ଉତ୍କଳର ପଞ୍ଚସଖାଙ୍କ ଜୀବନ ଦର୍ଶନ ଉପରେ ସୁବିସ୍ତୃତ ଆଲୋଚନା କରି ସେହି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ଜୀବନରେ ସଫଳତା ହାସଲ ପାଇଁ ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ଓ କଠିନ ପରିଶ୍ରମର ଆବଶ୍ୟକତା ଅଛି ବୋଲି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ବରିଷ୍ଠ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁଷମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଶା କାରବାର ଅଭିଯୋଗରେ ୨ ମହିଳା ଗିରଫ

**ଭୁବନେଶ୍ୱର (ପିପିଏସ୍):** ଗଞ୍ଜେଇ କାରବାର ଅଭିଯୋଗରେ ଦୁଇଜଣ ମହିଳାଙ୍କୁ ଗିରଫ କରିଛି ଭୁବନେଶ୍ୱର ଅବକାରୀ ବିଭାଗ । ଗିରଫ ମହିଳାମାନେ ହେଲେ କୁମ ପ୍ରଧାନ(୬୪), ପୁଷ୍ପାଞ୍ଜଳୀ ଭୂଇଁଆ(୪୫) । ସେମାନଙ୍କ ଠାରୁ ୪କେଜି ଗଞ୍ଜେଇ ଜବତ ହୋଇଛି । ଏଥିରେ ଉଭୟ ଗଞ୍ଜେଇ ପୁଡ଼ିଆ ଓ ଗଞ୍ଜେଇ ସିଗାରେଟ୍ ରହିଛି । ଅବକାରୀ ସୁପରିଟେଣ୍ଡେଣ୍ଟ ରାଜଶେଖର ସାଇଁଙ୍କ ସୂଚନା ମୁତାବକ, ଉତ୍କଳ ବିଶ୍ୱବିଦ୍ୟାଳୟ ପାଚେରି କଡ଼ରେ ଥିବା ବିଶେଶ୍ୱର ବସ୍ତିରେ ଏମାନେ ବହୁ ଦିନ ହେବ ଗଞ୍ଜେଇ କାରବାର କରୁଥିଲେ । ଏନେଇ ଅବକାରୀ ବିଭାଗକୁ ଗୁଇନ୍ଦା ସୂଚନା ମିଳିଥିଲା । ଅବକାରୀ ବିଭାଗର ଏକ ଟିମ୍ ବିଶେଶ୍ୱର ବସ୍ତିରେ ରେଡ୍ କରି ୨ ମହିଳାଙ୍କୁ ଗିରଫ କରିଥିଲା । ନିଶା କାରବାର ନେଇ ଏମାନଙ୍କ ବିରୋଧରେ ପୂର୍ବରୁ ଏକାଧିକ ମାମଲା ରହିଛି । ବାରମ୍ବାର ଜାମିନ୍‌ରୁ ଆସି ଏମାନେ ନିଶା କାରବାରରେ ଲିପ୍ତ ରହୁଛନ୍ତି । ବିଶ୍ୱବିଦ୍ୟାଳୟ ଛାତ୍ର ଏବଂ ସ୍ଥାନୀୟ ବସ୍ତି ବାସିନ୍ଦାଙ୍କୁ ଟାର୍ଗେଟ କରି ଏମାନେ ବ୍ୟବସାୟ ଚଳାଇଛନ୍ତି ।

ସେହିପରି ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ସିଆରପି ଛକରେ ଚଢ଼ଉ କରିଥିଲା । ସେଠାରୁ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅଞ୍ଚଳର ଚିକୁନ ବେହେରା (୨୦) ଓ ସାଲିଆ ସାହିର ଦେବଜିତ୍ ବେହେରା (୨୦)କୁ ଗିରଫ କରିଥିଲା । ସେମାନଙ୍କ ଠାରୁ ୨ କିଲୋ ଗଞ୍ଜେଇ ଓ ଟଙ୍କା ଜବତ କରିଥିଲା ପୁଲିସ ।

# ପ୍ରଥମେ ଥଇଥାନ କର, ପରେ ଉଚ୍ଛେଦ ହେବ



**ଭୁବନେଶ୍ୱର (ପିପିଏସ୍):** ବାଳକାଟି ବଜାରରେ ଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି କରିଛନ୍ତି ସ୍ଥାନୀୟ ବ୍ୟବସାୟୀ । ସେମାନଙ୍କ ଗୁଜୁରାଣ ମେଣ୍ଟିବା ସହ ବେକାରୀ ସମସ୍ୟା ଦୂର ହେବା ନିମନ୍ତେ ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଅନ୍ୟତ୍ର ଥଇଥାନ କରିବାପାଇଁ ପ୍ରଭାବିତ ବ୍ୟବସାୟୀ ବିଧାୟକ ଏବଂ ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି ।

ସରଦେଇପୁର-ନିମାପଡ଼ା ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ବ୍ୟବସାୟିକ ପ୍ରତିଷ୍ଠାନ ରହିଥିବା ବେଳେ ଏହା ଉପରେ ବାଳକାଟି ବଜାର ଉପରେ ଆଖପାଖ ଏବଂ ପଡୋଶୀ ୨୦ ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି । ପୂର୍ତ୍ତ ବିଭାଗ ଏହି ରାସ୍ତାକୁ ଚଉଡା କରିବା ପାଇଁ ସ୍ଥିର କରିଛନ୍ତି । ଏନେଇ ବିଭାଗ ମହଜୁଦ ଥିବା ନିଜ ଜାଗାକୁ ଜବରଦଖଲ ମୁକ୍ତ କରିବାପାଇଁ ତହସିଲ ପ୍ରଶାସନ ସାହାଯ୍ୟ ଲୋଡ଼ିଥିଲେ । ପରବର୍ତ୍ତୀ ମୁହୂର୍ତ୍ତରେ ତହସିଲ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ବ୍ୟବସାୟୀଙ୍କୁ ନୋଟିସ ଦିଆଯାଇଥିଲା । ନୋଟିସ ଅନୁସାରେ ବ୍ୟବସାୟୀ ମାନେ ୩ ଟି ପର୍ଯ୍ୟାୟରେ ତହସିଲ ପ୍ରଶାସନ ନିକଟରେ ହାଜିରା ହୋଇଥିଲେ । ତହସିଲ ପ୍ରଶାସନ ଗୋଟେ ମାସ ମଧ୍ୟରେ ଦୋକାନ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ପରେ କିଛି ବ୍ୟବସାୟୀ ତହସିଲଦାରଙ୍କ ନିର୍ଦ୍ଦେଶ ଅନୁପାଳନ କରି ମୂଳ ଦୋକାନ ଆଗରେ ଟିଣ ଚଦର କାଢି ଦେଇଥିବା ବେଳେ କିଛି ବ୍ୟବସାୟୀ ନିଜ ଦୋକାନକୁ ପଛକୁ ନେଇଛନ୍ତି । ମାତ୍ର ଭାର୍ଗବୀ ସେତୁ ଠାରୁ ଆରମ୍ଭ କରି ବାଳକାଟି ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଏବଂ କଲେଜ ରୋଡ଼ରେ ଥିବା ବ୍ୟବସାୟୀ ମାନଙ୍କ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ । ସେମାନଙ୍କ ଦୋକାନ ଉଚ୍ଛେଦ କରାଗଲେ ଅନ୍ୟ କେଉଁଠିକୁ ଯିବାପାଇଁ କୌଣସି ସୁବିଧା ମଧ୍ୟ ନାହିଁ । ଫଳରେ ଉଚ୍ଛେଦ ହେଲେ ହାତଗୋଡ଼ ବାନ୍ଧି ଘରେ ବସିବା ଛାର ହେବ । ଏପରିକି ଜୀବିକା ନିର୍ବାହ କରିବା ସେମାନଙ୍କ ପାଇଁ କାଠିକାର ପାଠ ହୋଇଯିବ । ଏନେଇ ସମ୍ପୃକ୍ତ ବ୍ୟବସାୟୀ ମାନେ ତହସିଲଦାର ଏବଂ ସ୍ଥାନୀୟ ବିଧାୟକ ନବ କିଶୋର ମଲ୍ଲିକଙ୍କ ନିକଟରେ ନିଜର ଅସୁବିଧା ଜଣାଇଥିଲେ । ଉଚ୍ଛେଦ ପୂର୍ବରୁ ମହଜୁଦ ଥିବା ସରକାରୀ ଜମିରେ ସେମାନଙ୍କୁ ଥଇଥାନ କରିବାପାଇଁ ବ୍ୟବସାୟୀମାନେ ଦାବି କରିଛନ୍ତି ।

# ଉସା ପକ୍ଷରୁ ମକର ମିଳନ

**ଭୁବନେଶ୍ୱର (ପିପିଏସ୍):** ପବିତ୍ର ମକର ସଂକ୍ରାନ୍ତି ଅବସରରେ ଓଗାଳପଡ଼ାର ଉତ୍କଳ ସେବା ଅନୁଷ୍ଠାନ (ଉସା) ଆନୁକୂଲ୍ୟରେ ମକର ମିଳନ ଓ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁରଲୀ ଧର ଜେନାଙ୍କ ଅଧ୍ୟକ୍ଷତାରେ ରାମ ଶଙ୍କରଙ୍କ ସଂଯୋଜନାରେ ହୋଇଥିଲା । ପ୍ରଥମେ ସମସ୍ତଙ୍କୁ ମକର ଚାଉଳ ପରିବେଷଣ କରାଯାଇଥିଲା । ୩୦ ଜଣରୁ ଅଧିକ କବି ଓ କବୟୀତ୍ରୀ ଆଧ୍ୟାତ୍ମିକ, ବୈପ୍ଲବିକ, ସଂସ୍କାର ମୂଳକ ଓ ପରିବେଶ ପ୍ରଦୁଷଣ ବିରୁଦ୍ଧରେ କବିତା ପାଠ କରିଥିଲେ । ସମୀକ୍ଷା କରିଥିଲେ ଡ. ସ୍ମିତା କାନୁନ୍‌ଗୋ । କାର୍ଯ୍ୟକ୍ରମର ସଫଳତା ପାଇଁ ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ, ଉଦାତାରାମ ଅଶୋକ କୁମାର ମଙ୍ଗରାଜ, ନଳୀନ କୁମାର ପଟ୍ଟନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ଆରମ୍ଭ ହେଲା ରାଜାରାଣୀ ମହୋତ୍ସବ



**ଭୁବନେଶ୍ୱର (ପିପିଏସ୍):** ରାଜାରାଣୀ ସଙ୍ଗୀତ ମହୋତ୍ସବ କେବଳ ଏକ ସଙ୍ଗୀତ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଆମର ସମୃଦ୍ଧ ସଂସ୍କୃତି, କଳା ଏବଂ ଇତିହାସ ମଧ୍ୟରେ ଏକ ସୁନ୍ଦର ସେତୁ ସଦୃଶ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶୁକ୍ରବାର ଭୁବନେଶ୍ୱରର ଐତିହାସିକ 'ରାଜାରାଣୀ ମନ୍ଦିର' ପ୍ରାଙ୍ଗଣରେ ଆୟୋଜିତ 'ରାଜାରାଣୀ ସଙ୍ଗୀତ ଉତ୍ସବ-୨୦୨୬'କୁ ଉଦ୍‌ଘାଟନ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ । ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଓଡିଶୀ କଣ୍ଠଶିଳ୍ପୀ ଅଚ୍ୟୁତ ମହାରଣା ଓ ସାଥୀଙ୍କ ଦ୍ୱାରା ଓଡିଶୀ ସଙ୍ଗୀତର ବିଭିନ୍ନ ବିଭାବର ନିଖୁଣ ତଥା ସୁନ୍ଦର ପରିବେଷଣ । ପ୍ରଥମେ ରାଗ ବଜ୍ରକାନ୍ତି ତାଳ ଜତି ଉପରେ ନିବଦ୍ଧ ପ୍ରବନ୍ଧ ନିଶି ନାଥ ବଦନୀ ପରେ ପରେ ନଜା ଯମୁନାରେ ରାଧା ପରିବେଷଣ କରିଥିଲେ । ତାଙ୍କୁ ମର୍ଦ୍ଦଳରେ ଗୁରୁ ସଚ୍ଚିଦାନନ୍ଦ ଦାସ, ବଂଶୀରେ ଡ. ଜବାହାର ମିଶ୍ର, ହାରମୋନିୟମରେ ଗୁରୁ ମୁରଲୀଧର ସ୍ୱାଇଁ ଏବଂ ତାନପୁରାରେ ମମତା ଶ୍ରୀଚନ୍ଦନ ଓ ସଂଗୀତା ନାୟକ ସହଯୋଗ କରିଥିଲେ । ଏହାପରେ ସଙ୍ଗୀତ ବିଶାରଦ ପଣ୍ଡିତ ସୁରେଶ ତଲୱାଲକର ଓ ସାଥୀଙ୍କ ଦ୍ୱାରା ତାଳ କୀର୍ତ୍ତନ ପରିବେଷଣ ହୋଇଥିଲା । ତାଙ୍କର ନିଖୁଣ ରାଗ ବିସ୍ତାର, ତାନ ଓ ସରଗମ୍‌ର ବିଭିନ୍ନ କ୍ରିୟାତ୍ମକ ପରିବେଷଣ, ବାଦ୍ୟର ବିଭିନ୍ନ କଳାକୌଶଳ ପ୍ରୟୋଗ ଇତ୍ୟାଦି ଦ୍ୱାରା ଉପସ୍ଥିତ ଶ୍ରୋତାଙ୍କୁ ସେ ମନ୍ତ୍ରମୁଗ୍ଧ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଭାବାନ କଣ୍ଠଶିଳ୍ପୀ ଓ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ. ସାଧନା ଶ୍ରୀବାସ୍ତବ ଓ ଡକ୍ଟର ସଂଗୀତା ଗୋସାଇଁ ।






# ଇରାନ ପ୍ରତି ନରମିଲେ ଟ୍ରମ୍ପ୍



ନୂଆଦିଲ୍ଲୀ : ଏ କଣ ? ଯେଉଁ ଇରାନ୍କୁ ଧମକ ଦେଇ ଆସୁଥିଲେ । କୌଣସି ମୁହୂର୍ତ୍ତରେ ଆକ୍ରମଣ କରିବେ ବୋଲି ଚେତାବନୀ ଦେଉଥିଲେ ଆଜି ତାର ପ୍ରଶଂସା । ଇରାନ ନେତୃତ୍ୱକୁ ପ୍ରଶଂସା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ୮୦୦ ବନ୍ଦୀଙ୍କ ଫାଶୀ ରୋକିଥିବାରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥରେ ତାରିଫ କରି ଧନ୍ୟବାଦ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି । ଶୁକ୍ରବାର ଫାଶୀ ଦେବା ପାଇଁ ସ୍ଥିର କରିଥିଲେ ଇରାନ ସରକାର। ଇରାନକୁ ନେଇ ଡୋନାଲ୍ଡ ଟ୍ରମ୍ପଙ୍କ କଠୋର ଆଭିମୁଖ୍ୟ ହଠାତ୍ ନରମ ହୋଇଥିବା ପରି ମନେ ହେଉଛି । ସରକାର ବିରୋଧୀ ଆନ୍ଦୋଳନରେ ଜଳୁଥିବା ଇରାନକୁ ବାରମ୍ବାର ଚେତାବନୀ ଦେଇ ଆସୁଥିଲେ ଡୋନାଲ୍ଡ ଟ୍ରମ୍ପ । ପ୍ରଦର୍ଶନକାରୀଙ୍କ ଉପରେ ଆକ୍ସନ ନେଲେ ଆକ୍ରମଣ କରିବୁ ବୋଲି ଚେତାବନୀ ଦେଇ ଆସୁଥିଲେ । ହେଲେ ଏବେ ଇରାନକୁ ପ୍ରଶଂସା କରିଛନ୍ତି ଟ୍ରମ୍ପ । ତେହେରାନ ଉପରେ ଆକ୍ରମଣର ଚେତାବନୀ ଦେଉଥିଲା ଆମେରିକା । ଖାଲି ସେତିକି ନୁହେଁ ଆମେରିକୀୟ ଯୁଦ୍ଧଜାହଜ ଇରାନମୁହାଁ ମଧ୍ୟ ହୋଇଛି । ଏହାରି ଭିତରେ ଉପସାଗରୀୟ ଦେଶମାନଙ୍କ ଚେତାବନୀ, ଇସ୍ରାଏଲର ଅଶ୍ୱସ୍ତି ଏବଂ ଆଞ୍ଚଳିକ ଯୁଦ୍ଧର ଆଶଙ୍କା ମଧ୍ୟରେ ଆମେରିକାର ଆଭିମୁଖ୍ୟ ଏବେ ମୁକାବିଲା ଅପେକ୍ଷା ସନ୍ତୁଳନ ଆଡକୁ ଅଧିକ ଢଳୁଥିବା ପରି ମନେ ହେଉଛି । ଇରାନ ପ୍ରତି ଟ୍ରମ୍ପଙ୍କ ମନୋଭାବ ନରମ ହୋଇଛି । ଦେଶବ୍ୟାପୀ ଆନ୍ଦୋଳନ ଭିତରେ କାର୍ଯ୍ୟାନୁଷ୍ଠାନ ସମୟରେ ଶହ ଶହ ପ୍ରଦର୍ଶନକାରୀଙ୍କୁ ମୃତ୍ୟୁଦଣ୍ଡକୁ ତେହେରାନ ବାତିଲ କରିଛି । ଏହା ପରେ ଇରାନ ନେତୃତ୍ୱକୁ ତାରଫ କରି ଧନ୍ୟବାଦ ଦେଇଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥରେ ଲେଖିଛନ୍ତି, ''ଗତକାଲି ୮୦୦ ବନ୍ଦୀଙ୍କୁ ଫାଶୀ ଦିଆଯିବାର ଥିଲା । ସମସ୍ତ ନିର୍ଦ୍ଧାରିତ ଫାଶୀକୁ ଇରାନ ରୋକିଥିବାରୁ ମୁଁ ସମ୍ମାନ ଜଣାଉଛି । ତେଣୁ ଇରାନ ନେତୃତ୍ୱଙ୍କୁ ଧନ୍ୟବାଦ ।''

# ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଟ୍ରାକରେ ଦୌଡିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ମାଲଦା ରେଳ ଷ୍ଟେସନରୁ ଟ୍ରେନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହା ହାଓ୍ୱଡାରୁ ଗୌହାଟୀ (କାମାକ୍ଷା) ମଧ୍ୟରେ ଚଳାଚଳ କରିବ । ବନ୍ଦେ ଭାରତ ସ୍ଲିପର ଟ୍ରେନର ଶୁଭାରମ୍ଭ କରିବା ସହ ୩୨୫୦ କୋଟି ଟଙ୍କାର ରେଳ ଓ ସଡକ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ । ଏକ ଜନସଭାକୁ ସମ୍ବୋଧନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ରାଜ୍ୟପାଳ ଆନନ୍ଦ ବୋଷ , କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ । ଜନସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ''ଆଜି ମାଲଦାରୁ ପଶ୍ଚିମବଙ୍ଗଙ୍କୁ ପ୍ରଗତିକୁ ଗତି ଦେବାର ଅଭିଯାନ ଅଧିକ ଦ୍ରୁତ ହୋଇଛି । ଅନେକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍ଘାଟନ ହୋଇଛି । ନୂଆ ରେଳ ସେବା ପଶ୍ଚିମବଙ୍ଗଙ୍କୁ ମିଳିଛି । ଏହାଦ୍ୱାରା ଲୋକଙ୍କୁ ଯାତ୍ରା ସହଜ ହେବ । ବ୍ୟବସାୟ, କାରବାର ସହଜ ହେବ । ଟ୍ରେନ୍ ସୁବିଧା ବଙ୍ଗ ଯୁବଶକ୍ତିଙ୍କୁ ନୂଆ ଅବସର ଦେବ । ଆଜି ଭାରତୀୟ ରେଳବାଇର ଆଧୁନିକୀକରଣ ଦିଗରେ ଆଉ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ । ଏହା ମେଡ୍ ଇନ୍ ଇଣ୍ଡିଆ, ଏହା ଆମ ଭାରତୀୟଙ୍କ ଝାଳରେ ତିଆରି ହୋଇଛି । ଏହା ମା' କାଳୀଙ୍କ ଭୂମିକୁ ମା' କାମାକ୍ଷାଙ୍କ ଭୂମି ସହିତ ସଂଯୋଗ କରୁଛି । ଭବିଷ୍ୟତରେ,ଏହି ଆଧୁନିକ ଟ୍ରେନ୍ ସାରା ଦେଶରେ ବିସ୍ତାରିତ ହେବ। ଏହି ଆଧୁନିକ ସ୍ଲିପର୍ ଟ୍ରେନ୍ ପାଇଁ ବଙ୍ଗଳା, ଆସାମ ଏବଂ ସମଗ୍ର ଦେଶକୁ ଅଭିନନ୍ଦନ ଜଣାଉଛି । ଆଜି, ବଙ୍ଗଳା ଆଉ ୪ଟି ଆଧୁନିକ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ପାଇଛି । ନୂଆ ଜଳପାଇଗୁଡ଼ି-ନାଗରକୋଇଲ୍ ଅମୃତ ଭାରତ ଏକ୍ସପ୍ରେସ୍, ନୂଆ ଜଳପାଇଗୁଡ଼ି-ତିରୁଚ୍ଛିରାପାଲି ଅମୃତ ଭାରତ ଏକ୍ସପ୍ରେସ୍,ଆଲିପୁରଦୁଆର-ବେଙ୍ଗାଲୁରୁ ଅମୃତ ଭାରତ ଏକ୍ସପ୍ରେସ୍, ଆଲିପୁରଦୁଆର-ମୁମ୍ବାଇ ଅମୃତ ଭାରତ ଏକ୍ସପ୍ରେସ୍ । ଏହା ଦକ୍ଷିଣ ଏବଂ ପଶ୍ଚିମ ଭାରତ ସହିତ ବଙ୍ଗଳା, ବିଶେଷକରି ଉତ୍ତର ବଙ୍ଗଳାର ସଂଯୋଗକୁ ଆହୁରି ସୁଦୃଢ଼ କରିବ ।''

# ଆହୁରି ଶକ୍ତିଶାଳୀ ହେବ ଭାରତୀୟ ବାୟୁସେନା, ଫ୍ରାନ୍ସରୁ ଆଉ ୧୧୪ ରାଫେଲ କିଣିବାକୁ ମଞ୍ଜୁରି

ନୂଆଦିଲ୍ଲୀ : ଫ୍ରାନ୍ସ ନିକଟରୁ ଆଉ ୧୧୪ଟି ରାଫେଲ ଯୁଦ୍ଧବିମାନ କିଣିବା ଲାଗି ଭାରତର ଯୋଜନା ପ୍ରଥମ ବଡ଼ ପର୍ଯ୍ୟାୟ ପାର୍ କରିଛି । ଡିଫେନ୍ସ ପ୍ରୋକ୍ୟୋରମେଣ୍ଟ ବୋର୍ଡ(ଡିପିବି) ଏହି ପ୍ରସ୍ତାବକୁ ମଞ୍ଜୁରି ଦେଇଛି । ଆଗକୁ ଏହି ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଡିଫେନ୍ସ ଆକ୍ୟୁଜିସନ୍ କାଉନ୍ସିଲ(ଡିଏସି) ନିକଟରେ ଉପସ୍ଥାପନ କରାଯିବ । ପରେ ସୁରକ୍ଷା ସମ୍ବନ୍ଧୀୟ କ୍ୟାବିନେଟ୍ କମିଟି ଏହାକୁ ଚୂଡ଼ାନ୍ତ ସ୍ୱୀକୃତି ଦେବ । ସୂଚନା ଅନୁସାରେ, ଆସନ୍ତା ଫେବୃଆରୀ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଏଲ୍ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବୈଠକ ସମୟରେ ଭାରତ-ଫ୍ରାନ୍ସ ଏହି ବଡ଼ ପ୍ରତିରକ୍ଷା ବୁଝାମଣାକୁ ଅନ୍ତିମ ରୂପ ଦେବା ଦିଗରେ କାମ କରୁଛନ୍ତି । ଯୋଜନା ମୁତାବକ ସବୁକିଛି ଠିକ୍ ରହିଲେ ଏହା ଭାରତର ବାୟୁ ଶକ୍ତିକୁ ଆହୁରି ମଜଭୁତ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହେବ । ପ୍ରସ୍ତାବିତ ରାଫେଲ୍ ବୁଝାମଣାର ମୋଟ ବଜେଟ୍ ପ୍ରାୟ ୩.୨୫ ଲକ୍ଷ କୋଟି ରହିଛି । ଏହି ବୁଝାମଣା ଅନୁସାରେ ମୋଟ ୧୧୪ଟି ରାଫେଲ ଯୁଦ୍ଧବିମାନ କିଣାଯିବ । ସେଥିମଧ୍ୟରୁ ୧୨-୧୮ଟି ବିମାନକୁ ସଂପୂର୍ଣ୍ଣ ପ୍ରସ୍ତୁତ ଅବସ୍ଥାରେ ଭାରତ ଅଣାଯିବ । ବାକି ବିମାନର ନିର୍ମାଣ ଭାରତରେ ହେବ । ପ୍ରାଥମିକ ଭାବେ ଏହି ବିମାନରେ ୩୦ ପ୍ରତିଶତ ସ୍ୱଦେଶୀ ଉପକରଣ ଏବଂ ସାମଗ୍ରୀ ସାମିଲ ରହିବ । ପରେ ତାକୁ ୬୦ ପ୍ରତିଶତ ଯାଏ ବୃଦ୍ଧି କରାଯିବାର ଯୋଜନା ରହିଛି । ଏହି ବୁଝାମଣା ଅନ୍ତିମ ରୂପ ନେଲେ ଭାରତ ନିକଟରେ ମୋଟ ୧୭୬ଟି ରାଫେଲ ବିମାନ ରହିବ । ବର୍ତ୍ତମାନ ବାୟୁସେନା ନିକଟରେ ୩୬ଟି ରାଫେଲ ବିମାନ ଥିବାବେଳେ ନୌସେନା ୨୬ଟି ବିମାନ ଲାଗି ଅର୍ଡର ଦେଇଛି ।

# ପ୍ରଥମ ଥର ପାଇଁ କର୍ତ୍ତବ୍ୟ ପଥରେ ସେନାର ବୀରତ୍ୱ ସହ ଦୃଷ୍ଟି ଆକର୍ଷଣ କରିବ 'ବାକ୍ଟ୍ରିଅନ୍ ଓଟ'



ନୂଆଦିଲ୍ଲୀ : ଚଳିତ ବର୍ଷ, ଗଣତନ୍ତ୍ର ଦିବସ ପରେଡ ଦେଶର ସାମରିକ ଶକ୍ତି, ଭୌଗୋଳିକ ବିବିଧତା ଏବଂ ବୀରତ୍ୱପୂର୍ଣ୍ଣ ଦକ୍ଷତାକୁ ଏପରି ଭାବରେ ପ୍ରଦର୍ଶନ କରିବ ଯାହା ପୂର୍ବରୁ କେବେ ଦେଖାଯାଇନଥିଲା। ଗଣତନ୍ତ୍ର ଦିବସ ପରେଡ ପାଇଁ ଅଭ୍ୟାସ ଚାଲିଛି, ଯାହା ସାମରିକ ଶକ୍ତିକୁ ପ୍ରଦର୍ଶନ କରୁଛି। ପରେଡରେ ଭାରତୀୟ ସେନାର ଶକ୍ତି କେବଳ ଅସ୍ତ୍ରଶସ୍ତ୍ର ଏବଂ ସୈନ୍ୟମାନଙ୍କ ମଧ୍ୟରେ ସୀମିତ ରହିବ ନାହିଁ, ବରଂ କଷ୍ଟକର ଅଞ୍ଚଳରେ ସେବା କରୁଥିବା ସ୍ୱତନ୍ତ୍ର ପଶୁ ଦଳ ଏବଂ ସେମାନଙ୍କର ଆଶ୍ଚର୍ଯ୍ୟଜନକ କୀର୍ତ୍ତିମାନ ମାଧ୍ୟମରେ ମଧ୍ୟ ପ୍ରଦର୍ଶନ କରାଯିବ। ଏହି ବର୍ଷର ପରେଡର ମୁଖ୍ୟ ଆକର୍ଷଣ ହେଉଛି ଲଦାଖର ଦୁଇ କୁଞ୍ଜିତ ବାକ୍ଟ୍ରିଅନ ଓଟମାନଙ୍କର ପ୍ରଥମ ଅଂଶଗ୍ରହଣ। ଏହି ଓଟଗୁଡ଼ିକ ଭାରତୀୟ ସେନାର ପଶୁ ଦଳରେ ସାମିଲ ଏବଂ ଲଦାଖ ଭଳି ଅତ୍ୟନ୍ତ ଥଣ୍ଡା ଏବଂ ଦୁର୍ଗମ ଅଞ୍ଚଳରେ ଲଜିଷ୍ଟିକ୍ସ, ପାଟ୍ରୋଲିଂ ଏବଂ ଅନ୍ୟାନ୍ୟ ସାମରିକ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନଙ୍କର ଅସାଧାରଣ ଧୈର୍ଯ୍ୟ ପାଇଁ ଜଣାଶୁଣା, ଏହି ଓଟଗୁଡ଼ିକ ମାଇନସ ୪୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ କାର୍ଯ୍ୟ କରିବାକୁ ସକ୍ଷମ। ଯେତେବେଳେ ଏହି ଓଟମାନେ କର୍ତ୍ତବ୍ୟ ପଥରେ ଚାଲିବେ, ଏହି ଦୃଶ୍ୟ କେବଳ ଦର୍ଶକଙ୍କୁ ମୋହିତ କରିବ ନାହିଁ ବରଂ ଭାରତର ଭୌଗୋଳିକ ବିବିଧତା ଏବଂ ସେନାର ଅନୁକୂଳନ କ୍ଷମତାର ଏକ ଶକ୍ତିଶାଳୀ ବାର୍ତ୍ତା ମଧ୍ୟ ପଠାଇବ। ଏହି ବର୍ଷ ପରେଡରେ ଆଉ ଏକ ନୂତନ ଆକର୍ଷଣ ରହିବ। ପ୍ରଥମ ଥର ପାଇଁ, ପୋଷ୍ଟାଲ ସ୍କ୍ୱାର୍ଡ ମଧ୍ୟ ପରେଡର ଅଂଶ ହେବ, ଯାହା ସାମରିକ ଶୃଙ୍ଖଳା ଏବଂ ସମନ୍ୱୟର ଏକ ପ୍ରଭାବଶାଳୀ ପ୍ରଦର୍ଶନ ପ୍ରଦାନ କରିବ। ଏହା ସହିତ, ମୋଟର ସାଇକେଲରେ ସୈନିକମାନେ ସେମାନଙ୍କର ରୋମାଞ୍ଚକର ଏବଂ ବିପଦପୂର୍ଣ୍ଣ ଷ୍ଟଣ୍ଟ ପ୍ରଦର୍ଶନ କରିବେ। ସୈନିକମାନେ ଉଚ୍ଚ ଗତିରେ ସନ୍ତୁଳନ କରୁଥିବା, ପରସ୍ପର ଉପରେ ଠିଆ ହୋଇଥିବା ଏବଂ ଆଶ୍ଚର୍ଯ୍ୟଜନକ ଗଠନ କରୁଥିବା ଦୃଶ୍ୟ ଦେଖି ଦର୍ଶକମାନେ ଆଶ୍ଚର୍ଯ୍ୟ ହୋଇଯିବେ। ସାମଗ୍ରିକ ଭାବରେ, ଏହି ବର୍ଷର ଗଣତନ୍ତ୍ର ଦିବସ ପରେଡ କେବଳ ପାରମ୍ପରିକ ସାମରିକ ମାର୍ଚ୍ଚ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ବୀରତ୍ୱ, ଶକ୍ତି, ସାହସ ଏବଂ ନୂତନତ୍ୱର ଏକ ସ୍ପନ୍ଦନଶୀଳ ଉତ୍ସବ ହେବ, ଯାହା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବରେ ଭରିଦେବ।

# ଇରାନରେ ବିକ୍ଷୋଭକାରୀଙ୍କ ନେତା ଗିରଫ



ତେହେରାନ : ଇରାନରେ ୧୯ ଦିନର ପ୍ରତିବାଦ ପରେ ଏବେ ଦେଶରେ ଶାନ୍ତି ଫେରୁଥିବା କୁହାଯାଉଛି। ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ। ଅର୍ଥନୈତିକ ସଙ୍କଟ ଯୋଗୁ ସୃଷ୍ଟି ହୋଇଥିବା ପ୍ରତିବାଦର ସ୍ୱର ସରକାରଙ୍କ ବିରୋଧରେ ଉଠିଥିଲା। ପ୍ରତିବାଦ ସମୟରେ ବହୁ ଲୋକଙ୍କ ମୃତ୍ୟୁ ହେବା ସହ ହଜାର ହଜାର ଲୋକଙ୍କୁ ଗିରଫ କରାଯାଇଥିଲା। ଶନିବାର ଇରାନରେ ପ୍ରତିବାଦ କରୁଥିବାରୁ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ପ୍ରତିବାଦକାରୀଙ୍କ ନେତୃତ୍ୱ ନେଉଥିବା ନାଜାନିନ୍ ବାରାଦରନ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗୁଇନ୍ଦା ସୂଚନା ଆଧାରରେ ଆଇଆରଜିସି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଦାବି କରିଛି।ନାଜାନିନ୍ ବାରାଦରନ୍‌ଙ୍କ ବିରୋଧରେ ଅଭିଯୋଗ ଅଣାଯାଇଛି ଯେ, ସେ ପ୍ରତିବାଦ ପାଇଁ ହୋଇଥିବା ହିଂସାର ମୁଖ୍ୟ କାରଣ। ତାଙ୍କ ସମ୍ପର୍କରେ ଅଧିକ କୌଣସି ସୂଚନା ପ୍ରକାଶ କରାଯାଇ ନାହିଁ ଆମେରିକା ସ୍ଥିତ ମାନବାଧିକାର ସଂଗଠନ ଏଚ୍‌ଆର୍‌ଏନ୍‌ଏ କହିଛି,ଇତିମଧ୍ୟରେ ୨,୪୦୩ ପ୍ରଦର୍ଶନକାରୀ ଓ ୧୪୭ ସରକାରୀ ସମର୍ଥକଙ୍କୁ ହତ୍ୟା କରାଯାଇଛି। ସଂଗଠନ ଅନୁଯାୟୀ, ଏପର୍ଯ୍ୟନ୍ତ ମୋଟ ୧୮,୧୩୭ ଜଣଙ୍କୁ ଗିରଫ କରାଯାଇଛି। ଇରାନ ଗିରଫ ପ୍ରତିବାଦକାରୀଙ୍କୁ ମୃତ୍ୟୁଦଣ୍ଡ ଦେବ ବୋଲି ରିପୋର୍ଟ ହୋଇଥିଲା। ସମ୍ପ୍ରତି, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାକଚି କହିଛନ୍ତି ଯେ, ଲୋକଙ୍କୁ ମୃତ୍ୟୁଦଣ୍ଡ ଦେବାର କୌଣସି ଯୋଜନା ନାହିଁ।

# ଇରାନରୁ ସୁରକ୍ଷିତ ଫେରିଲେ ଭାରତୀୟ: ସରକାରଙ୍କୁ ଜଣାଇଲେ କୃତଜ୍ଞତା



ନୂଆଦିଲ୍ଲୀ: ଇରାନରେ ସୁରକ୍ଷା ପରିସ୍ଥିତି ବିଗିଡ଼ିବା ଏବଂ ଜନଆକ୍ରୋଶ ବୃଦ୍ଧି ପାଇବା ମଧ୍ୟରେ, ସେଠାରେ ଫସି ରହିଥିବା ଭାରତୀୟ ନାଗରିକଙ୍କ ସୁରକ୍ଷିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ମହାନ ଏୟାର ବିମାନର ବିମାନ ଡବ୍ଲୁ-୫-୦୭୧ ଯୋଗେ ପ୍ରଥମ ଭାରତୀୟ ଦଳ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛନ୍ତି। ପରିବାର ସଦସ୍ୟମାନେ ବିମାନବନ୍ଦରରେ ସେମାନଙ୍କ ପ୍ରିୟଜନଙ୍କୁ ଭାବପ୍ରବଣ ଭାବରେ ସ୍ୱାଗତ କରିଥିଲେ। ଆର୍ଥିକ ସଙ୍କଟ ଏବଂ ସ୍ଥାନୀୟ ମୁଦ୍ରାର ମୂଲ୍ୟ ରେକର୍ଡ ସ୍ତରକୁ ଖସିବା ପରେ ଇରାନରେ ଆରମ୍ଭ ହୋଇଥିବା ବିରୋଧ ପ୍ରଦର୍ଶନ ଏବେ ହିଂସାତ୍ମକ ରୂପ ନେଇଛି। ଯାହାକୁ ଦୃଷ୍ଟିରେ ରଖି ଭାରତ ସରକାର ନିଜ ନାଗରିକମାନଙ୍କୁ ଯଥାଶୀଘ୍ର ଇରାନ ଛାଡିବାକୁ ପରାମର୍ଶ ଦେଇଥିଲେ।ଘରକୁ ଫେରିଥିବା ଭାରତୀୟମାନେ ଇରାନର ବର୍ତ୍ତମାନର ଭୟଙ୍କର ପରିସ୍ଥିତିକୁ ବଖାଣିଛନ୍ତି। ସେମାନଙ୍କ ଅନୁଯାୟୀ, ଗତ ଦୁଇ ସପ୍ତାହ ଧରି ଇରାନରେ ସମ୍ପୂର୍ଣ୍ଣ ଇଣ୍ଟରନେଟ୍ ବ୍ଲାକଆଉଟ୍ ହୋଇଯାଇଛି। ଏହି କାରଣରୁ ସେମାନେ ସେମାନଙ୍କ ପରିବାରକୁ ନିଜ ଭଲମନ୍ଦ ବିଷୟରେ ଜଣାଇ ପାରୁନଥିଲେ ଅବା ଭାରତୀୟ ଦୂତାବାସ ସହିତ ଯୋଗାଯୋଗ କରିପାରୁ ନଥିଲେ। ଜମ୍ମୁ-କାଶ୍ମୀରର ଜଣେ ଛାତ୍ର କହିଛନ୍ତି, ପ୍ରତିବାଦ ଏତେ ହିଂସାତ୍ମକ ଥିଲା ଯେ, ବାହାରକୁ ବାହାରିଲେ ଜୀବନ ପାଇଁ ବିପଦପୂର୍ଣ୍ଣ ଥିଲା। ପ୍ରତିବାଦକାରୀମାନେ ଭଙ୍ଗାରୁଜା,ପୋଡ଼ାଜଳା କରୁଥିଲେ। କଷ୍ଟକର ପରିସ୍ଥିତି ସତ୍ତ୍ୱେ, ଯୋଗାଯୋଗ ସ୍ଥାପନ ହେବା ମାତ୍ରେ ଭାରତୀୟ ଦୂତାବାସ ନାଗରିକମାନଙ୍କୁ ସୂଚନା ଓ ସ୍ଥାନାନ୍ତର ବିକଳ୍ପ ପ୍ରଦାନ କରିଥିଲା। ଇରାନରେ ବର୍ତ୍ତମାନର ଅଶାନ୍ତି ଦେଶର ଭୁଶୁଡ଼ିପଡୁଥିବା ଅର୍ଥନୀତି ପାଇଁ ସୃଷ୍ଟି ହୋଇଛି। ଇରାନୀ ମୁଦ୍ରାର ମୂଲ୍ୟରେ ରେକର୍ଡସ୍ତରୀୟ ହ୍ରାସ ପରେ ଗତ ମାସରେ ମୁଦ୍ରାସ୍ଫୀତି ବିରୋଧରେ ଆରମ୍ଭ ହୋଇଥିବା ପ୍ରତିବାଦ ଏବେ ଦେଶର ସମସ୍ତ ୩୧ଟି ପ୍ରଦେଶକୁ ବ୍ୟାପିଛି। ପ୍ରତିବାଦକାରୀମାନେ ଅର୍ଥନୈତିକ ସଂସ୍କାର ସହିତ ରାଜନୈତିକ ପରିବର୍ତ୍ତନ ମଧ୍ୟ ଦାବି କରୁଛନ୍ତି। ମାନବାଧିକାର ସଂଗଠନ ଅନୁଯାୟୀ, ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନରେ ହଜାର ହଜାର ଲୋକ ପ୍ରାଣ ହରାଇଛନ୍ତି। କିନ୍ତୁ ଇଣ୍ଟରନେଟ୍ ବନ୍ଦ ହେବା ଦ୍ୱାରା ବାସ୍ତବତା ଏବଂ ସଠିକ୍ ସଂଖ୍ୟା ଯାଞ୍ଚ କରିବା କଷ୍ଟକର ହୋଇପଡ଼ିଛି।

# ଲଢ଼େଇ ଏବେ ଶେଷ ହୋଇନି : ଉଦ୍ଧବ ଠାକ୍‌ରେ



ମୁମ୍ବଇ: ମହାରାଷ୍ଟ୍ରର ୨୯ଟି ନଗର ନିଗମରେ ବିଜେପି-ସିନ୍ଦେ ମେଣ୍ଟର ବିଜୟ ପରେ ଶିବସେନା (ୟୁବିଟି) ଏବଂ ଏମଏନଏସ୍ ପରାଜୟ ସ୍ୱୀକାର କରିବାକୁ ମନା କରିଦେଇଛନ୍ତି । ରାଜ ଠାକରେ, ଉଦ୍ଧବ ଠାକରେ ଏବଂ ସାଂସଦ ସଞ୍ଜୟ ରାଉତଙ୍କ ସାମ୍ପ୍ରତିକ ବୟାନ ମରାଠୀ ପରିଚୟ ପାଇଁ ଲଢ଼େଇକୁ ପୁନଃଜୀବିତ କରିଛି। ରାଜ ଠାକରେ ଏମଏନଏସର କମ ଆସନ ସଂଖ୍ୟା ପାଇଁ ଦୁଃଖ ପ୍ରକାଶ କରି ମରାଠୀ ଲୋକଙ୍କ ପାଇଁ ସଂଘର୍ଷ ଜାରି ରଖିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ, ଉଦ୍ଧବ ଠାକରେ ଘୋଷଣା କରିଛନ୍ତି ଯେ ଏହି ଲଢ଼େଇ କେବେ ଶେଷ ହେବ ନାହିଁ। ସଞ୍ଜୟ ରାଉତ ଉପ-ମୁଖ୍ୟମନ୍ତ୍ରୀ ସିନ୍ଦେଙ୍କୁ "ଜୟଚାନ୍ଦ" ବୋଲି କହିଥିଲେ ଏବଂ ବିଜେପି ଦଳ ଭାଙ୍ଗିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଥିଲେ।ମହାରାଷ୍ଟ୍ର ନବନିର୍ମାଣ ସେନା (ଏମଏନଏସ) ମୁଖ୍ୟ ରାଜ ଠାକରେ, ଢ଼ରେ ଏକ ପୋଷ୍ଟରେ, ଦଳୀୟ କର୍ମୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ କିନ୍ତୁ ଦୁର୍ବଳ ଫଳାଫଳ ପାଇଁ ଦୁଃଖ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ନିର୍ବାଚନ ଶିବସେନା ବିରୁଦ୍ଧରେ ଟଙ୍କା ଏବଂ କ୍ଷମତାର ଯୁଦ୍ଧ ଥିଲା, କିନ୍ତୁ ଏମଏନଏସ ଏବଂ ଶିବସେନା (ୟୁବିଟି) କର୍ମୀମାନେ ଏକ ଦୃଢ଼ ଲଢ଼େଇ ଲଢିଥିଲେ । ଠାକରେ କହିଥିଲେ, "ଏହା ଦୁଃଖ ଯେ ମହାରାଷ୍ଟ୍ର ନବନିର୍ମାଣ ସେନା ଆଶାନୁରୂପ ସଫଳତା ପାଇଲା ନାହିଁ, କିନ୍ତୁ ଆମେ ହାର ମାନିବୁ ନାହିଁ। ନିର୍ବାଚିତ କର୍ମୀମାନେ ସେଠାରେ ଶାସକମାନଙ୍କୁ କବର ଦେବେ ଏବଂ ଯଦି ସେମାନେ ଅନୁଭବ କରନ୍ତି ଯେ ମରାଠୀ ଲୋକଙ୍କ ବିରୁଦ୍ଧରେ କିଛି ଘଟୁଛି, ତେବେ ସେମାନେ ନିଶ୍ଚିତ ଭାବରେ ସେହି ଶାସକମାନଙ୍କୁ ଦଣ୍ଡ ମିଳିବ । ରାଜ ଜୋର ଦେଇ କହିଥିଲେ ଯେ ଏହି ଲଢ଼େଇ ମରାଠୀ ଲୋକଙ୍କ ପାଇଁ, ସେମାନଙ୍କ ଭାଷା ପାଇଁ, ସେମାନଙ୍କ ପରିଚୟ ପାଇଁ ଏବଂ ଏକ ସମୃଦ୍ଧ ମହାରାଷ୍ଟ୍ର ପାଇଁ। "ଏହି ଲଢ଼େଇ ଆମର ଅସ୍ତିତ୍ୱ ପାଇଁ। ଆପଣମାନେ ସମସ୍ତେ ଜାଣନ୍ତି ଯେ ଏପରି ଲଢ଼େଇ ବହୁତ ଦିନ ଧରି ଚାଲିଥାଏ। ଆମେ ସମସ୍ତେ କ'ଣ ଭୁଲ ହୋଇଛି, କ'ଣ ବାକି ରହିଗଲା, କ'ଣ ଅଭାବ ରହିଲା ଏବଂ କ'ଣ କରାଯିବା ଆବଶ୍ୟକ ତାହା ବିଶ୍ଳେଷଣ କରି ସମାଧାନ କରିବୁ।

# ବଲିଉଡ୍ ସିଙ୍ଗର ବି ପ୍ରାକଙ୍କୁ ହତ୍ୟା ଧମକ

ନୂଆଦିଲ୍ଲୀ : ବଲିଉଡ୍ ସିଙ୍ଗର ବି ପ୍ରାକଙ୍କୁ ହତ୍ୟା ଧମକ ମିଳିଛି । ଧମକ ଦେଉଥିବା ବ୍ୟକ୍ତି ୧୦ କୋଟିର ମୋଟା ଟଙ୍କା ଦାବି କରିଛି । ଟଙ୍କା ନେଦେଲେ ମାଟିରେ ମିଶେଇ ଦେବାକୁ ଧମକ ଦେଇଛି । ଯଦି ଗୋଟିଏ ସପ୍ତାହ ମଧ୍ୟରେ ଟଙ୍କା ନ ଦିଆଯାଏ, ତେବେ ବି ପ୍ରାକଙ୍କୁ ମାଟିରେ ମିଶାଇ ଦେବୁ କହିଛି ଧମକ ଦେଇଥିବା ବ୍ୟକ୍ତି ଜଣକ । ଏହି ଧମକ ସଙ୍ଗୀତ ଇଣ୍ଡଷ୍ଟ୍ରୀରେ ଭୟ ଏବଂ ଚିନ୍ତାର ବାତାବରଣ ଖେଳାଇ ଦେଇଛି । ବି ପ୍ରାକଙ୍କୁ ଧମକ ଦେଇଥିବା କଲର ନିଜ ନାମ ଆରଜୁ ବିଷ୍ଣୋଇ କହିଛି । ଆରଜୁ ଯିଏକି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର । ସେ ବିଦେଶରେ ଲୁଚିଛି । ସେ ଫୋନ୍ କରି ଧମକ ଦେଇ କହିଛି ହ୍ୟାଲୋ ମୁଁ ଆରଜୁ ବିଷ୍ଣୋଇ କହୁଛି । ଏହା ପରେ ବି ପ୍ରାକଙ୍କୁ ମେସେଜ କରି ୧୦ କୋଟି ଟଙ୍କା ଦେବାକୁ ଦାବି କରିଛି । ଅଡିଓ ରେକର୍ଡ ପଞ୍ଜାବ ସିଙ୍ଗର ଦିଲନୁରଙ୍କୁ ଜାନୁଆରୀ ୬ରେ ପଠାଯାଇଥିଲା। ଏହା ପୂର୍ବରୁ ଦିଲନୁର ଜାନୁଆରୀ ୫ରେ ଦୁଇଥର କଲ ଆସିଥିଲା । ହେଲେ ଦିଲନୁର କଲ୍ ଉଠାଇନଥିଲେ । ଜାନୁଆରୀ ୬ରେ ଏକ ବିଦେଶୀ ନମ୍ବରରୁ ଫୋନ୍ ଆସିଥିଲା ।ହେଲେ ଦିଲନୁର କଲ୍ ଉଠାଇନଥିଲେ । ଜାନୁଆରୀ ୬ରେ ଏକ ବିଦେଶୀ ନମ୍ବରରୁ ଫୋନ୍ ଆସିଥିଲା । ଦିଲନୁରଙ୍କ ଅଭିଯୋଗ ଅନୁସାରେ ସେ କଲ ଉଠାଇବା ପରେ କଥା ହେବା ପରେ ଅଜବ ଅନୁଭବ କରିଥିଲେ । ତ ସେ କଲ କାଟି ଦେଇଥିଲେ ।

# ଯେଉଁମାନେ ମୋ ଘର ଭାଙ୍ଗିଥିଲେ, ସେମାନଙ୍କୁ ଲୋକ ଜବାବ ଦେଇଛନ୍ତି : କଙ୍ଗନା



ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାଣାଓ୍ୱତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସବୁଠାରୁ ଧନୀ ପୌର ସଂସ୍ଥା ବିଏମସି ନିର୍ବାଚନରେ ବିଜେପିର ଐତିହାସିକ ବିଜୟ ପାଇଁ ସେ ମହାରାଷ୍ଟ୍ରର ବରିଷ୍ଠ ନେତାମାନଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଏହା ତାଙ୍କ ପାଇଁ ନ୍ୟାୟର ଏକ ମୁହୂର୍ତ୍ତ । କାରଣ ମୁମ୍ବାଇ ବଙ୍ଗଳା ସହିତ ସଂଲଗ୍ନ କାର୍ଯ୍ୟାଳୟ ୨୦୨୦ ରେ ଶିବସେନା କ୍ଷମତାରେ ଥିବା ସମୟରେ ବ୍ରିହନ୍ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ (ବିଏମସି) ଦ୍ୱାରା ଭାଙ୍ଗି ଦିଆଯାଇଥିଲା। ଆଜି ବିଏମସିରେ ଶିବସେନାକୁ କ୍ଷମତାରୁ ହଟାଇ ଦିଆଯାଇଛି। କଙ୍ଗନା ରାଣାଓ୍ୱତ କହିଛନ୍ତି, ମହାରାଷ୍ଟ୍ର ଇଗଉ ନିର୍ବାଚନରେ ବିଜେପିର ବିଶାଳ ବିଜୟରେ ମୁଁ ବହୁତ ଖୁସି। ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ ଏବଂ ମହାରାଷ୍ଟ୍ରର ସମଗ୍ର ବିଜେପି ପରିବାରକୁ ଏହି ଅବିଶ୍ୱସନୀୟ ଲହର ପାଇଁ ଅଭିନନ୍ଦନ ଜଣାଉଛି। ସେ ଆହୁରି ମଧ୍ୟ କହିଛନ୍ତି, ଏହା ଆମ ସମସ୍ତଙ୍କ ପାଇଁ ଏକ ବଡ଼ ବିଜୟ। ବମ୍ବେ ହାଇକୋର୍ଟକୁ ମଧ୍ୟ ମାମଲା ଯାଇଥିଲା ।

BMCରେ କାର୍ଯ୍ୟାନୁଷ୍ଠାନକୁ ମନେ ପକାଇ ଅଭିନେତ୍ରୀ କହିଛନ୍ତି, ଯେଉଁମାନେ ମୋତେ ଦୁର୍ବ୍ୟବହାର କରିଥିଲେ, ମୋ ଘର ଭାଙ୍ଗି ଦେଇଥିଲେ, ମୋତେ ମହାରାଷ୍ଟ୍ର ଛାଡିବାକୁ ଧମକ ଦେଇଥିଲେ, ଆଜି ମହାରାଷ୍ଟ୍ର ସେମାନଙ୍କୁ ଛାଡି ଦେଇଛି। ସେ ଆହୁରି ମଧ୍ୟ କହିଛନ୍ତି, ମୁଁ ଖୁସି ଯେ ଜନସାଧାରଣ ଏପରି ମହିଳା ବିରୋଧୀ, ଗୁଣ୍ଡା ଏବଂ ପରିବାରବାଦ ମାଫିଆଙ୍କୁ ସେମାନଙ୍କର ଯଥାର୍ଥ ସ୍ଥାନ ଦେଖାଉଛନ୍ତି। ବର୍ତ୍ତମାନର ଧାରା ଦର୍ଶାଉଛି ଯେ ମୁମ୍ବାଇର ୨୨୭ ଆସନ ମଧ୍ୟରୁ ବିଜେପି ସବୁଠୁ ଅଧିକ ୱାର୍ଡରେ ଜିତି ଆଗରେ ଥିବା ବେଳେ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ତା ପଛକୁ ରହିଛି । ହେଲେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନାକୁ ଲୋକମାନେ ପସନ୍ଦ କରୁନାହାନ୍ତି । ଲୋକ ସେମାନଙ୍କୁ ଉଚିତ ଜବାବ ଦେଇଛନ୍ତି ।

# ମହାରାଷ୍ଟ୍ରର 'ଧୁରନ୍ଧର' ପାଲଟିଲେ ଦେବେନ୍ଦ୍ର ଫଡନଭିସ



ମୁମ୍ବାଇ : ଦେଶର ସର୍ବବୃହତ ନଗର ନିଗମ, ବୃହନମୁମ୍ବାଇ ନଗର ନିଗମ (ଇଗଉ) ପାଇଁ ନିର୍ବାଚନ ଫଳାଫଳ ମହାରାଷ୍ଟ୍ରର ରାଜନୈତିକ ଦୃଶ୍ୟପଟକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଛି। ଭାଜପା ମୁମ୍ବାଇରେ ଏକକ ବୃହତ ଦଳ ଭାବରେ ଉଭା ହୋଇ ନିଜର ରାଜନୈତିକ ଶକ୍ତି ପ୍ରଦର୍ଶନ କରିଛି, ୨୨୭ ୱାର୍ଡ ମଧ୍ୟରୁ ୮୯ ଟିରେ ବିଜୟୀ ହୋଇଛି। ଭାଜପା ପୌର ସଂସ୍ଥାରେ ସର୍ବବୃହତ ଦଳ ଭାବରେ ଏହାର ଉଦୟକୁ ପାଳନ କରୁଛି। ଏହି ଐତିହାସିକ ବିଜୟ ମହାରାଷ୍ଟ୍ର ରାଜନୀତିରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ସ୍ଥିତିକୁ ଦୃଢ଼ କରିଛି। ନିର୍ବାଚନ ଫଳାଫଳ ଘୋଷଣା ହେବାର ଗୋଟିଏ ଦିନ ପରେ, ଶନିବାର ମୁମ୍ବାଇର ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଥିଲା, ଯେଉଁଥିରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ 'ଧୁରନ୍ଧର ଦେବେନ୍ଦ୍ର' ବୋଲି କୁହାଯାଇଥିଲା। ଭାରତୀୟ ଜନତା ପାର୍ଟି (ଭାଜପା) ଯୁବ ମୋର୍ଚ୍ଚା ମୁମ୍ବାଇର ସଭାପତି ତାଜିନ୍ଦର ସିଂହ ତିୱାନା ଏହି ପୋଷ୍ଟର ଲଗାଇଥିଲେ। ଏହି ପୌର ନିର୍ବାଚନରେ କର୍ପୋରେଟର ଭାବରେ ନିର୍ବାଚିତ ତାଜିନ୍ଦର ସିଂହ ତିୱାନା, ସମଗ୍ର ସହରରେ ଫଡନାଭିସଙ୍କ ନେତୃତ୍ୱକୁ ପ୍ରଶଂସା କରୁଥିବା ବଡ଼ ବଡ଼ ହୋର୍ଡିଂ ଲଗାଇଥିଲେ, ଯାହା ଭାଜପାର ପ୍ରଭାବଶାଳୀ ପ୍ରଦର୍ଶନ ପରେ ଦଳୀୟ ଶିବିର ମଧ୍ୟରେ ଉତ୍ସବର ପରିବେଶକୁ ପ୍ରତିଫଳିତ କରିଥାଏ। ଭାରତୀୟ ନିର୍ବାଚନ କମିଶନ ଏବଂ ଇଗଉ ଦ୍ୱାରା ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ଭାଜପା ୮୯ଟି ଆସନରେ ବିଜୟୀ ହୋଇଛି ଏବଂ ୧୧,୭୯,୨୭୩ ଭୋଟ ପାଇଛି, ଯାହା ମୋଟ ଭୋଟର ୨୧.୫୮ ପ୍ରତିଶତ ଅଟେ। ସମସ୍ତ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ, ଭାଜପାର ଭୋଟ ଅଂଶ ୪୫.୨୨ ପ୍ରତିଶତ ଥିଲା, ଯାହା ଏହାକୁ ନାଗରିକ ସଂସ୍ଥାରେ ସବୁଠାରୁ ବଡ ଦଳ କରିଥିଲା। ଏହାର ମେଣ୍ଟ ଅଂଶୀଦାର, ଶିବସେନା (ଏକନାଥ ଶିନ୍ଦେ ଗୋଷ୍ଠୀ), ୨,୭୩,୩୨୬ ଭୋଟ ସହିତ ୨୯ଟି ଆସନ ପାଇଛି, ଯାହା ଶିବସେନାର ମୋଟ ଭୋଟ ଅଂଶର ୫.୦୦ ପ୍ରତିଶତ ଅଟେ। ଏକତ୍ରିତ ଭାବରେ, ଭାଜପା-ଶିବସେନା (ଶିନ୍ଦେ) ମେଣ୍ଟ ଇଗଉରେ ସବୁଠାରୁ ବଡ ମେଣ୍ଟ ଭାବରେ ଉଭା ହୋଇଛି। ଗଘଝ ସହିତ ମେଣ୍ଟ କରି ନିର୍ବାଚନ ଲଢ଼ିଥିବା ଶିବସେନା (ଟଇଞ୍ଜ) ୬୫ଟି ଆସନ ଜିତିଛି। ଟଇଞ୍ଜ ନେତୃତ୍ୱାଧୀନ ଶିବସେନା ୭,୧୭,୭୩୬ ଭୋଟ ପାଇଛି, ଯାହା ମୋଟ ଭୋଟର ୧୩.୧୩ ପ୍ରତିଶତ ଅଟେ। ଗଘଝ ମେଣ୍ଟର ସଂଖ୍ୟାରେ ଛଅଟି ଆସନ ଯୋଡି ୭୪,୯୪୬ ଭୋଟ ଏବଂ ଭୋଟ ସେୟାରର ୧.୩୭ ପ୍ରତିଶତ ପାଇଛି। ଭାରତୀୟ ଜାତୀୟ କଂଗ୍ରେସ ୨୪ଟି ଆସନ ପାଇ ୨୪୨,୬୪୬ ଭୋଟ ପାଇ ୨୪ଟି ଆସନ ପାଇଲା, ଯାହା ମୋଟ ଭୋଟ ଶେୟାରର ୪.୪୪ ପ୍ରତିଶତ ପ୍ରତିନିଧିତ୍ୱ କରେ। ଅନ୍ୟ ଦଳଗୁଡ଼ିକ ମଧ୍ୟରେ, ଅଖିଳ ଭାରତ ମଜଲିସ-ଏ-ଇତ୍ତେହାଦୁଲ ମୁସଲିମିନ (ଇଓଗଓଗ) ୬୮,୦୭୨ ଭୋଟ ସହିତ ଆଠଟି ଆସନ ଜିତିଲା। ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି ତିନୋଟି ଆସନ ପାଇଲା, ସମାଜବାଦୀ ପାର୍ଟି ଦୁଇଟି ଆସନ ପାଇଲା ଏବଂ ଘଉଚ (ଶରଦଚନ୍ଦ୍ର ପାୱାର) ଗୋଟିଏ ଆସନ ପାଇଲା। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ବିଜୟୀ ପ୍ରାର୍ଥୀମାନେ ୨,୬୦୭,୬୧୨ ଭୋଟ ପାଇଲେ, ଯାହା ମୋଟ ଭୋଟର ୪୭.୭୨ ପ୍ରତିଶତ ପ୍ରତିନିଧିତ୍ୱ କରେ। ନିର୍ବାଚନରେ ମୋଟ ୫,୪୬୪,୪୧୨ ଭୋଟ ପଡ଼ିଥିଲା, ଯେତେବେଳେ ୧୧,୬୭୭ ଭୋଟର ଘଙଞଇ ପାଇଁ ବାଛିଥିଲେ। ଇଗଉ ନିର୍ବାଚନର ଚୂଡ଼ାନ୍ତ ଫଳାଫଳ ନିର୍ଣ୍ଣାୟକ କରିବାରେ ମେଣ୍ଟ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା।

# ବାଂଲାଦେଶରେ ପୁଣି ହିନ୍ଦୁ ବିରୋଧୀ ନାରା

ନୂଆଦିଲ୍ଲୀ: ବାଂଲାଦେଶରେ ହିନ୍ଦୁ ମାନଙ୍କୁ ଆକ୍ରମଣ ଘଟଣା ତ ଏକ ସାଧାରଣ କଥା ହୋଇଗଲାଣି । କାହିଁକି ନାଁ ଏଠାରେ ପ୍ରତ୍ୟକ ଦିନ କେଉଁଠି ହିନ୍ଦୁଙ୍କୁ ହତ୍ୟା କରାଗଲାଣି ତ ଆଉ କେଉଁଠି ହିନ୍ଦୁ ମହିଳାଙ୍କୁ ଦୁଷ୍କର୍ମ କରାଗଲାଣି । ଆଉ ଏହି ସମୟରେ ଏଠାରେ ସାଧାରଣ ନିର୍ବାଚନ ପୂର୍ବରୁ କିଛି ଆପତ୍ତିଜନକ ଭିଡିଓ ଏବେ ସୋସିଆଲ ମିଡିଆରେ ପ୍ରକାଶ ପାଇଛି । ଏହି ଭିଡିଓ ଗୁଡ଼ିକରେ କିଛି ଧର୍ମଗୁରୁ ଏବଂ ଧାର୍ମିକ ବକ୍ତା ମାନେ ହିନ୍ଦୁ ମାନଙ୍କ ବିରୁଦ୍ଧରେ ଘୃଣାପୂର୍ଣ୍ଣ ବୟାନ ଦେଉଥିବା ଏବଂ ହିନ୍ଦୁ କିମ୍ବା ଅଣ-ମୁସଲିମ ପ୍ରାର୍ଥୀଙ୍କୁ ଭୋଟ ନ ଦେବାକୁ ଅନୁରୋଧ କରୁଥିବା ଦେଖାଯାଇଛି। ଏହି ବୟାନ ଗୁଡ଼ିକ ବାଂଲାଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ବିଷୟରେ ଚିନ୍ତା ସୃଷ୍ଟି କରିଛି। ଏକ ଭାଇରାଲ ଭିଡିଓରେ ଦେଖିବାକୁ ମିଳୁଛି ଯେ, ଜଣେ ଧର୍ମଗୁରୁ ଏକ ଧାର୍ମିକ କାର୍ଯ୍ୟକ୍ରମ ସମୟରେ କହୁଛନ୍ତି ଯେ, କୌଣସି ହିନ୍ଦୁ କିମ୍ବା 'କାଫିର' ପ୍ରାର୍ଥୀଙ୍କୁ ଭୋଟ ଦେବା ଇସଲାମରେ ହରାମ। ଏହି ବୟାନ ନିର୍ବାଚନ ପୂର୍ବରୁ ପରିବେଶକୁ ଖରାପ କରିବ ବୋଲି କୁହାଯାଉଛି। ଅନ୍ୟ ଏକ ଭିଡିଓରେ, କିଛି ବକ୍ତା ଖୋଲାଖୋଲି ଭାବରେ ହିନ୍ଦୁ ମନ୍ଦିର ଏବଂ ଧାର୍ମିକ ପ୍ରତିଷ୍ଠାନକୁ ଧମକ ଦେଉଥିବା ଦେଖାଯାଇଛି। ଭିଡିଓ ଅନୁଯାୟୀ, ସେମାନେ ମନ୍ଦିର ଏବଂ ମୂର୍ତ୍ତି ନଷ୍ଟ କରିବା ବିଷୟରେ କଥା ହେଉଛନ୍ତି। ବାଂଲାଦେଶରେ ରହିଥିବା ସଂଗଠନ ଇସ୍କନ, ନାମ ମଧ୍ୟ ଉଲ୍ଲେଖ କରାଯାଇଛି।

cmyk cmyk cmyk

## ମହାନଗର ମହୋତ୍ସବର ନବମ ରଜନୀ

# କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ



ବ୍ରହ୍ମପୁର : ନବମ ରଜନୀରେ ପହଁଚିଛି ୧୩ ତମ ମହାନଗର ମହୋତ୍ସବ. ନବମ ରଜନୀର ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନ ଅଧ୍ୟକ୍ଷ ପ୍ରଫେସର ଡ଼ା.ମନୋଜ କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ବର୍ଷୀୟାନ ସାମ୍ବାଦିକ ଚନ୍ଦ୍ରଧ୍ୱଜ ସାହୁ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ.ଏହା ପୂର୍ବରୁ ଭଞ୍ଜନଗର ଲୋ-ହରାଖଣ୍ଡି ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ହୋଇଥିଲା କବିତା ଓ ସାହିତ୍ୟ ଆସର. ଉଦଘାଟନ ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପରିବେଷଣ ହୋଇଥିଲା ଧମାକାଦାର ଡ୍ୟାନ୍ସ କାର୍ଯ୍ୟକ୍ରମ.ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷରେ ସମସ୍ତ କଳାକାର ଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଥିଲେ.ନବମ ସନ୍ଧ୍ୟାରେ ବ୍ରହ୍ମପୁର ସହରର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାନପତ୍ର ଓ ଉପଢୌକନ ରେ ସମ୍ବର୍ଦ୍ଧିତ କରିଥିଲା ଆୟୋଜକ କମିଟି.ଏହି ଅବସରରେ କମିଟି ସଭାପତି ଗୋପାଳ ପଟ୍ଟନାୟକ, ସମ୍ପାଦକ ନାରାୟଣ ମହାଙ୍କୁଡ, ଉପସଭାପତି ଅନିଲ କୁମାର ପାତ୍ର, ମିହିର ତ୍ରିପାଠୀ ଏବଂ ରାମ ପ୍ରସାଦ ସାମଲ, ସହ ସମ୍ପାଦକ ଶିବ ନାରାୟଣ ପଣ୍ଡା, ଶଙ୍କର ଗୋସ୍ୱାମୀ, ସାଂସ୍କୃତିକ ସଂଯୋଜକ କାର୍ତ୍ତିକ ପାଣିଗ୍ରାହୀ, ରଶ୍ମିତା ପାଣିଗ୍ରାହୀ,ସାଂସ୍କୃତିକ ସମ୍ପାଦକ ସୁଦିପ କୁମାର୍ ସାହୁ, ମିଡ଼ିଆ ସଂଯୋଜକ ମୃତ୍ୟୁଞ୍ଜୟ ସାହୁ, ଅଭିରାମ ପାତ୍ର, ସୁଦର୍ଶନ ପରିଡା, ରୁଦ୍ର ନାରାୟଣ ନାୟକ, ଗୋକୁଳ ତ୍ରିପାଠୀ,ପ୍ରମୁଖ ଉପସ୍ଥିତ ଥିଲେ. ଅତିଥିଗଣ.ମହାନଗର ମହୋତ୍ସବର ନବମ ରଜନୀର କାର୍ଯ୍ୟକ୍ରମକୁ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ ମଧୁସ୍ମିତା ରଥ ଏବଂ ସୁପ୍ରୋଜୀତ ସାହୁ।

## ଆଦର୍ଶ ଶିକ୍ଷକ ନିତ୍ୟାନନ୍ଦ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ

କେନ୍ଦ୍ରାପଡ଼ା,(ପିପିଏସ):ଆଦର୍ଶ ଶିକ୍ଷକ ତଥା ଗଣକବି ଗୋପାଳ ଦାଶ ସ୍ମୃତି ସଂସଦର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ପଳସିଂହା ସ୍ଥିତ ବାସ ଭବନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ବିଶ୍ୱାଳଙ୍କ ସହକର୍ମୀ ଚତୁର୍ଭୁଜ ସାହୁ, ପଣ୍ଡିତ ପଦ୍ମନାଭ ଦାଶ, କେଶବ ବିଶ୍ୱାଳ, ଭଗବାନ ଜେନା, ଜଗଦାନନ୍ଦ ଜେନା, ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ଦାଶ, ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ପରିଡା, ଅନ୍ତର୍ଯ୍ୟାମୀ ବେହେରା, କରୁଣାକର ସେଠୀ, ଅଲେଖ ଦାସ, ପ୍ରହ୍ଲାଦ ରାଉତ,ବିକାଶ ସାମଲ, କାଙ୍ଗାଳି ମହାନ୍ତି, ମଧୁସୂଦନ ସାମଲ , ଶରତ ବିଶ୍ୱାଳ,ଦୋଳ ଗୋବିନ୍ଦ ବେହୁରା ଅଜିତ୍ ମହାପାତ୍ର, ବିଷ୍ଣୁ ଚରଣ ବିଶ୍ୱାଳ, ମଣ୍ଟୁ ଜେନା, ଭକ୍ତ ଦାଶ, ରନ୍ ରେଖା ନନ୍ଦ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ମୃତି ଚାରଣ କରିଥିଲେ। ବଡ଼ ପୁଅ ମନୋଜ ବିଶ୍ୱାଳ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ମୃତିରେ ନିତ୍ୟାନନ୍ଦ ବିଶ୍ୱାଳ ପୁସ୍ତକର ଲୋକାର୍ପଣ କରିଥିଲେ।ଭାବଗ୍ରାହୀ କଳା ନିକେତନର ବିମଳ ପ୍ରସାଦ ପରିଡା, ନିରୁପମା ଜେନା, ଉପେନ୍ଦ୍ର ପାଢ଼ୀ, ରଞ୍ଜନ ବରାଳ, ଅଜୟ ଜେନା, କୈଳାସ ପରିଡା, ଅମର ବିଶ୍ୱାଳ ପ୍ରମୁଖ ଭାବପୂର୍ଣ୍ଣ ଭଜନ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନିରୁପମା ଜେନା ବିମଳ ପରିଡାଙ୍କ ରଚନା ଓ ନିର୍ଦ୍ଦେଶନାରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାଇଥିଲେ। ସାନପୁଅ ଡାକ୍ତର ସଞ୍ଜୟ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋରେଖନାଥଙ୍କ ଜନ୍ମୋତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ

ରଘୁନାଥପୁର(ପିପିଏସ)ଆସନ୍ତା ଅଗ୍ନି ପୂର୍ଣ୍ଣିମାରେ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ଜନ୍ମୋତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି।ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା ଏହାକୁ ପରିଚାଳନା କରିଥିଲେ।ଏଥିରେ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଜଗତସିଂହପୁର ତହସିଲଦାର ପ୍ରଦୀପ୍ତ କୁମାର ସେଠି,ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ ଓ ବିଡିଓ ବିରଞ୍ଚି ନାରାୟଣ ବେ-ହେରା,ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା ବିଶ୍ୱକସେନ ଖୁଣ୍ଟିଆ, ଆରଡବ୍ଲୁଏସଏସ ଯନ୍ତ୍ରୀମନୋରଞ୍ଜନ ଦେହୁରୀ,ତିର୍ତ୍ତୋଲ ବିଦୁତ ବିଭାଗ ଯନ୍ତ୍ରୀ ବନୋଜ ନାୟକ ଓ ମ୍ୟୁନିସପାଲିଟି ସାନିଟେଶନ ଅଧିକାରୀ ଉମାଶଙ୍କର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।ପ୍ରଭୁଙ୍କ ଜନ୍ମୋତ୍ସବରେ ହଜାର ସଂଖ୍ୟକ ଶ୍ରଦ୍ଧାଳୁ ତଥା ଦର୍ଶନାର୍ଥିଙ୍କ ଆଗମନକୁ ଦୃଷ୍ଟିରେ ରଖି ପୀଠ ପରିସରରେ ପର୍ଯ୍ୟାପ୍ତ ପାନୀୟଜଳ,ଉତ୍ତମ ପରିମଳ ବ୍ୟବସ୍ଥା,୨୪ ଘଣ୍ଟିଆ ଫାଷ୍ଟେଡେ ସୁବିଧା ଓ ପୀଠ ପରିସରକୁ ପରିଷ୍କାର ପରିଚ୍ଛନ୍ନତା ରଖିବା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା।ଟ୍ରାଫିକ ଜାମ ପ୍ରମୁଖ ସମସ୍ୟା ହୋଇଥିବାବେଳେ ଏଥିପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରିବା ପାଇଁ ମତ ପ୍ରକାଶ ପାଇଥିଲା।ଏ ସମ୍ପର୍କରେ ତିର୍ତ୍ତୋଲ ଥାନା ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।ଏହାଛଡା ପୀଠ ପକ୍ଷରୁ ଆଗନ୍ତୁକ ହଜାର ହଜାର ଶ୍ରଦ୍ଧାଳୁ ଯାତ୍ରୀଙ୍କ ପାଇଁ ଉପଲବ୍ଧ ପ୍ରସାଦ ସେବନର ସୁବ୍ୟବସ୍ଥା ପାଇଁ ଉପଦେଷ୍ଟା କମିଟିକୁ ସମ୍ପୂର୍ଣ୍ଣ ଦାଇତ୍ୱ ଦିଆଯାଇଥିଲା।ପୂଜକ ଦିଲୀପ କୁମାର ପଣ୍ଡା ପ୍ରସାଦ ପ୍ରସ୍ତୁତ ସହ ସୁପରିଚାଳନା ଓ ସମସ୍ତ ସେବକମାନେ ପ୍ରଭୁଙ୍କ ପୂଜାନୀତିରେ ଯଥାବିଧି ଦାଇତ୍ୱ ନିର୍ବାହ କରିବା ପାଇଁ ସ୍ଥିର ହୋଇଥିଲା।ସବୁବର୍ଷ ପରି ସ୍ଥାନୀୟ ଗୋରେଖ ବାହିନୀ ଯୁବକ ସଂଘର ସଦସ୍ୟଙ୍କ ସହ ଆଖପାଖ ସେଚ୍ଛାସେବି ଅନୁଷ୍ଠାନର ସଦସ୍ୟମାନେ ପ୍ରସାଦ ବଣ୍ଟନ ଦାୟୀତ୍ୱରେ ରହିବେ ବୋଲି ସ୍ଥିର ହୋଇଥିଲା।ଜନ୍ମୋତ୍ସବ ପୂର୍ବରୁ ଯାତ୍ରୀଙ୍କ ସୁବିଧା ପାଇଁ ପରିସରରେ ଭାଙ୍ଗି ଯାଇଥିବା ଟାଇଲର ମରାମତି ଓ ମଝି ଗେଟ ସମ୍ମୁଖ ଭାଗରେ ଥିବା କିଛି ଖାଲୁଆ ସ୍ଥାନକୁ କଂକ୍ରିଟ କରିବା ପାଇଁ ଆଲୋକ ପଣ୍ଡା ପ୍ରସ୍ତାବ ଦେଇଥିଲେ।ଏହାକୁ ପରବର୍ତ୍ତୀ ସମୟରେ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିବାରୁ ଉପସ୍ଥିତ ଯୁବକ ସଂଘର ସଦସ୍ୟମାନେ ଅସୋନ୍ତୋଷ ବ୍ୟକ୍ତ କରିଥିଲେ।ଏହାଛଡା ନିମନ୍ତ୍ରଣ ପତ୍ର,ଅସ୍ଥାୟୀ କାଉଣ୍ଟର ଓ ଅନ୍ୟାନ୍ୟ କାର୍ଯ୍ୟ ତୁଲାଇବା ପାଇଁ ଉପଦେଷ୍ଟା କମିଟିକୁ ଦାଇତ୍ୱ ଦିଆଯାଇଥିଲା।ଏହି ଉପଲକ୍ଷେ ପୀଠ ପରିସରରେ ଭଜନ ସନ୍ଧ୍ୟା ଓ ଡ୍ରାମା ଉତ୍ସବ ହେବ ବୋଲି ସ୍ଥିର ହୋଇଥିଲା।ଏଥିରେ ରମେଶ ଚନ୍ଦ୍ର ପଣ୍ଡା,ଗୋଲେଖ ବିହାରୀ ଦାଶ,ଜ୍ଞାନରଞ୍ଜନ ପଣ୍ଡା,ବୀରକିଶୋର ଦାଶ,ନିରଞ୍ଜନ ଦାଶ,ଉପଦେଷ୍ଟା କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି,ସୁରେନ୍ଦ୍ରନାଥ ସ୍ୱାଇଁ, ସୁଶାନ୍ତ କୁମାର ଦାଶ,ବିଜୟ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।ପୀଠ କିରାଣୀ ସରୋଜ କୁମାର ସାହାଣୀ ସମସ୍ତ ପ୍ରସ୍ତାବକୁ ଲିପିବଦ୍ଧ କରି ରଖିଥିଲେ।

## ବେଆଇନ୍ ବାଲି ଚାଲାଣ

# ବାଲି ବୋଝେଇ ଟ୍ରାକ୍ଟର ଜବତ, ଡ୍ରାଇଭର୍ ଅଟକ

କୋଣାର୍କ(ପି ପିଏସ):- କୋଣାର୍କ ଥାନା ଅନ୍ତର୍ଗତ ତଥା କାକଟପୁର ତହସିଲ ଅଧିନ ଅବଦାନ ପଞ୍ଚାୟତ ଗୁହାଳପୁର ଗ୍ରାମରୁ ବେନିୟମ ଭାବେ ଦୈନିକ ଲଗାତାର ବାଲି ଚୋରା ଚାଲାଣ ବେଳେ ଶନିବାର ସନ୍ଧ୍ୟାରେ ଟ୍ରାକ୍ଟରକୁ ମାଡ଼ି ବସି ଜବତ କଲେ ତହସିଲ ପ୍ରଶାସନ। ସୁଚନା ଅନୁଯାୟୀ ଦୀର୍ଘ ବର୍ଷ ଧରି ସ୍ଥାନୀୟ ଅଞ୍ଚଳର ବାଲି ମାଫିଆ ମାନେ ଦୈନିକ ଟ୍ରାକ୍ଟର ସାହାର୍ଯ୍ୟରେ ବେଆଇନ୍ ଭାବେ ସରକାରୀ ଜମିରୁ ବାଲି ଚୋରା ଚାଲାଣ କରୁଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ସହିତ ଗ୍ରାମବାସୀ ଓ ପରିବେଶପ୍ରେମୀ ମାନେ ଉଦବେଗ ପ୍ରକାଶ କରିଥିଲେ। ଏପରିକି ଟ୍ରାକ୍ଟର ବାଲି ଚୋରା ଚାଲାଣ କାରଣରୁ ୫୦ଏକର ଜମିରୁ ଲକ୍ଷ ଲକ୍ଷ ଟ୍ରିପ୍ ବାଲି ଚୋରା ଚାଲାଣ ହୋଇଛି ଏବଂ ଲକ୍ଷ ଲକ୍ଷ ଟଙ୍କାର ଅଧିକ ମୂଲ୍ୟର ଗ୍ରାମ କଂକ୍ରିଟ ରାସ୍ତା ଓ ପିଚୁ ରାସ୍ତା ନଷ୍ଟ ହେଇଗଲାଣି। କୁଜି ନେତାଙ୍କ ଇଙ୍ଗିତରେ ମିଳିମିଶି ବାଲି ଚୋରା ଚାଲାଣ କରୁଥିଲେ ବାଲି ମାଫିଆ। ବାରମ୍ବାର ଅଭିଯୋଗ ପରେ ତହସିଲ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ଟ୍ରାକ୍ଟର ଫେରାର ହୋଇ ଯାଆନ୍ତି। ଶନିବାର ବାଲି ଘାଟରେ ୪ ଟି ଟ୍ରାକ୍ଟର ବାଲି ନେଉଥିବା କୌଣସି ସୂତ୍ରରୁ ଖବର ପାଇ ତହସିଲଦାର ଅଙ୍କିତା ଆନନ୍ଦିତାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ନିରଞ୍ଜନ ପାତ୍ର, ଚିତ୍ରେଶ୍ୱରୀ ଆରଆଇ ରବୀନ୍ଦ୍ର କୁମାର ବାରିକ ଓ କର୍ମଚାରୀ ପ୍ରମୋଦ କୁମାର ନାୟକ ପ୍ରମୁଖ ଚଢ଼ାଉ କରି ଏକ ବେଆଇନ୍ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ଯେଉଁ ଗାଡିର ଇଞ୍ଜିନ ନମ୍ବର୍ ବିହୀନ ଥିବା ବେଳେ ଟ୍ରଲିରେ ଓଡି - ୧୩ - ଏଫ୍ - ୦୮୭୪ ଲେଖା ଥିବା ଦେଖିବାକୁ ମିଳିଛି। ଅନ୍ୟ ୩ଟି ଟ୍ରାକ୍ଟର ବାଲି ଢାଳି ଅନ୍ଧାରରେ ଘଟଣା ସ୍ଥଳରୁ ପଳାଇ ଥିବା ସୂଚନା ମିଳିଛି। ଏନେଇ ଜିଲ୍ଲା ଖଣିଜ ଅଧିକାରୀ ଓ କୋଣାର୍କ ଥାନା ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା। କୋଣାର୍କ ପୋଲିସ ସୂଚନା ପାଇଁ ରଇତିସାହି ଗ୍ରାମ ନିକଟରୁ ଟ୍ରାକ୍ଟର ଜବତ କରି କୋଣାର୍କ ଥାନାକୁ ନେଇଛି। ଗାଡି ଡ୍ରାଇଭରକୁ ଥାନାରେ ଅଟକ ରଖାଯାଇଛି। ଦୀର୍ଘ ଦିନ ହେବ ଏପରି ବାଲି ଚୋରା ଚାଲାଣ କରୁଥିବା କାରଣରୁ ଅଧିକରୁ ଅଧିକ ଚାଲାଣ କଟାଯିବ ବୋଲି କାକଟପୁର ତହସିଲଦାର ଅଙ୍କିତା ଆନନ୍ଦିତା ସୂଚନା ଦେଇଛନ୍ତି।

## ତାଳଚେର ସରକାରୀ ମେଡିକାଲ୍ କଲେଜରେ ରୋଗୀ ସେବା ଆରମ୍ଭ ପାଇଁ ଧାରଣା



ତାଳଚେର(ପିପିଏସ୍): ତାଳଚେର ସ୍ଥିତ ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ୍ କଲେଜ୍ ରେ ଆନ୍ତଃ ଓ ବାହ୍ୟ ରୋଗୀ ଚିକିତ୍ସା ଦାବୀକୁ ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ଚାଲିଥିବାବେଳେ ଆଜିକୁ ୯ ଦିନରେ ପହଞ୍ଚିଛି। ତାଳଚେର ସ୍ଥିତ ପବିତ୍ର ମୋହନ ମେଡିକାଲ୍ କଲେଜରେ ସୁବିଧା ଥାଇ ମଧ ରୋଗୀ ଦେଖିବା ଆରମ୍ଭ କରାଯାଇ ନାହିଁ । ଏ ନେଇ କମିଟି ପକ୍ଷରୁ ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା। ତୁରନ୍ତ ରୋଗୀ ସେବା ଆରମ୍ଭ କରିବା ପାଇଁ କମିଟି ପକ୍ଷରୁ ଦାବୀ କରାଯାଇଛି । ଆଜିର ଏହି ଗଣଧାରଣାରେ ପ୍ରାକ୍ତନ କଂଗ୍ରେସ ନଗର ପାଳ କେଶବ ଭୁତିଆ ,କମିଟି କାର୍ଯ୍ୟକାରୀ ସଭାପତି ଅଭୟ କୁମାର ପାଣି, ସାଧାରଣ ସଂପାଦକ ବିଜୟ କୁମାର ପ୍ରଧାନ, ବିଜେଡି ସଭ୍ୟ ସୁଲେଖ ସେଠି, କଂଗ୍ରେସ ବରିଷ୍ଠ ନେତା ୧୧ ନମ୍ବର୍ ୱାର୍ଡ ନାଏକ ବାବୁ ପ୍ରଭୃତି ସାମିଲ ଥିଲେ । ତୁରନ୍ତ ରୋଗୀ ସେବା ଆରମ୍ଭ ନହେଲେ ଆଗାମୀ ଦିନରେ ବିଧାନସଭା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

## କୁରାଳ ନୋଡାଲ ହାଇସ୍କୁଲର ବାର୍ଷିକ ପୁରସ୍କାର ଉତ୍ସବ

# ପିଲାଙ୍କ ଦଳଗତ ନୃତ୍ୟରେ ବିଭୋର ଦର୍ଶକ

ଓଡ଼ଗାଁ,( ପିପିଏସ୍): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ନୋଡାଲ ହାଇସ୍କୁଲର ବାର୍ଷିକ ପୁରସ୍କାର ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି।ପ୍ରଧାନ ଶିକ୍ଷକ ଦୀପକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଓଡ଼ଗାଁ ବିଡ଼ିଓ ସୁଶ୍ରୀ ପ୍ରିତିବାଳା ରଣା ମୂଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାପକ ଡା.କୈଳାଶ ଚନ୍ଦ୍ର ବାଣ୍ଠ ଯୋଗଦେଇଥିଲେ।ଏବଂ ନିମନ୍ତ୍ରିତ ଅତିଥିଭାବେ ୧ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ଝିଲି ପ୍ରଧାନ,ସରପଞ୍ଚ ବିଜନ ପାଇକରାୟ,ସମିତିସଭ୍ୟା କନକ ପାତ୍ର,ପଞ୍ଚସଖା ଶିକ୍ଷାଶେତୁ ଅଧକ୍ଷ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ମିଶ୍ର,ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ନିରୁପମା ସାହୁ,ସ୍କୁଲ୍ ପରିଚାଳନା କମିଟି ସଭାନେତ୍ରୀ ସତ୍ୟଭାମା ସାହୁ ପ୍ରମୁଖ ଯୋଗଦେଇ ସମୟାନୁବର୍ତ୍ତିତା,ଉତ୍ତମ ଚରିତ୍ର ଗଠନ ଓ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ।ବିଦ୍ୟାଳୟର ଶିକ୍ଷକ ରାକେଶ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭିନ୍ନ ବିଷୟରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଶିକ୍ଷକ ତଥା ସିଆରସିଶି ମନୋଜ କୁମାର ଦାସ,ନାରାୟଣ ସାହୁ,ଗଙ୍ଗାଧର ଦାସ ଶିକ୍ଷୟତ୍ରୀ ଭାବଦର୍ଶିନୀ ପ୍ରଧାନ,ଛବି ସାହୁ ଓ ସନ୍ତୋଷୀ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଏଂ ଅଭିଭାବକ ସହଯୋଗ କରିଥିବା ଜଣାପଡ଼ିଛି।

# ବିଞ୍ଝାରପୁରୀ ଗୋ ଜାତିର ସଂରକ୍ଷଣ ଓ ଉନ୍ନତି ପାଇଁ ଜାତୀୟସ୍ତରରେ ଶ୍ରେଷ୍ଠ



ଯାଜପୁର (ପିପିଏସ ) ବିଞ୍ଝାରପୁରୀ ଗୋ ପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତି ଯାଜପୁର ର, ଏହି ପ୍ରଜାତି ର ସଂରକ୍ଷଣ ଓ ଉନ୍ନତି ପାଇଁ ବଳିଷ୍ଠ ଅବଦାନ ନିମନ୍ତେ ' ଜାତୀୟ ପ୍ରଜାତି ସଂରକ୍ଷଣ ପୁରସ୍କାର ୨୦୨୫ ରେ ପ୍ରଥମ ପୁରସ୍କାର ଗ୍ରହଣ କରିଛନ୍ତି। ଜାତୀୟ କୃଷି ବିଜ୍ଞାନ ସଂସ୍ଥାନ ନୂଆଦିଲ୍ଲୀ ଠାରେ ଗତ ତା ୧୪/୧/୨୬ ରିଖ ରେ ଏକ ସ୍ୱତନ୍ତ୍ର ଉତ୍ସବ ରେ ମାନ୍ୟବର କେନ୍ଦ୍ରୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀଯୁକ୍ତ ଶିବରାଜ ସିଂ ଚୌହାନ ଙ୍କ ଠାରୁ ସମିତି ର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ କୁମାର ବିଶ୍ୱାଳ ଓ ସମିତି ର ବୈଷୟିକ ପରାମର୍ଶଦାତା ତଥା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ରସୁଲପୁର ଡାଃ ଜ୍ୟୋତି ରଞ୍ଜନ ମହାନ୍ତି ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପୁରସ୍କାର ପାଇଁ ସମିତି ର ସମ୍ପାଦକ ଶ୍ରୀଯୁକ୍ତ ବିଶ୍ୱାଳ, ରାଜ୍ୟ ପ୍ରାଣୀ ସମ୍ପଦ ବିକାଶ ସମିତି ଭୁବନେଶ୍ୱର ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାଃ ସଂଜୀବ କୁମାର ପଟେଲ, ଉପନିର୍ଦ୍ଦେଶକ ଡାଃ ସୌମେନ୍ଦ୍ର ଧଳ, ଜିଲ୍ଲା ପ୍ରଶାସନ ଯାଜପୁର , ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଯାଜପୁର ଡାଃ ସୁବ୍ରତ ମହାପାତ୍ର , ଏହି ପ୍ରଜାତି ର ସଂରକ୍ଷଣ ପାଇଁ ଜିଲ୍ଲା କାର୍ଯ୍ୟ କରିଥିବା ସମସ୍ତ କର୍ମକର୍ତ୍ତା ଓ ଗୋ ପାଳକ ମାନଙ୍କୁ ଶ୍ରେୟ ଦେଇଛନ୍ତି।

# ଖଣ୍ଡା ଧରି ଆତଙ୍କ ସୃଷ୍ଟି କରିଥିବା ୩ ଅଭିଯୁକ୍ତ କୋର୍ଟଚାଲାଣ

ବାଙ୍କୀ , (ପିପିଏସ୍): ବାଙ୍କୀ ଥାନା ଅନ୍ତର୍ଗତ ସିମିଳିପୁର ପଞ୍ଚାୟତ ସ୍ଥିତ କରବର ଗ୍ରାମରେ ପୂର୍ବ ଶତ୍ରୁତା କୁ କେନ୍ଦ୍ର କରି କରବର ଗାଁର ରାହୁଲ ବେହେରା ଗତ ଗୁରୁବାର ଦିନ ଅପରାହ୍ନ ରେ ଗାଁ ସାହି ଭିତରେ ବାଇକ ନେଇ ଯାଉଥିବା ସମୟରେ ବାଇକର ଅତ୍ୟଧିକ ଶବ୍ଦ ହେଉଥିବା ଘଟଣା କୁ କେନ୍ଦ୍ର କରି ସେହି ପଞ୍ଚାୟତ ର ସମିତି ସଭ୍ୟାଙ୍କ ପ୍ରତିନିଧି ଇନ୍ଦ୍ରମଣି ବେହେରା ଏକ ଧାରୁଆ ଖଣ୍ଡା ଧରି ରସ୍ତା ଉପରେ ଆତଙ୍କ ସୃଷ୍ଟି କରିଥିଲେ । ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ । ଯାହାର ଭିଡିଓ ସି ସି ଟିଭି ରେ ରେକର୍ଡ ହୋଇଥିଲା । ଖବର ପାଇ ବାଙ୍କୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଥାନାରେ ଏତଲା ଦେବା ପରେ ବାଙ୍କୀ ପୋଲିସ କେସ ନଂ ୩୦/୨୬ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଆଜି ଶନିବାର ଦିନ ଏହି ଘଟଣା ରେ ସମ୍ପୃକ୍ତ ଅଭିଯୁକ୍ତ ଇନ୍ଦ୍ରମଣି ନାୟକ , ମନ୍ଦର ଧର ନାୟକ ଓ ମଙ୍ଗୁଳି ନାୟକଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଥିବା ବାଙ୍କୀ ଥାନା ଆଇଆଇସି ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ ସୂଚନା ଦେଇଛନ୍ତି ।

## ରଘୁନାଥପୁର ବ୍ଲକ୍ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା

ରଘୁନାଥପୁର, (ପିପିଏସ) ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ରଘୁନାଥପୁର ବ୍ଲକର ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ମଜଭୁତ ସାଙ୍ଗଠନିକ ଦକ୍ଷ୍ୟତାକୁ ପାଥେୟ କରି ଦଳ ତାଙ୍କୁ ଏହି ପଦବୀରେ ବୁନର୍ବାର ଅବସ୍ଥାପିତ କରିବା ନେଇ ରଘୁନାଥପୁର ବ୍ଲକ ଯୁବ ବିଜୁ ଜନତା ଦଳ ପକ୍ଷରୁ ତାଙ୍କୁ ବିପୁଳ ମାତ୍ରାରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥି ସହିତ ବ୍ଲକ ବିଜେଡି ମହଲରେ ଆନନ୍ଦର ବାତାବରଣ ଦେଖା ଯାଇଥିଲା ବେଳେ ଏଥିପାଇଁ ରାଜ୍ୟ ବିଜୁ ଜନତା ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଇ ଜଣାଇଛନ୍ତି । ଶ୍ରୀଯୁକ୍ତ ତ୍ରିପାଠୀଙ୍କୁ ରଘୁନାଥପୁର ବ୍ଲକ ବିଜେଡି ସଭାପତି ଭାବେ ଘୋଷଣା ପରେ ରଘୁନାଥପୁର ବ୍ଲକ ବିଜୁ ଯୁବ ଜନତା ସଭାପତି ଯୋଶେଫ୍ ସ୍ୱାଇଁ, ବିଶ୍ୱଜିତ ଦାଶ,ତାରାକାନ୍ତ ଜେନା, ରାଜେଶ ମିଶ୍ର, ଗୈତମ ପାଲିତ, କୈଳାସ ରାୟ, ମାନସ ଦାସ, ଅନ୍ତର୍ଯ୍ୟାମୀ ସାମଲ, ସରପଂଚ କିଶୋର ବେହେରା, ବଟକୃଷ୍ଣ ନାୟକ, ରହିମ୍ ଖାଁ, ଅଜୟ ସାମଲ, ବସନ୍ତ ସ୍ୱାଇଁ, କୁଞ୍ଜବିହାରୀ ସ୍ୱାଇଁ, ଗଗନ ବିଶ୍ୱାଳ, ପ୍ରତାପ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ଇତିଶ୍ରୀ ମଲ୍ଲିକ, ପ୍ରକାଶ ମଲ୍ଲିକ, ବସନ୍ତ ବାରିକ, ପ୍ରଶାନ୍ତ ଜେନା, ପ୍ରତାପ ପଟ୍ଟନାୟକ, ବିଭୁତି ଭୁଷଣ ନାୟକ ପ୍ରମୁଖ ଶତାଧିକ ବିଜେଡି କର୍ମୀ ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ।


**Notice (for Minor)**

By virtue of an affidavit sworn before Executive Magistrate, Bhadrak dated 09/12/2025 I, Rajendra Sethy,Address S/O –Manoj Kumar Sethy, At/Po -Andhaipally PS – Bhadrak Rural, Dist. – Bhadrak, Odisha Pin – 756112 declare that I have changed the name of my Son from Khirabdhi Sethy to Reyansh Sethy . Henceforth, he shall be known as Reyansh Sethy for all purposes.

**Rajendra Sethy**

**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender ID : 2025_ORULB_123536**

**Bid Reference No. MC(CMC)CTC_Div-II_No.28/2025-26**

**Tender Call Notice No. 664 (PW) Date. 16.01.2026**

Name of Works : Civil Works

No of Works : 11 Nos

Bid Value : Rs. 4.45 Lakh to Rs. 41.63

Date of Completion : One Calendar Month to Three Calendar Months

Date and Time schedule :

| Start | End | Opening |
|---|---|---|
| 3.00 PM on dt. 20.01.2026 | 5.00 PM on dt.31.01.2026 | 11.00 A.M. on dt. 04.02.2026 |

Tender Details : can be seen from the procurement portal : www.tendersorissa.gov.in

OIPR- C-2123 Executive Engineer, City Div-II

**OFFICE OF THE DIVISIONAL FOREST OFFICER,**
**CUTTACK FOREST DIVISION, CUTTACK-10**
**E-Mail ID :** dfo.cuttack@odisha.gov.in

**GOVERNMENT OF ODISHA "e" procurement Notice**
**for SMC Works**
**Bid Identification No. DFO-CTC - 04 of 2025-26**

| | | | |
|---|---|---|---|
| 1. | Name of the Work | :- | 2 Nos. SMC works. |
| 2. | Estimated Cost | :- | Rs.25.91 Lakhs to 49.94 Lakhs(Appx.) |
| 3. | Class of Contractor | :- | "B" Class for Sl. No.1 and "C" & "B" Class for Sl. No.2 |
| 4. | Tender Paper Cost | :- | Rs.6,000/- (Online) for each work |
| 5. | Period of completion | :- | 02 (Two) calendar Months |
| 6. | Date & time of availability of bid document in the portal | :- | From 20.01.2026 to 5PM of 29.01.2026 |
| 7. | Last date / time of receipt of bids in the portal | :- | 5PM of 29.01.2026 |
| 8. | Date & time of opening of bids | :- | 11AM of 30.01.2026 |
| 9. | Name and address of the Officer Inviting Bid | :- | Divisional Forest Officer, Cuttack Forest Division, Cuttack. |

Further details can be seen from the e-procurement portal "https://tendersodisha.gov.in

15.01.26
(Sri Anil Kumar Ray)
Divisional Forest Officer,

OIPR-MM 497

**'e' PROCUREMENT NOTICE NO.17/2025-26**

| | | | |
|---|---|---|---|
| 1 | Name of work. | : | Road Work |
| 2. | Total No. of Work. | : | 1(One) work. |
| 3. | Estimated Cost. | : | Rs.84.47 lakhs. |
| 4. | Period of Completion. | : | 01(One) Calendar Month. |
| 5. | Class of contractors. | : | 'B' Class only. |

**Other details as follows:**

a) Procurement officer. : Superintending Engineer, Rural Works Division,Cuttack.

b) Availability of tender online for bidding :From dt.21.01.2026 at 11.00 A.M. to dt.30.01.2026 up to 5.00 P.M.

c) Last date & time of seeking of tender clarification. : dt.29.01.2026 up to 5.00 P.M..

d) Date & Time of Opening Technical Bid : dt.31.01.2026 at 11.00 A.M.

Further details can be seen from the Govt. website www.tenderodisha.govin

15.1.26
Superintending Engineer
Rural Works Division
Cuttack

OIPR-2062-O


cmyk cmyk cmyk





# ଟ୍ୱେଣ୍ଟି-୨୦ : ଶ୍ରେୟାସ ଓ ବିଷ୍ଣୋଇ ସାମିଲ



ନୂଆଦିଲ୍ଲୀ: ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଲାଗି ଭାରତୀୟ ଦଳରେ ବ୍ୟାଟର ଶ୍ରେୟସ ଆୟର ଓ ଲେଗ୍ ସ୍ପିନର ରବି ବିଷ୍ଣୋଇଙ୍କୁ ସାମିଲ କରାଯାଇଛି। ଆହତ ଯୋଗୁଁ ପୂରା ଶୃଙ୍ଖଳାରୁ ବାଦ୍ ପଡ଼ିଥିବା ଅଲରାଉଣ୍ଡର ୱାସିଂଟନ୍ ସୁନ୍ଦରଙ୍କ ସ୍ଥାନରେ ବିଷ୍ଣୋଇଙ୍କୁ ଦଳରେ ସ୍ଥାନ ମିଳିଛି। ସେହିଭଳି ସମାନ କାରଣ ପାଇଁ ପ୍ରଥମ ୩ ଟ୍ୱେଣ୍ଟି-୨୦ରୁ ବାଦ୍ ପଡ଼ିଥିବା ତିଳକ ବର୍ମାଙ୍କ ସ୍ଥାନ ନେଇଛନ୍ତି ଶ୍ରେୟସ ଆୟର। ବିଷ୍ଣୋଇ ୪୨ ଟ୍ୱେଣ୍ଟି-୨୦ ଖେଳି ୬୧ ୱିକେଟ୍ ନେଇଛନ୍ତି। ଶେଷ ଥର ଲାଗି ସେ ଗତ ବର୍ଷ ଫେବ୍ରୁଆରିରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ଟ୍ୱେଣ୍ଟି-୨୦ ଶୃଙ୍ଖଳା ଚଳିତ ମାସ ୨୧ ତାରିଖରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ନାଗପୁରରେ ଖେଳାଯିବ।

ଭାରତୀୟ ଟ୍ୱେଣ୍ଟି-୨୦ ଦଳ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅକ୍ଷର ପଟେଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନ୍, ଶ୍ରେୟସ ଆୟର, ହାର୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂହ, ଯଶପ୍ରୀତ ବୁମ୍‌ରା, ହର୍ଷିତ ରାଣା, ଅର୍ଶଦୀପ ସିଂହ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଈଶାନ କିଶନ ଓ ରବି ବିଷ୍ଣୋଇ।

## ଖେଳପ୍ରେମୀଙ୍କ ପାଇଁ ଫିଫାର ବଡ଼ ସୂଚନା

ଫ୍ଲୋରିଡ଼ା: ଚଳିତ ବର୍ଷ ପୁରୁଷ ଫୁଟ୍‌ବଲ ବିଶ୍ୱକପ୍ ପାଇଁ ୫୦୦ ନିୟୁତରୁ ଊର୍ଦ୍ଧ୍ୱ ଟିକେଟ ଲାଗି ଅନୁରୋଧ ଆସିଥିବା ଫିଫା ବୁଧବାର ପ୍ରକାଶ କରିଛି। ଫୁଟ୍‌ବଲର ଗଭର୍ଣ୍ଣିଂବଡ଼ି କହିଛି ଆୟୋଜକ ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ କାନାଡା ବାହାରେ ଜର୍ମାନୀ, ଇଂଲଣ୍ଡ, ବ୍ରାଜିଲ, ସ୍ପେନ, ପର୍ତ୍ତୁଗାଲ, ଆର୍ଜେଣ୍ଟିନା ଓ କଲମ୍ବିଆରେ ବାସ କରୁଥିବା ଖେଳପ୍ରେମୀଙ୍କ ତରଫରୁ ଅଧିକ ଅନୁରୋଧ ଆସିଛି। ଫିଫା ଟିକେଟ ପିଛା ୮, ୬୮୦ ଡଲାର ପାଇଁ କହିଥିଲା। ମାତ୍ର ସମାଲୋଚନା ପରେ ଫିଫା ଗତ ମାସରେ କହିଥିଲା ଯେ, ଏହି ଟୁର୍ନାମେଣ୍ଟରେ ୪୮ଟି ଜାତୀୟ ମହାସଂଘ ଲାଗି ପ୍ରତି ମ୍ୟାଚ ପିଛା ଟିକେଟର ମୂଲ୍ୟ ୬୦ ଡଲାର ଧାର୍ଯ୍ୟ କରିଛି। ଟିକେଟଗୁଡ଼ିକ କିପରି ବଣ୍ଟନ କରାଯିବ ତାହା ମହାସଂଘଗୁଡ଼ିକ ସ୍ଥିର କରିବେ। ତୃତୀୟ ପର୍ଯ୍ୟାୟ ବିକ୍ରି ଗତ ଡିସେମ୍ବର ୧୧ରୁ ମଙ୍ଗଳବାର ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଫ୍ଲୋରିଡ଼ାର ମାୟାମି ଗାର୍ଡେନ୍ସଠାରେ ଜୁନ୍ ୨୭ରେ ଖେଳାଯିବାକୁଥିବା କଲମ୍ବିଆ ବନାମ ପର୍ତ୍ତୁଗାଲ ମ୍ୟାଚର ଚାହିଦା ସବୁଠାରୁ ଅଧିକ ରହିଥିଲା।

# ବାଂଲାଦେଶକୁ ପ୍ରବର୍ତ୍ତାଇବାକୁ ଢାକା ଗସ୍ତ କରିବେ ଆଇସିସି ପ୍ରତିନିଧିମଣ୍ଡଳୀ



ଦୁବାଇ: ଆସନ୍ତା ଫେବୃଆରି ୭ରୁ ଭାରତ ଓ ଶ୍ରୀଲଙ୍କାରେ ଆରମ୍ଭ ହେଉଥିବା ପୁରୁଷ ଟ୍ୱେଣ୍ଟି-୨୦ ବିଶ୍ୱକପ ନିମନ୍ତେ ବାଂଲାଦେଶର ଭାରତ ଗସ୍ତ ଏବେ ବି ଅନିଶ୍ଚିତ ରହିଛି। ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)କୁ ପ୍ରବର୍ତ୍ତାଇବାକୁ ଅନ୍ତର୍ଜାତୀୟ କ୍ରିକେଟ ବୋର୍ଡର ବାରମ୍ବାର ଉଦ୍ୟମ ସତ୍ତ୍ୱେ ଅଚଳାବସ୍ଥା ଜାରି ରହିଛି। ଭାରତ ଗସ୍ତ ନ କରିବାକୁ ବିସିବି ଅଡ଼ିବସିଥିବାରୁ ଏହି ଅଚଳାବସ୍ଥା ଜାରି ରହିଛି। ଏବେ ବିସିବିକୁ ବୁଝାଇବାକୁ ଆଇସିସି ପକ୍ଷରୁ ଏକ ଶେଷ ଉଦ୍ୟମ କରାଯାଉଛି। ଆଇସିସିର ଦୁଇଜଣ ପ୍ରତିନିଧି ଖୁବଶୀଘ୍ର ବାଂଲାଦେଶ ଗସ୍ତ କରି ବିସିବି ଅଧିକାରୀମାନଙ୍କ ସହ ବୈଠକ କରିବେ। ଏହା ସହିତ ସେମାନେ ବାଂଲାଦେଶର ୟୁନୁସ ସରକାରଙ୍କ ସହ ବି ବୈଠକ କରି ଅଚଳାବସ୍ଥା ଦୂର କରିବାକୁ ଉଦ୍ୟମ କରିବେ। ଅନ୍ତର୍ଜାତୀୟ କ୍ରିକେଟରେ ବାଂଲାଦେଶ ଯେପରି ଅବହେଳିତ ଅନୁଭବ ନ କରେ ତାହା ଦୂର କରିବାକୁ ଆଇସିସି ଉଦ୍ୟମ କରୁଛି। ବାଂଲାଦେଶର ସୁରକ୍ଷା ଚିନ୍ତାକୁ ମଧ୍ୟ ଦୂର କରିବାକୁ ଉଦ୍ୟମ କରାଯାଉଛି। ଏହା ସହିତ ବିଶ୍ୱକପରେ ଅଂଶଗ୍ରହଣ କରୁଥିବା ଅନ୍ୟ ୧୯ଟି ଦେଶ ଯେପରି ସମସ୍ୟାରେ ନ ପଡ଼ନ୍ତି ତାହା ଉପରେ ବି ଗୁରୁତ୍ୱ ରଖାଯାଇଛି। କାରଣ ବାଂଲାଦେଶର ଅନୁରୋଧ ମାନି ତାହାର ମ୍ୟାଚକୁ ଶ୍ରୀଲଙ୍କାକୁ ସ୍ଥାନାନ୍ତରୀତ କଲେ ଅନ୍ୟ ଦେଶର ଖେଳାଳି, ଅଫିସିଆଲ ଓ ପ୍ରଶଂସକମାନେ ବି ସମସ୍ୟାରେ ପଡ଼ିବେ। ଏଣୁ ସମସ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବାଂଲାଦେଶକୁ ମନେଇବାକୁ ଉଦ୍ୟମ କରୁଛି ଆଇସିସି।

# ପୂର୍ବତନ ସ୍ୱାମୀଙ୍କ ବିଷୟରେ ମୁହଁ ଖୋଲିଲେ ମେରୀ

ନୂଆଦିଲ୍ଲୀ: ବକ୍ସିଂରେ ପାଞ୍ଚ ଥର ଚାମ୍ପିଅନ ମେରୀ କମ୍? ଏବେ ଚର୍ଚ୍ଚାରେ ରହିଛନ୍ତି। କାରଣ ହେଉଛି ଯେ ମେରୀଙ୍କ ପୂର୍ବତନ ସ୍ୱାମୀ ଅନଲରଙ୍କ ସହ ତାଙ୍କର ବିବାଦ ସାର୍ବଜନୀନ ହେବା ପରେ ଖୁବ ବିବାଦରେ ଅଛନ୍ତି। ଏହି ଦମ୍ପତ୍ତି ଏବେ ଅଲଗା ରହିଥିବା ବେଳେ ଉଭୟଙ୍କ ଦ୍ୱାରା ପରସ୍ପର ବିରୁଦ୍ଧରେ ବିଭିନ୍ନ ପ୍ରକାରର ଅଭିଯୋଗ ଆଣୁଛନ୍ତି। ଏକ ସାକ୍ଷାତକାରରେ ମେରୀ କମ୍? କହିଛନ୍ତି ଯେ ଅନଲରଙ୍କୁ ନେଇ କହିଛନ୍ତି ଯେ ସେ କୌଣସି ବଳିଦାନ ଦେଇନଥିଲେ, କାରଣ ସେମାନେ ପ୍ରଥମେ ବିବାହ କରିବା ସମୟରେ କିଛି ରୋଜଗାର କରୁନଥିଲେ। ମେରୀ କହିଛନ୍ତି ଯେ ସେ ପରିବାର ପାଇଁ ଏକମାତ୍ର ରୋଜଗାରକ୍ଷମ ଥିଲେ। ଯେତେବେଳେ ଅନଲର କେବଳ ଘରେ ଶୋଇବା କାମ ହିଁ କରୁଥିଲେ। ସତ କହିବାକୁ ଗଲେ ସେ ଗୋଟିଏ ଟଙ୍କା ମଧ୍ୟ ରୋଜଗାର କରୁନଥିଲେ। କେବଳ ସେ ସାରା ଦିନ ଶୋଇ ରହୁଥିଲେ। କିମ୍ବଦନ୍ତି ମୁଷ୍ଟିଯୋଦ୍ଧା ମେରୀ ଆହୁରି ମଧ୍ୟ କହିଛନ୍ତି ଯେ ଯେତେବେଳେ ସେ ପରିବାର ପ୍ରତିପୋଷଣ ପାଇଁ ରିଙ୍ଗରେ କଠିନ ପରିଶ୍ରମ କରି ବକ୍ସିଂ ଖେଳୁଥିଲେ ସେତେବେଳେ ତାଙ୍କ ସ୍ୱାମୀ ଅନଲର ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଯାଉଥିଲେ। ମେରୀଙ୍କ ରୋଜଗାର, ଅର୍ଥାତ ଜଣେ ଝିଅର ରୋଜଗାରରେ ସେ ବଞ୍ଚୁଥିଲେ। ମେରୀ କହିଛନ୍ତି ମୁଁ ବହୁତ ଦୁଃଖିତ ଅନୁଭବ କରୁଥିଲି। ମୁଁ ଏତେ ରୋଜଗାର କରୁଥିଲି, ମୋର ପୁରା ବିଶ୍ୱା ତାଙ୍କ ଉପରେ ଥିଲା, କିନ୍ତୁ ପରେ ମୁଁ ଜାଣିବାକୁ ପାଇଲି ଯେ ମୋର ଆକାଉଣ୍ଟ ପ୍ରାୟ ଖାଲି ହୋଇଯାଇଥିଲା। ସେପଟେ ମେରୀ କମ୍? ଙ୍କ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି ତାଙ୍କ ପୂର୍ବତନ ସ୍ୱାମୀ ଅନଲର। ମେରୀ କହିଛନ୍ତି ନିର୍ବାଚନ ଲଢ଼ିବା ପାଇଁ ବହୁତ ଟଙ୍କା ଖର୍ଚ୍ଚ କରିଥିଲେ, ଏଥିପାଇଁ ବି ରାଜନୀତିରେ ଆସିବାକୁ ମଧ୍ୟ ତାଙ୍କ ସ୍ୱାମୀ ବାଧ କରିଥିଲେ। ୨୦୧୬ରେ ତାଙ୍କ ରାଜ୍ୟସଭାକୁ ସାଂସଦ ଭାବରେ ମନୋନୀତ କରାଯାଇଥିଲା। ଯେତେବେଳେ ଏହି କାର୍ଯ୍ୟକାଳ ଶେଷ ହେଉଥିଲା ସେ ମୋତେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବାଧ କରିଥିଲେ। ମେରୀ କହିଛନ୍ତି ଯେ ବିବାହ ବେଳେ ଅନଲର ଗୋଟିଏ ବି ଟଙ୍କା ମଧ୍ୟ ରୋଜଗାର କରିନଥିଲେ, କିନ୍ତୁ ସେ ମୋତେ କହିଥିଲେ ଯେ ସେ ଶିଲଂର ଉତ୍ପାଦ ଏବଂ କଷ୍ଟମ୍ସ ବିଭାଗ ପାଇଁ ଜଣେ ଚୁକ୍ତିଭିତ୍ତିକ ଫୁଟବଲ ଖେଳାଳି ଥିଲେ ଏବଂ ୟୁପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ।



# ରଣଜୀ ଟ୍ରଫିରୁ ଓହରିଗଲେ ରାହାଣେ



ନୂଆଦିଲ୍ଲୀ, ୧୭।୧: ମୁମ୍ବାଇର ଅଭିଜ୍ଞ ବ୍ୟାଟସମ୍ୟାନ ଅଜିଙ୍କ୍ୟ ରାହାଣେ ରଣଜୀ ଟ୍ରଫିରେ ଖେଳିବେ ନାହିଁ। ସେ ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମସିଏ)କୁ ସୂଚନା ଦେଇଛନ୍ତି ଯେ ସେ ବ୍ୟକ୍ତିଗତ କାରଣରୁ ଏହି ସିଜିନରେ ବାକି ଥିବା ରଣଜୀ ଟ୍ରଫି ମ୍ୟାଚ ଖେଳିବେ ନାହିଁ। ମୁମ୍ବାଇ ଜାନୁଆରୀ ୨୨ ରୁ ୨୫ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦ ବିପକ୍ଷରେ ଏହାର ବାକି ଥିବା ଦୁଇଟି ଲିଗ ମ୍ୟାଚ ମଧ୍ୟରୁ ପ୍ରଥମ ମ୍ୟାଚ ଖେଳିବ ଏବଂ ଜାନୁଆରୀ ୨୯ ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଏମସିଏ-ବିକେସି ଗ୍ରାଉଣ୍ଡରେ ଦିଲ୍ଲୀ ବିପକ୍ଷରେ ମ୍ୟାଚ ଖେଳିବ।

ଇଣ୍ଡିଆନ ଏକ୍ସପ୍ରେସରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ରାହାଣେ ଏମସିଏକୁ ସୂଚନା ଦେଇଛନ୍ତି ଯେ ସେ ବାକି ଦୁଇଟି ରେଡ-ବଲ ମ୍ୟାଚ ପାଇଁ ଉପଲବ୍ଧ ହେବେ ନାହିଁ, କାରଣ ହାଇଦ୍ରାବାଦ ମ୍ୟାଚ ପାଇଁ ମୁମ୍ବାଇ ଦଳ ଜାନୁଆରୀ ୧୭ ତାରିଖରେ ଘୋଷଣା କରାଯିବ। ୩୭ ବର୍ଷୀୟ ରାହାଣେ ଗତ ଦୁଇଟି ସିଜିନ ପାଇଁ ମୁମ୍ବାଇର ପ୍ରତିନିଧିତ୍ୱ କରିଛନ୍ତି କିନ୍ତୁ ଜୁଲାଇ ୨୦୨୩ ପରଠାରୁ ଭାରତ ପାଇଁ ଖେଳି ନାହାଁନ୍ତି। ସେ ଆଗାମୀ ଆଇପିଏଲ ସିଜିନ ପାଇଁ କୋଲକାତା ନାଇଟ ରାଇଡର୍ସ ଦଳର ମଧ୍ୟ ଅଂଶ। ରାହାଣେଙ୍କ ପ୍ରଦର୍ଶନ ଏହି ରଣଜୀ ଟ୍ରଫି ସିଜିନ ରେ ହାରାହାରି ରହିଛି, ସେ ଚାରିଟି ମ୍ୟାଚରେ କେବଳ ଗୋଟିଏ ଶତକ କରିଛନ୍ତି। ଏହି ସିଜିନ ପୂର୍ବରୁ ରାହାଣେ ମୁମ୍ବାଇ ଅଧିନାୟକ ପଦରୁ ଇସ୍ତଫା ଦେଇଥିଲେ, କହିଥିଲେ ଯେ ଏହା ଜଣେ ଯୁବ ଖେଳାଳିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାର ସମୟ ଆସିଛି। ଶାର୍ଦ୍ଦୁଳ ଠାକୁରଙ୍କୁ ନୂତନ ଅଧିନାୟକ ନିଯୁକ୍ତ କରାଯାଇଛି। ଅଧିନାୟକ ପଦ ଛାଡିବା ସତ୍ତ୍ୱେ, ରାହାଣେ ଜଣେ ଖେଳାଳି ଭାବରେ ଦଳରେ ଅବଦାନ ରଖିବାକୁ ତାଙ୍କର ପ୍ରତିବଦ୍ଧତା ପ୍ରକାଶ କରିଥିଲେ।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

**ପ୍ରଜାତନ୍ତ୍ର ସାପ୍ତାହିକୀ**

୧୮-୨୪ ଜାନୁଆରୀ- ୨୦୨୬

ଯୁଦ୍ଧମୁହାଁ ବିଶ୍ୱ




**ଜାତୀୟ:** ଇଡି ବନାମ ମମତା
**ଅନ୍ତର୍ଜାତୀୟ:** ଆମେରିକା ଭୟରେ ଦେଶ ଛାଡ଼ିବେ ଇରାନ ସୁପ୍ରିମ ଲିଡର !
**ବିଶେଷ ପ୍ରସଙ୍ଗ:** କ୍ଷମତା ପାଇଁ କଂଗ୍ରେସ-ବିଜେପି ଏକାଠି
**ନାରୀ:** : ସୁନ୍ଦର ଦିଶିବାର ସାତ ସୂତ୍ର
**କ୍ଷୁଦ୍ରଗଳ୍ପ:** ସପନିର ସ୍ୱପ୍ନ
**ଚଳଚ୍ଚିତ୍ର:** ଚର୍ଚ୍ଚାରେ 'ବର୍ଡର-୨' ଅଭିନେତା
ଅମୀରଙ୍କ ପୁଅଙ୍କ ଖେଳ ବିଗାଡ଼ି ଦେଲେ ସଲମାନ
**ଖେଳ:** ଏସ୍‌ଜିଏଫ୍‌ଆଇ ତୀରନ୍ଦାଜ ପ୍ରତିଯୋଗିତାରେ ଓଡ଼ିଶା ଛାତ୍ରଛାତ୍ରୀଙ୍କ ଐତିହାସିକ ସଫଳତା
**ମୀନାବଜାର:** ପ୍ରେମ, ଚର୍ଚ୍ଚାରେ: ପୁଅ ପିଲାଙ୍କୁ ହାଫ୍‌ପ୍ୟାଣ୍ଟ ମନା, ବିଜ୍ଞାନ: ଏମିତି ଦେଶ, ଯେଉଁଠି ବିବାହ ପୂର୍ବରୁ ବରକନ୍ୟାଙ୍କ ଡାକ୍ତରୀ ପରୀକ୍ଷା ବାଧ୍ୟତାମୂଳକ, ପର୍ଯ୍ୟଟନ: ଶିମିଳିପାଳରେ ବଣଭୋଜି, ବାସ୍ତୁ: ଘର ସଜେଇବାକୁ ନକଲି ପ୍ଲାଷ୍ଟିକ ଫୁଲ ବ୍ୟବହାର କରୁଛନ୍ତି କି ? ଭଳି ଏଥିରେ ରହିଛି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**


# ୧୯ ବର୍ଷରୁ କମ୍ ଟି-୨୦ ବିଶ୍ୱକପ୍ : ନିଜକୁ ଆଉଟ୍ କଲେ ପାକ୍ ବ୍ୟାଟ୍ସମ୍ୟାନ୍

ହାରାରେ: ଜିମ୍ବାୱେରେ ଅନୁଷ୍ଠିତ ୧୯ ବର୍ଷରୁ କମ ଟ୍ୱେଣ୍ଟି-୨୦ ବିଶ୍ୱକପର ଏକ ଲିଗ୍ ମ୍ୟାଚରେ ଇଂଲଣ୍ଡ ପାକିସ୍ତାନକୁ ୩୭ ରନରେ ପରାସ୍ତ କରିଛି। ଏହି ମ୍ୟାଚରେ ପାକିସ୍ତାନ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୪୬.୫ ଓଭରରେ ୨୧୦ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବେନ ଡାଓକିନ୍ସ ୩୩ ରନ କରିଥିବାବେଳେ ସେଲେବ ଫାଲକନର ୬୬ ରନ କରିଥିଲେ। ଏହାର ଜବାବରେ ପାକିସ୍ତାନ ୪୬.୩ ଓଭରରେ ୧୭୩ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଫରହାନ ୟୁସୁଫ ୬୫ ରନ କରିଥିଲେ। କିନ୍ତୁ ଅନ୍ୟ ବ୍ୟାଟ୍ସମ୍ୟାନମାନେ ବଡ଼ ସ୍କୋର କରିପାରିନଥିଲେ। ଇଂଲଣ୍ଡ ପକ୍ଷରୁ ଜେମ୍ସ ମିଣ୍ଟୋ, ରାଲଫି ଆଲବର୍ଟ ଓ ଆଲେକ୍ସ ଗ୍ରିନ ୨ଟି ଲେଖାଏଁ ୱିକେଟ ନେଇଥିଲେ।

ତେବେ ଏହି ମ୍ୟାଚଟି ଭିନ୍ନ ଏକ କାରଣରୁ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଛି। ତାହା ହେଉଛି ପାକିସ୍ତାନୀ ଟେଲଏଣ୍ଡର ବ୍ୟାଟ୍ସମ୍ୟାନ ଅଲି ରାଜାଙ୍କ ଅଜବ ରନ ଆଉଟ୍। ଏହି ରନଆଉଟକୁ ଦେଖିଲେ କୁହାଯାଇପାରିବ ଯେ ସେ ଯେପରି ନିଜେ ନିଜକୁ ଆଉଟ କରିଦେଲେ। ମ୍ୟାଚର ୪୭ତମ ଓଭରରେ ଦଳ ୧୭୩ ରନ କରିଥିବାବେଳେ ରାଜା ବିନା କୌଣସି ରନ ନେବାକୁ ଉଦ୍ୟମ କରି ହଠାତ କ୍ରିଜ୍ ବାହାରକୁ ପଳାଇଆସିଥିଲେ। ଯେତେବେଳେ ତାଙ୍କୁ ରନ ଆଉଟ କରିବାକୁ ଇଂଲଣ୍ଡ ଫିଲ୍ଡର ବେନ ମେୟର୍ସ ବଲ ପକାଇଲେ ସେ ବଲକୁ କିପର ଥମାସ ରିଉଙ୍କ ହାତକୁ ଯିବାକୁ ଦେଲେ। ପରେ ରାଜା ନିଜର ଭୁଲ ବୁଝି କ୍ରିଜକୁ ଫେରିବାବେଳେ ବିଳମ୍ବ ହୋଇଯାଇଥିଲା।

# ପ୍ରଥମ ଜାତୀୟ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା



ବ୍ରହ୍ମପୁର(ପିପିଏସ୍):ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମ ଠାରେ ପ୍ରଥମ ରାଜ୍ୟ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା (ଭାରତ୍ତୋଳନ) ଖେଳାଳୀ ଚୟନ ଶିବିର ଉଦ୍‌ଘାଟନ ହୋଇଯାଇଛି। ଶିବିରରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ୧୬ଟି କ୍ରୀଡ଼ା ବର୍ଗରେ ୧୪ଟି ଜିଲ୍ଲାରୁ ୯୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଦ୍ ?ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟା, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥସାରଥୀ ହାଂସଦା, ଉପସ୍ଥିତ କାର୍ଜୀ, ଜିଲ୍ଲା କ୍ରୀଡ଼ା ଅଧିକ ?ାରୀ ତପନ କୁମାର ସାମଲ, ରାଜ୍ୟ ଭାରତ୍ତୋଳନ ସଂଘର ସଭାପତି ଇ.ଚିତ୍ତରଞ୍ଜନ ସ୍ୱାଇଁ, ଅନ୍ତରୀଣ ସମ୍ପାଦକ ଗୋପାଳ କୃଷ୍ଣ ଦାସ, ଅଲମ୍ପିଆନ କେ.ରବିକୁମାର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଯୋଗ୍ୟ ବିବେଚିତ କ୍ରୀଡ଼ାବିତ ଜାତୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ। ତନ୍ମଧ୍ୟରୁ କ୍ରୀଡ଼ାବିତ ବଛାଯାଇ ଛତିଶଗଡ଼ ବସ୍ତର ଜିଲ୍ଲା ଠାରେ ଅନୁଷ୍ଠିତ ଜାତୀୟ ଜନଜାତି କ୍ରୀଡ଼ାରେ ନିଜର ପ୍ରତିଭା ପ୍ରତିପାଦନ କରିବାକୁ ସୁଯୋଗ ମିଳିବ।

# ଗଞ୍ଜାମ ଜୁନିଅର୍ ବାଳକ ଓ ବାଳିକା ହ୍ୟାଣ୍ଡବଲ୍ ଦଳର ରାୟଗଡ଼ା ଯାତ୍ରା



ବ୍ରହ୍ମପୁର(ପିପିଏସ୍):ଆସନ୍ତା ୧୮ରୁ ୨୦ତାରିଖ ପର୍ଯ୍ୟନ୍ତ ରାୟଗଡ଼ାର ବିଶମକଟକ ଠାରେ ହେବାକୁ ଥିବା ୩୧ତମ ଅନ୍ତଃ ଜିଲ୍ଲା ହ୍ୟାଣ୍ଡବଲ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିବା ପାଇଁ ଗଞ୍ଜାମ ଜିଲ୍ଲାର ଉଭୟ ବାଳକ ଓ ବାଳିକା ଦଳ ୧୬/୧୬ଜଣ ଯାତ୍ରା କରିଛନ୍ତି। ସେହିଭଳି ଟୁର୍ଣ୍ଣାମେଣ୍ଟରେ ଖେଳ ପରିଚାଳନା ଓ ରେଫରୀ ଦାୟିତ୍ୱ ତୁଲାଇବା ପାଇଁ ଗଞ୍ଜାମରୁ ସନ୍ଦୀପ କୁମାର ପାତ୍ର, ବିକାଶ କୁମାର ସାସମଲ, ରମାସିଶ ଜେନା, ଜ୍ୟୋତି ପାତ୍ର ଓ ପ୍ରମୋଦ କୁମାର ପଟ୍ଟନାୟକ ରାୟଗଡ଼ା ଯାତ୍ରା କରିଛନ୍ତି। ଉଭୟ ବାଳକ ଓ ବାଳିକା ଦଳ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ନିୟମିତ ଏନ ଆଇ ଏସ କୋଚ୍ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ଅଭ୍ୟାସ କରୁଛନ୍ତି। ବିଗତ ବର୍ଷ ଗଂଜାମର ଏହି ବାଳିକା ଦଳ ବ୍ରହ୍ମପୁର ଠାରେ ଆୟୋଜିତ ଅନ୍ତଃଜିଲ୍ଲା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଚମ୍ପିୟାନ ହୋଇଥିଲେ। ଚଳିତ ଥର ମଧ୍ୟ ଉଭୟ ଦଳ ଉନ୍ନତ ଖେଳ ପ୍ରଦର୍ଶନ କରି ଚମ୍ପିୟାନ ହେବେ ବୋଲି ଗଞ୍ଜାମ ଜିଲ୍ଲା ସଂଘର କାର୍ଯ୍ୟକାରୀ ସଭାପତି ଆଶୋକ କୁମାର ଶୁକ୍ଳ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ି, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, ଉପ ସଭାପତି ରାଜେଶ କୁମାର ସାହୁ ଓ କୋଷାଧ୍ୟକ୍ଷ ଡ଼ା ମୋନାଜ କୁମାର ପାତ୍ର ଆଶା ବ୍ୟକ୍ତ କରି ଶୁଭେଚ୍ଛା ଜଣାଇଛନ୍ତି।

ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583